

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୨୭ ଭୁବନେଶ୍ୱର ଗୁରୁବାର, ମଇ ୦୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.227 Bhubaneswar, Thursday, May 08, 2025


# ତାଣ୍ଡବ ରଚିଲା ରାଫେଲ

## ପାକିସ୍ତାନରେ ପଶି ଆତଙ୍କୀ ଆଡ୍ଡା ଧ୍ୱଂସ କଲା, ରାତିର ଛାତି ଚିରି ରକ୍ତର ବଦଲା ରକ୍ତରେ ନେଲା





## ଏୟାର ଷ୍ଟ୍ରାଇକ୍‌ରେ ମାସୁଦ ଅଜହର ପରିବାର ଶେଷ: ୧୦ ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୭/୫: ଭାରତ ପାକିସ୍ତାନକୁ ଏକ ଶକ୍ତ ଝଟକା ଦେଇଛି। ସେନା, ନୌସେନା ଏବଂ ବାୟୁସେନାର ମିଳିତ ଅପରେସନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି। ଭାରତ ଏହି ଅଭିଯାନର ନାମ ଅପରେସନ ସିନ୍ଦୂର ଦେଇଛି। ଭାରତୀୟ ସେନା ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇଛି। ଭାରତ ପକ୍ଷରୁ ପିଓକେରେ କରାଯାଇଥିବା ଅପରେସନ ସିନ୍ଦୂରରେ ମାସୁଦ ଅଜହରର ସମ୍ପୂର୍ଣ୍ଣ ପରିବାର ନିଶ୍ଚିହ୍ନ ହୋଇଯାଇଛି। ପାକିସ୍ତାନୀ ଗଣମାଧ୍ୟମ ଅନୁସାରେ, ଭାରତ ମାସୁଦ ଅଜହରର ଘର ଉପରେ ଭାରତ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଯେଉଁଥିରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ରିପୋର୍ଟରେ କୁହାଯାଉଛି ମାସୁଦ ପରିବାରର ୧୪ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଏନେଇ ମାସୁଦ ଅଜହର ମନ୍ତବ୍ୟ ଦେଇଛି ଯେ, ମୋ ପରିବାରର ୧୦ ଲୋକଙ୍କର ମୃତ୍ୟୁ ଘଟିଛି। ଏଥିରୁ ଅନୁମାନ କରାଯାଉଛି ଆକ୍ରମଣରେ ମାସୁଦ ଅଜହର ନିହତ ହୋଇନାହିଁ। ମାସୁଦ କହିଛି ଏୟାର ଷ୍ଟ୍ରାଇକ୍‌ରେ ମୁଁ ମଧ୍ୟ ମରି ଯାଇଥାନ୍ତି। ମୋ ଭାଇ ଭଉଣୀଙ୍କ ସମେତ ଆମର ପରିବାର ଶେଷ ହୋଇ ଯାଇଛି। କର୍ଣ୍ଣେଲ ସୋଫିଆ କୁରେଶି ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ଅପରେସନର ସମ୍ପୂର୍ଣ୍ଣ ବିବରଣୀ ଦେଇଛନ୍ତି। ସେ କହିଛନ୍ତି ଯେ, ରାତି ୧:୦୫ ରେ ପାକିସ୍ତାନ ଉପରେ ଏୟାର ଷ୍ଟ୍ରାଇକ୍ ହୋଇଥିଲା। ଏହି ଅପରେସନରେ ୯ଟି ସ୍ଥାନରେ ଆକ୍ରମଣ କରାଯାଇଥିଲା। ଏହି ରାତି ୧.୦୫ ରୁ ୧.୩୦ ପର୍ଯ୍ୟନ୍ତ ୨୫ ମିନିଟ୍ ଧରି ଚାଲିଥିଲା। ଗୁଇନ୍ଦା ସୂଚନା ଆଧାରରେ ଟାର୍ଗେଟ ଉପରେ ଆକ୍ରମଣ କରାଯାଇଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରକାରୀମାନଙ୍କ ଉପରେ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ପାକିସ୍ତାନ ଏବଂ ପିଓକେ ଉଭୟ ଉପରେ ଆକ୍ରମଣ କରାଯାଇଥିଲା। ଆମେ ସାଧାରଣ ଲୋକଙ୍କର କୌଣସି କ୍ଷତି କରିନାହୁଁ। ସର୍ବପ୍ରଥମେ, ସୱାଇ ନାଲା ଶିବିରକୁ ଟାର୍ଗେଟ କରାଯାଇଥିଲା। ଆମେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୋଇବାର ଶିବିରଗୁଡ଼ିକୁ ଟାର୍ଗେଟ କରିଥିଲୁ। ୯ଟି ସ୍ଥାନରେ ୨୧ଟି ଟାର୍ଗେଟ ଉପରେ ଆକ୍ରମଣ କରାଯାଇଥିଲା। ପାକିସ୍ତାନର ଯେଉଁ ସ୍ଥାନରେ ଆକ୍ରମଣ ହୋଇଥିଲା ତାହା ହେଉଛି ସିଆଲକୋଟ। ସେଠାକାର ସରଜଲ ଶିବିର ଉପରେ ଆକ୍ରମଣ ହୋଇଥିଲା। ସେଠାରେ ଏକ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ଶିବିର ଥିଲା ବୋଲି ସେନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ନୂଆଦିଲ୍ଲୀ,୭/୫: ଗର୍ଜିଲା ରାଫେଲ୍, ଥରିଲା ପାକିସ୍ତାନ । ରାତିର ଛାତି ଚିରି ଆତଙ୍କୀଙ୍କ ପ୍ରାଣରୁ ପିଣ୍ଡ କାଢିନେଲା ଲଢୁଆ ବିମାନ ରାଫେଲ । ପହଲଗାମ୍ ପ୍ରତିଶୋଧକୁ ସଫଳ କରାଇବାରେ ରାଫେଲର ଥିଲା ବଡ ଭୂମିକା । କାରଣ ପାକିସ୍ତାନରେ ପଶି ଆତଙ୍କୀ ଶିବିର ଉପରେ ପ୍ରଚଣ୍ଡ ପ୍ରହାର କରିଥିଲା ରାଫେଲ । ୧୦୦ କିଲୋମିଟ ଭିତରେ ପଶି ପାକିସ୍ତାନର ଆତଙ୍କୀ ଆଡ୍ଡାକୁ ଟାର୍ଗେଟ୍ କରି ମାଟିରେ ମିଶାଇ ଦେଇଛି ରାଫେଲ । ତେବେ ଅଧ ରାତିରେ ଖାଲି ରାଫେଲ ନୁହେଁ ସୁଖୋଇ ବି ଆତଙ୍କୀଙ୍କୁ ଦେଇଛି ରକ୍ତର ଜବାବ । ଏୟାର ଷ୍ଟ୍ରାଇକରେ ସାମିଲ ଥିଲେ ମୋଟ ୮ଟି ସୁଖୋଇ ଏବଂ ୪ଟି ରାଫେଲ । ଆଉ ବ୍ରହ୍ମୋସ୍ ମିସାଇଲ ମାଡ଼ରେ ମାଟିରେ ମିଶିଛି ଆତଙ୍କୀ ଆଡ୍ଡା । ଆକ୍ରମଣରେ ପ୍ରାୟ ୩୦୦ରୁ ଅଧିକ ଆତଙ୍କୀ ନିପାତ ହୋଇଥିବା କୁହାଯାଉଛି । ସେପଟେ ଆକ୍ରମଣ ପରେ ସୁରକ୍ଷିତ ଫେରିଲେ ଯବାନ । ଅପରେସନ ସିନ୍ଦୂରରେ ସାମିଲ ଥିବା ଯବାନ ଫେରିଲେ । ଏଥିସହ ରାଫେଲ ମଧ୍ୟ ସୁରକ୍ଷିତ ଫେରିଲା । ଭାରତ ପହଲଗାମ ଆକ୍ରମଣର ପ୍ରତିଶୋଧ ନେଇଛି। ଭାରତୀୟ ବାୟୁସେନାର ବିମାନ ପିଓକେ ଏବଂ ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଛନ୍ତି। ଭାରତର କାର୍ଯ୍ୟାନୁଷ୍ଠାନ ଯୋଗୁ ଆତଙ୍କବାଦୀ ହାଫିଜ୍ ସଇଦ ଏବଂ ମାସୁଦ ଆଝାରଙ୍କ ଆଡ୍ଡା ଧ୍ୱଂସ ହୋଇଥିବା ଜଣାପଡ଼ିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏକ ଜରୁରୀକାଳୀନ ବୈଠକ ଡାକିଛନ୍ତି। ଭାରତର ଏହି ଆକ୍ରମଣ ପରେ, ସମଗ୍ର ବିଶ୍ୱ ଭାରତର ଶକ୍ତିକୁ ସ୍ୱୀକାର କରୁଛି। ପାକିସ୍ତାନର ନେତାମାନେ ବାରମ୍ବାର ମନ୍ତବ୍ୟ ଦେଉଥିଲେ ଯେ, ଭାରତ ଆକ୍ରମଣ କରିବା ଭଳି ସାହସ କରିବା ଉଚିତ୍ ନୁହେଁ, ନଚେତ୍ ପରିଣାମ ଖରାପ ହେବ। ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା ସୂଚନା ଦେଇଛି ଯେ, ଏହା ଅପରେସନ ସିନ୍ଦୂର ଅନ୍ତର୍ଗତ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଛି। ଏହି ଆକ୍ରମଣରେ ୫୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା କୁହାଯାଇଛି। ଏସବୁ ଆଡ୍ଡାରୁ ଭାରତ ଉପରେ ଆକ୍ରମଣ ଯୋଜନା କରାଯାଉଥିଲା। ଭାରତ ଏହି ଆକ୍ରମଣ ବହୁତ ବୁଦ୍ଧିମାନର ସହିତ କରିଛି ଏବଂ ପୁଣି ଥରେ ପାକିସ୍ତାନକୁ ବୋକା ବନାଇ ଦେଇଛି। ପ୍ରଥମ ଦିନରେ ହିଁ ଭାରତ ପକ୍ଷରୁ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାର ଘୋଷଣା କରାଯାଇଥିଲା। କିନ୍ତୁ ଏହା କେବେ ଏବଂ କିପରି କରାଯିବ ସେ ବିଷୟରେ କୌଣସି ସୂଚନା ଦିଆଯାଇ ନଥିଲା। ଆକ୍ରମଣ ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିରନ୍ତର ସୁରକ୍ଷା ଅଧିକାରୀଙ୍କ ସହ ବୈଠକ କରୁଥିଲେ। ୨୨ ଏପ୍ରିଲର ପ୍ରାୟ ଦୁଇ ସପ୍ତାହ ପରେ, ଭାରତ ସରକାର ଘୋଷଣା କରିଛନ୍ତି ଯେ, ୭ ମେ'ରେ ସାରା ଦେଶରେ ଏକ ମକ୍ ଡ୍ରିଲ୍ କରାଯିବ। ଯାହା ପରେ ପାକିସ୍ତାନ ନିଶ୍ଚିତ ଥିଲା ଯେ ଏହି ଆକ୍ରମଣ କେବଳ ୭ମେ ?' ପରେ ହେବ କିନ୍ତୁ ଭାରତୀୟ ସେନା ପାକିସ୍ତାନକୁ ଜଳକା କରି ଦେଇଛି। ମେ'୭ ଅର୍ଥାତ୍ ମଙ୍ଗଳବାର ଏବଂ ବୁଧବାର ଅଧରାତିରେ ପାକିସ୍ତାନକୁ ଚକିତ କରି ଆକ୍ରମଣ କରିଛି।

## ୮ଟି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମୋହର

### ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା



ଭୁବନେଶ୍ୱର,୭/୫: ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ୫ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି, ରାଜ୍ୟ ସରକାର ୫ ବିଭାଗର ୮ ପ୍ରସ୍ତାବକୁ କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ। ନିର୍ବାଚନ ମଣ୍ଡଳୀରେ ଥିବା ସଡ଼କ ନିର୍ମାଣ ଓ ମରାମତି ପାଇଁ ନୂତନ ଯୋଜନାକୁ ମଞ୍ଜୁରୀ। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ସେହିପରି 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ୧୦୦୦ କୋଟି ବ୍ୟୟରେ ଆନୁମାନିକ ୫୦୦ କିମି ନୂତନ ରାସ୍ତା ନିର୍ମାଣ ହେବ। ନିର୍ବାଚନ ମଣ୍ଡଳୀରେ ଥିବା ସଡ଼କ ନିର୍ମାଣ ଓ ମରାମତି ପାଇଁ ନୂତନ ଯୋଜନାକୁ ମଞ୍ଜୁରୀ। ରାଜ୍ୟ ସରକାର ନିର୍ବାଚନୀମଣ୍ଡଳୀ ଅର୍ଥ ବ୍ୟବସ୍ଥା' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ମିଳିଛି। ରାଜ୍ୟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା। ବସ୍‌ରେ ସିସିଟିଭି, ଲାଇଭ ଭ୍ୟାନ ଟ୍ରାକିଂ, ପାନିକ୍ ବଟନ ରହିବ। ବସ୍‌ରେ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ରହିବ। ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା, ଦିବ୍ୟାଙ୍ଗ ଓ କିନ୍ନରମାନଙ୍କୁ ୫୦% ରିହାତି ମିଳିବ। ସେହିପରି ଛାତ୍ର, ବରିଷ୍ଠ ନାଗରିକମାନେ ମଧ୍ୟ ୫୦% ରିହାତିରେ ଯାତ୍ରା କରିପାରିବେ। ରାଜ୍ୟ ସରକାର ପ୍ରାଣୀ ଚିକିତ୍ସା ବୈଷୟିକ ସେବା ନିୟମକୁ ମଞ୍ଜୁରୀ ଦେଇଛନ୍ତି। ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରେ ନୂତନ ୧୧୩ ପଦବୀ ସୃଷ୍ଟି ହେବ।

## ଖୁବଶୀଘ୍ର ଆସିବ ୩୨ଟି ଅତ୍ୟାଧୁନିକ ମୋବାଇଲ ଫରେନସିକ୍ ଭ୍ୟାନ୍



ଭୁବନେଶ୍ୱର,୭/୫: ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଦେଶର ତିନିଟି ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଶେଷ କରି ଏହି ବୈଠକରେ ପୁଲିସ, ଜେଲ୍, ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ବିଚାର ବିଭାଗୀୟ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିରୋ ଏଫ୍‌ଆଇଆର ଉପରେ ଗୁରୁତ୍ୱାରୋପ କରିବା ସହ ଇ-ଏଫ୍ ?ଆଇଆ଼ର, ଇ-ସମନ, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ ଓ ସରଳ ହେବା ସହ ତ୍ୱରିତ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ଜେଲ୍, ହସ୍ପିଟାଲ୍, ଫୋରେନ୍‌ସିକ୍ ଲାବ୍ ଓ କୋର୍ଟଙ୍କୁ ଭିଡିଓ କନ୍‌ଫରେନ୍‌ସିଂ(ଭିସି) ମାଧ୍ୟମରେ ଯୋଡ଼ିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଫଳରେ ସାକ୍ଷୀମାନେ ଯେଉଁ ସ୍ଥାନରେ ଥିବେ, ସେଠାରୁ ହିଁ ସାକ୍ଷ୍ୟ ପ୍ରଦାନ କରିପାରିବେ। ତଦନ୍ତ ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଯେତେଦୂର ସମ୍ଭବ, ଇଲେକ୍ଟ୍ରୋନିକ୍ ମୋଡ୍‌ରେ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେହିପରି ଭିଡ଼ ହିଂସା, ଉଗ୍ରବାଦୀ କାର୍ଯ୍ୟକଳାପ ଏବଂ ସଂଗଠିତ ଅପରାଧ କ୍ଷେତ୍ରରେ ଏସ୍‌ପିଙ୍କ ତଳ ର୍ୟାଙ୍କ୍‌ର କୌଣସି ଅଧିକାରୀ ତଦାରଖ କରିପାରିବେ ନାହିଁ। ନିହାତି ଜଣେ ଏସ୍‌ପି ରାଙ୍କର ଅଧିକାରୀ ଏହାର ତଦାରଖ କରିବେ। ତେବେ ନୂଆ ଅପରାଧିକ ଆଇନ ସଂପର୍କରେ ୯୮ ପ୍ରତିଶତରୁ ଅଧିକ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଦକ୍ଷ ତଦନ୍ତ ପ୍ରକ୍ରିୟା ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଫୋରେନ୍‌ସିକ୍ ଲାବ୍‌ଗୁଡ଼ିକର ଉନ୍ନତୀକରଣ କରାଯାଉଛି। ଫୋରେନ୍‌ସିକ୍ ଓ ସାଇବର ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ପାଇଁ ୨୪୭ଟି ଅତିରିକ୍ତ ପଦବି ସୃଷ୍ଟି କରାଯାଇଛି। ଫୋରେନ୍‌ସିକ୍ ବ୍ୟବସ୍ଥାର ଉନ୍ନତି ପାଇଁ ଖୁବ୍ ଶୀଘ୍ର ଏସ୍‌ଏଫ୍‌ଏସ୍‌ଏଲ୍‌କୁ ୩୨ଟି ଅତ୍ୟାଧୁନିକ ମୋବାଇଲ ଭ୍ୟାନ୍ ପ୍ରଦାନ କରାଯିବ। ସେହିପରି ଜେଲ୍ ବିଭାଗର ଶତ ପ୍ରତିଶତ କର୍ମଚାରୀଙ୍କୁ ମଧ୍ୟ ନୂଆ ଆଇନ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଜେଲ୍‌ରେ ଭିଡିଓ କନ୍‌ଫରେନ୍‌ସିଂ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ସେହିପରି ପ୍ରୋସିକ୍ୟୁସନ୍ କ୍ୟାଡରରେ ମଧ୍ୟ ୨୬୭ଟି ଅତିରିକ୍ତ ପଦବି ସୃଷ୍ଟି କରାଯିବା ସହ ବିଏସ୍‌ଏସ୍ ଆଇନ ଅନୁଯାୟୀ ଓଡ଼ିଶା ପ୍ରୋସିକ୍ୟୁସନ୍ ନିୟମାବଳୀରେ ମଧ୍ୟ ପରିବର୍ତ୍ତନ କରାଯିବ। ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଜଡ଼ିତ ସମସ୍ତ ସଂସ୍ଥା ଦକ୍ଷ ହେଲେ, ନ୍ୟାୟ ପ୍ରଦାନ ବ୍ୟବସ୍ଥା ତ୍ୱରିତ ହେବ ଏବଂ ସମସ୍ତଙ୍କୁ ନ୍ୟାୟ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇବି ଖୁରାନିଆଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଏନକାଉଣ୍ଟରରେ ୨୨ ନକ୍ସଲ ନିହତ

ମାଲକାନଗିରି,୭/୫: ମାଲକାନଗିରି ସୀମାନ୍ତ ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାନ୍ତବର୍ତ୍ତୀ କାରେଗଟ୍ଟା ଜଂଗଲରେ ଗତ ୧୬ ଦିନ ହେବ ମାଓ ଅପେରସନ ଜୋରଦାର ଚାଲିଛି। ତେବେ ଗତକାଲି ରାତିଠାରୁ ଜଙ୍ଗଲରେ ମାଓବାଦୀଙ୍କ ସହ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି। ଏହି ଗୁଳିବିନିମୟରେ ୨୨ ଜଣ ନକ୍ସଲ ନିହତ ହୋଇଥିବା ଖବର ମିଳିଛି। କିନ୍ତୁ କୌଣସି ପୁଲିସ ଅଧିକାରୀ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ନକ୍ସଲ ନିହତ ହୋଇଛନ୍ତି କହୁ ନାହାନ୍ତି। ସନ୍ଧ୍ୟା ସୁଦ୍ଧା ସମସ୍ତ ରିପୋର୍ଟ ମିଳିବ ବୋଲି ପୁଲିସ କହୁଛି। ମାଓ ଦମନରେ ନିର୍ଣ୍ଣାୟକ ମୋଡ଼ରେ ଯବାନ। ନକ୍ସଲଙ୍କୁ ଆଉ ନିସ୍ତାର ନାହିଁ। ନକ୍ସଲ ମରିବେ ନଚେତ ଆତ୍ମସମର୍ପଣ କରିବେ ବୋଲି କୁହାଯାଇଛି। ଛତିଶଗଡ଼ ସରକାରଙ୍କ ସମେତ ପୁଲିସ ବିଭାଗର ଏବଂ ସିଆରପିଏଫର ଉଚ୍ଚ ପଦାଧିକାରୀମାନେ ଏହି ଘଟଣା ଉପରେ ନଜର ରଖିଥିବା କହିଛନ୍ତି। ଗତ କିଛି ଦିନ ମଧ୍ୟରେ କାରେଗଟ୍ଟା ଜଂଗଲରୁ ୨୫୦ଟି ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି। ସମ୍ପୂର୍ଣ୍ଣ ନକ୍ସଲ ଦମନ ହେଲେ ହିଁ ସୁରକ୍ଷାକର୍ମୀ ଶାନ୍ତିରେ ବସିବେ ବୋଲି କୁହାଯାଇଛି।

## କଲେଜ ଛାତ୍ର ସଂସଦ ବାର୍ଷିକୋତ୍ସବରେ ମୁଖ୍ୟମନ୍ତ୍ରୀ

### ଅଭିନଚନ୍ଦ୍ର ହୋମିଓପ୍ୟାଥିକରେ ଖୋଲିବ ଗବେଷଣା ଓ ବିଶ୍ଳେଷଣ ବିଭାଗ




ଭୁବନେଶ୍ୱର,୭/୫: ରାଜ୍ୟରେ ହୋମିଓପ୍ୟାଥି ଶିକ୍ଷାର ପ୍ରସାର ଓ ଲୋକପ୍ରିୟତା ବୃଦ୍ଧିରେ ଡା. ଅଭିନଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ହୋମିଓପ୍ୟାଥିକ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଏହା କେବଳ ରାଜ୍ୟ ନୁହେଁ, ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ୫୬ ବର୍ଷ ଧରି ଏହା ଅବିରତ ଭାବେ ଶିକ୍ଷାର ପ୍ରସାର ଓ ଅନେକ ସୁନାମଧନ୍ୟ ଡାକ୍ତର ସୃଷ୍ଟି କରିପାରିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଆଜି ଡା. ଅଭିନଚନ୍ଦ୍ର ହୋମିଓପ୍ୟାଥିକ ମେଡିକାଲ କଲେଜ ଓ ହସ୍ପିଟାଲ ଛାତ୍ର ସଂସଦର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ନୂତନ ଜରୁରିକାଳୀନ ୟୁନିଟ୍‌ର ଶିଳାନ୍ୟାସ କରିଛନ୍ତି। ଏହାସହ କଲେଜରେ ଏକ ହୋମିଓପ୍ୟାଥିକ ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି। ଏକ ରକ୍ତଦାନ ଶିବିରକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାବିଦ୍ୟାଳୟ ଏକ ହୋମିଓପ୍ୟାଥି ଔଷଧ ତିଆରି କାରଖାନା ପରିଚାଳନା କରୁଛି। ଏଥିରୁ ପ୍ରସ୍ତୁତ ଔଷଧ ବିଭିନ୍ନ ହସ୍ପିଟାଲକୁ ଦିଆଯାଉଛି। ରାଜ୍ୟରେ ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଅଭିନଚନ୍ଦ୍ର ହୋମିଓପ୍ୟାଥିକ ମେଡିକାଲ କଲେଜର ଛାତ୍ରଛାତ୍ରୀମାନେ ପ୍ରାମାଣିକ ଚିକିତ୍ସା ପଦ୍ଧତିକୁ ଆହୁରି ଜନାଭିମୁଖୀ କରିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଡବଲ୍ ଇଞ୍ଜିନ୍ ସରକାର ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି। ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟକୁ ସରକାର ଅତିକ୍ରମ କରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂହ, ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ. ଏସ୍, ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର, ଏଲ୍.କେ. ନନ୍ଦ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡା. ପୁଷ୍ପାଞ୍ଜଳି ପାତ୍ର ସ୍ୱାଗତ ଭାଷଣ ଓ ଛାତ୍ର ସଂସଦର ସଭାପତି ଲିପକ ମହାପାତ୍ର ବିବରଣୀ ପାଠ କରିଥିଲେ। ସାଧାରଣ ସମ୍ପାଦକ ସୌମ୍ୟ ଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଆଜିଠାରୁ ପୁଣି ଫେରିପାରେ ତାତି

ଭୁବନେଶ୍ୱର,୭/୫: କିଛି ଦିନ କାଳବୈଶାଖିର ପ୍ରଭାବ ଫଳରେ ତାତିରୁ ନିସ୍ତାର ମିଳୁଥିବା ବେଳେ ପୁଣି ରାଜ୍ୟକୁ ଫେରିବ ତାତି । ୮ ତାରିଖ ପରେ ତାତି ଫେରିବ ବୋଲି ସୂଚନା ଦେଇଛି ପାଣିପାଗ କେନ୍ଦ୍ର । ରାଜ୍ୟରେ ୮ ତାରିଖ ପର୍ଯ୍ୟନ୍ତ ବର୍ଷିବା ନେଇ ଆକଳନ କରିଛି ପାଣିପାଗ ବିଭାଗ। । ସେପଟେ କିଛି ହେବ ଟ୍ୱିନି ସିଟି ସମେତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ କାଳବୈଶାଖିର ତାଣ୍ଡବ ଦେଖିବାକୁ ମିଳୁଛି । ଆହୁରି ୨ ଦିନ ପ୍ରବଳ ବର୍ଷା ସହ କୁଆପଥର ବର୍ଷା ସମ୍ଭାବନା ରହିଛି । ଏନେଇ କିଛି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ବର୍ଷା ସମୟରେ ପବନର ବେଗ ୫୦ ରୁ ୬୦ କିମି ରହିବ ନେଇ ସୂତନା ମିଳିଛି । ଅନ୍ୟପଟେ ନୂଆପଡ଼ା, କଳାହାଣ୍ଡି, ରାୟଗଡା, କୋରାପୁଟ, ମାଲାକନଗିରି, ନବରଙ୍ଗପୁର ଆଦି ଜିଲା ମାନଙ୍କ ର କିଛି କିଛି ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି କ୍ଷ ବର୍ଷା ସାଙ୍ଗକୁ ହାଲକା ପବନ ଓ ଘଡଘଡିର ମଧ୍ୟ ଆଶଙ୍କା ରହିଛି। ଗତ ୨୪ ଘଣ୍ଟାରେ କନ୍ଧମାଳର ଦାରିଙ୍ଗବାଡ଼ି ଅଞ୍ଚଳରେ ସର୍ବାଧିକ ୩୮ ମିମି ବର୍ଷା ରେକର୍ଡ କରାଯାଇଛି।

# ଆଦର୍ଶ ଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



ବଲାଙ୍ଗୀର , : ସଇଁତଳା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ , ଡେଙ୍ଗର ଆଦର୍ଶ ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ର ଦୀର୍ଘ ୩୪ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ମହତ୍ ସେବା ପ୍ରଦାନ କରି ସେବା ନିବୃତ୍ତ ହୋଇଛନ୍ତି।ଏହି ଅବସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଶିକ୍ଷୟିତ୍ରୀ ରେଣୁକା ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ରଣା, ଗଣେଶ ରଣା, ରତନ ରଣା, ବିଘ୍ନରାଜ ରଣା, ହୁସେନ ସାଗର ଆଦି ଗ୍ରାମବାସୀବୃନ୍ଦ ଯୋଗଦେଇଥିଲେ। ଶିକ୍ଷକ ସୁଦର୍ଶନ ଦାଶ ସଭା ପରିଚାଳନା କରିଥିଲା ବେଳେ ଶିକ୍ଷକ ଲିଙ୍ଗରାଜ ନନ୍ଦ ମାନପତ୍ର ପାଠନ କରିଥିଲେ। ଇତ୍ୟବସରରେ ଶ୍ରୀଯୁକ୍ତ ମିଶ୍ରଙ୍କୁ ପୁଷ୍ପମାଲ୍ୟ ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀଗଣ ଉପସ୍ଥିତ ହୋଇ ଆଶୀର୍ବାଦ ଲାଭ କରିଥିଲେ। ଉପସ୍ଥିତ ସମସ୍ତେ ଶିକ୍ଷକଙ୍କ ଆଦର୍ଶର ଗୁଣଗାନ ସହ ଅବସରକାଳୀନ ପରବର୍ତ୍ତୀ ଜୀବନ ସୁଖମୟ ହେବାର କାମନା କରିଥିଲେ। ସଭା ଶେଷରେ ଶ୍ରୀଯୁକ୍ତ ମିଶ୍ର ଛାତ୍ରଛାତ୍ରୀମାନଙ୍କ ଜୀବନକୁ ଅନୁଶାସନଯୁକ୍ତ କରିବା ପାଇଁ ଉପଦେଶ ଦେବା ସହ ସାଥି ସହକର୍ମୀଙ୍କୁ ଉତ୍ସାହିତ ହୋଇ କାମ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ଗ୍ରାମବାସୀମାନେ ଏକ ବିଶାଳ ଶୋଭାଯାତ୍ରାରେ ଶିକ୍ଷକଙ୍କୁ ନେଇ ଗ୍ରାମ ପରିକ୍ରମା କରାଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକଙ୍କ ଅବସରରେ ସମ୍ପୂର୍ଣ୍ଣ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶିକ୍ଷକ ରାମ ନାରାୟଣ ଦାଶ, କୃପାସିନ୍ଧୁ ମିଶ୍ର, ଦୀପକ ସେନ ଧରୁଆ, ସମୀର ସେଠି, ହିମାଂଶୁ ବିଶ୍ୱାଳ, ଅବିନାଶ ଭୋଇ,ଦେବେଶ ହୋତା , ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ, ଦ୍ରୌପଦୀ ଭୋଇ, ତପସ୍ୱିନୀ ପଟେଲ, କାନ୍ତି ଭୋଇ, ଶିବାନୀ ମଲ୍ଲିକ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ସଭା ଶେଷରେ ଶିକ୍ଷକ ମନରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ନଳକୂପ ପାଣି ଗଚ୍ଛିତ ଗର୍ତ୍ତରେ ବୁଡ଼ି ଶିଶୁ ମୃତ

ଜମନକିରା, : ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅଧିନସ୍ଥ ଉଡସୁଙ୍ଗ ଗ୍ରାମ ଝାପରି ପଡ଼ାରେ ପାଣିରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ସୂଚନା ଅନୁଯାଇ ନିଜ ଉଡସୁଙ୍ଗନିଜ ମାମୁଁ ଘରକୁ ଆସିଥିବା ବେଳେ ଏହି ଅଭାବନୀୟ ଘଟଣାରେ ଶିଶୁ ର ମୃତ୍ୟୁ ଘଟିଛି। ଶିଶୁକୁ ଫାଶୀମାଲ ଡାକ୍ତରଖାନା ରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଶିଶୁ ଟି ପ୍ରାୟ ଦୁଇ ବର୍ଷର ଥିବା ଅନୁମାନ କରି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟ ପଟେ ଜମନକିରା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଶବ ବ୍ୟବଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣର ତଦନ୍ତ କରୁଛି। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ଶିଶୁଟି ଗ୍ରାମରେ ଖେଳୁଥିବା ବେଳେ ସମୟରେ ନଳକୂପ ପାଖରେ ଖୋଳା ଯାଇଥିବା ଏକ ଗର୍ତ୍ତ ରେ ପଡିବାରୁ ଗର୍ତ୍ତରେ ଥିବା ପାଣିରେ ଶିଶୁଟି ବୁଡ଼ି ସ୍ୱାସ୍ଥ୍ୟ ରୁଦ୍ଧ ହୋଇଯିବାରୁ ଶିଶୁର ମୃତ୍ୟୁ ହୋଇଥିବା ଅଞ୍ଚଳ ବାସି ପ୍ରକାଶ କରିଛନ୍ତି। ହେଲେ ଏହି ନଳକୂପ ଗଚ୍ଛିତ ପାଣି ପାଇଁ ଖୋଳାଯାଇଥିବା ଗର୍ତ୍ତ ରେ କାହିଁକି ଢାଙ୍କୁଣୀ ଲଗାଗଲାନାହିଁ ଓ ଏଥିପାଇଁ ଶିଶୁର ଜୀବନ ଗଲା ଏଥପାଇଁ କିଏ ଦାଇ ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଅନ୍ୟ ପକ୍ଷରେ ଘଟଣା ସମ୍ପର୍କ ରେ ଜାଣିବା ପରେ ଗ୍ରାମରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଦେଖା ଦେଇଥିଲା।

# ଖୋର୍ଦ୍ଧାରୋଡ ରେଳମଣ୍ଡଳ ସ୍ଥରୀୟ ଆନ୍ତଃ ବିଭାଗୀୟ ଟି ଟ୍ୱେଣ୍ଟି କ୍ରିକେଟ ଟୁର୍ନାମେଣ୍ଟ ସିଗନାଲ ଓ ଆରପିଏଫ ଦଳ ବିଜୟୀ



ଜଟଣୀ, : ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳ ଷ୍ଟାଡିୟମରେ ଚାଲିଥିବା ମଣ୍ଡଳ ସ୍ଥରୀୟ ଆନ୍ତବିଭାଗୀୟ ଟି ଟ୍ୱେଣ୍ଟି କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ସଂଧ୍ୟାରେ କମରସିଆଲ ଓ ଆରପିଏଫ ମଧ୍ୟରେ ଅନୁଷ୍ଠିତ ହୋଇଥିଲା କ୍ଷ କମରସିଆଲ ଟସ ଜିତି ବୋଲିଂ ନିଷ୍ପତି ନେଇଥିଲା। ଆରପିଏଫ ଦଳ ପନ୍ଦର ଓଭରରେ ୧୨୨ ରନ କରିଥିଲା। ୧୨୨ ଜବାବରେ କମରସିଆଲ ଚାରି ରନ ବାକିଥାଇ ଅଲ ଆଉଟ ହୋଇଯାଥିଲା। କମରସିଆଲର ରବିକିରଣ ୨୫ବଲରୁ ୫୭ ରନ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ କରାଯାଇଛି।ଦ୍ୱିତୀୟ ମ୍ୟାଚ ସିଗନାଲ ଓ ଇଲେକ୍ଟ୍ରିକାଲ ଓପି ଦଳ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଇଲେକ୍ଟ୍ରିକାଲ ଓପି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ୯୧ରନ କରିଥିଲା। ଏହାର ଜବାବରେ ସିଗନାଲ ବିଭାଗ ଦୁଇଟି ବଲ ବାକିଥାଇ ବିଜୟ ଲକ୍ଷ ହାସଲ କରିନେଇଥିଲା ?। ପୁରସ୍କାର ବିତରଣ ଉତ୍ସବରେ ଫୁଟବଲ ସମ୍ପାଦକ ରମେଶ ଚନ୍ଦ୍ର ପାଇକରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଛନ୍ତି। ଶ୍ରମିମ କଂଗ୍ରେସ ସହ ସଂଯୋଜଗ ନିରଞ୍ଜନ ମିଶ୍ର, ଶାଖା ସମ୍ପାଦକ ଶ୍ରୀ ଏଲ ଡି ମହାନ୍ତି, ସାମୁଏଲ ପ୍ରଧାନ, ମୁସ୍ତାକ ଅଲି ପ୍ରମୁଖ ଉପସ୍ଥିତ ରହି ଖେଳମାନଙ୍କୁ ଉତ୍ସାହିତ କରିଥିଲେ।

# ଭାରତୀୟ କିସାନ ସଂଘ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ,



ବରଗଡ଼ : ଭାରତୀୟ କିସାନ ସଂଘ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ୨୫.୦୪.୨୦୨୫ ରୁ ୨୭.୦୪.୨୦୨୫ ତିନି ଦିବସିୟ ଗୁରୁତ୍ୱ ପୂର୍ଣ୍ଣ ସମାବେଶ ଡେରାଡୁନ ସ୍ଥିତ ରାମତୀର୍ଥ ମିଶନ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି ! ଏଥିରେ ବରଗଡ଼ ରୁ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ଓ ଜିଲ୍ଲା ସହସମ୍ପାଦକ ଚୈତନ୍ୟ କର୍ଣ୍ଣ ଯୋଗ ଦାନ କରି ଓଡିଶା ର କୃଷି ଓ କୃଷକ ର ସମସ୍ୟା ଉପରେ ପ୍ରସ୍ତାବ ରଖିଥିଲେ । କିସାନ ସଙ୍ଘ ର ତିନି ସୂତ୍ରୀ କାର୍ଯ୍ୟକ୍ରମ ସଂଗଠନକ୍ଷମ୍ବକ, ଆନ୍ଦୋଳନକ୍ଷମ୍ବକ, ଓ ରଚନାତ୍ମକ ଉପରେ ଆଲୋଚନା ହୋଇ ସାରା ଭାରତରେ ପାଞ୍ଚ ଲକ୍ଷ କୃଷକ ପ୍ରତିନିଧି ଙ୍କୁ ପ୍ରଶିକ୍ଷଣ ଦେଇ କୃଷକ ଜାଗରଣ କାର୍ଯ୍ୟକ୍ରମ ରେ ବିଶମୁକ୍ତ କ୍ଷେତ ସହ ନିଶା ମୁକ୍ତ ମାନବ ଏବଂ ଗୋ କୃଷି ବାଣିଜ୍ୟମ୍ ସହ ଖୁସାଲ ଭାରତ -ଖୁସାଲ କୃଷକ ଉପରେ ଗୁରୁତ୍ୱ ଦିଆ ହେବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।ପ୍ରମୁଖ ପ୍ରସ୍ତାବ ମଧ୍ୟରେ ଭୁ-ରାଜସ୍ୱ ଆଇନ ର ପରିବର୍ତନ,ଜୈବିକ ଚାଷ ପାଇଁ କେବଳ ନିତୀ ନୁହେଁ ତାର ସମସ୍ୟା ଉପରେ ସରକାର ସମାଧାନ ର ଚିନ୍ତା କରିବାର ଆବଶ୍ୟକ ରହିଛି ଏବଂ ଗ୍ରାମୀଣ ବିକାଶ ରେ କୃଷି ଉପରେ ନିର୍ଭର ମାନବ ସମ୍ବଳ ର ଉଚିତ ବ୍ୟବସ୍ଥା ଉପରେ ସରକାର ଙ୍କୁ ଚାପ ପକାଇବାକୁ ପ୍ରସ୍ତାବ ପାରିତ ହୋଇଥିଲା। ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ସାଇ ରେଡ୍ଡି ଓ ରାଷ୍ଟୀୟ ମହାମନ୍ତ୍ରୀ ଶ୍ରୀ ମୋହିନୀ ମିଶ୍ର ଙ୍କ ମାର୍ଗ ଦର୍ଶନ ରେ ୩୦ ରୁ ଅଧିକ ପ୍ରଦେଶ ର ଶତାଧିକ ରାଷ୍ଟ୍ରୀୟ କର୍ମକର୍ତ୍ତା ଭାଗ ନେଇ ଥିଲେ ।

# ଆରପିଏଫ ମାଡ଼ି ବସିଲା ଦୁଇ ଛାତ୍ରଙ୍କୁ, ବାହାରିଲା ୫୦କେଜି ଗଞ୍ଜେଇ

ଜଟଣୀ, ବିହାର ପ୍ରଦେଶର ଦୁଇ ଛାତ୍ରଙ୍କୁ ସଂଦେହରେ ମାଡ଼ି ବସିଲା ରେଳ ସୁରକ୍ଷା ବାହିନୀ (ଆରପିଏଫ), ସେମାନଙ୍କୁ ଯାଞ୍ଚ କରିବାରୁ ଜଣାପଡ଼ିଲା ୫୦କେଜି ଗଞ୍ଜେଇ ଓଡ଼ିଶା ରାୟଗଡ଼ାରୁ ବିହାର ନେଇ ଯାଉଥିଲେ। ସୂଚନାନୁସାରେ ବିହାର ପ୍ରଦେଶ ଭୋଜପୁର ଜିଲ୍ଲା ଭିହିଆ ଥାନାଞ୍ଚଳ ଦିଘେରା ଗ୍ରାମର ସତ୍ୟନ୍ଦ୍ର ଶର୍ମାଙ୍କ ପୁଅ ପ୍ରଭାତ ଶର୍ମା (୧୯) ଓ ସେହି ଗ୍ରାମର ଟୁନା ମହାନ୍ତୋଙ୍କ ପୁଅ ନୀତିସ୍ କୁମାର(୧୯) ଉଭୟ ଛାତ୍ର, ଜଣେ ଗାଜୁଏସନ୍ କରୁଥିବା କହିଥିବା ବେଳେ ଅନ୍ୟଜଣେ ଦ୍ୱାଦଶ ପଢୁଥିବା କହିଛି। ଉଭୟ ଛାତ୍ର ରାୟଗଡ଼ାରୁ ସଡ଼କ ପଥରେ ଆସି ଭୁବନେଶ୍ୱର ରେଲଷ୍ଟେସନ ୬ନଂ ପ୍ଲାଟଫର୍ମରେ ବିହାର ଯିବା ପାଇଁ ଟ୍ରେନ ଅପେକ୍ଷାରେ ଥିଲେ। ଏହି ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ଭୁବନେଶ୍ୱର ଆରପିଏଫର ଏକଟିମ୍ ୬ନଂ ପ୍ଲାଟଫର୍ମକୁ ଯାଇଥିଲେ। ସେମାନଙ୍କ ପାଖରେ ୩ଟି ଟ୍ରଲି ବ୍ୟାଗ୍ ଦେଖି କାର୍ଯ୍ୟରତ ଆରପିଏଫଙ୍କ ସଂଦେହ ହୋଇଥିଲା। ଏହି ଟିମରେ ଲେଡି ସବ୍-ଇନସ୍ପେକ୍ଟର ପ୍ରୀୟଙ୍କା, ହେଡ୍ କନେଷ୍ଟବଲ ଟି.କେ. ମହାପାତ୍ର, ଏସ.ଏନ୍. ବାରିକ, ଏନ୍. ଦଲାଇ ଓ ୟୁ. ମଲ୍ଲିକଙ୍କୁ ଖାକି ପୋଷାକଧାରୀ ଦେଖି ଦୁଇଛାତ୍ର ହଡ ବଡେଇ ଖସି ଯିବାକୁ ବସିଥିବା ବେଳେ ମାଡ଼ି ବସିଥିଲେ ଆରପିଏଫ। ଥାନାକୁ ଆଣି ତଲାସୀ କରିବାରୁ ଜଣାପଡ଼ିଲା ୩ଟି ଟ୍ରଲି ବ୍ୟାଗ୍ ଓ ୨ଟି କଲେଜ ବ୍ୟାଗରେ ଗଞ୍ଜେଇ ଅଛି। ତେଣୁ ଆରପିଏଫ ସ୍ଥାନୀୟ ଅବକାରୀ ବିଭାଗକୁ ଖବର ଦେଇଥିଲେ। ଅବକାରୀ ଟିମ୍ ପହଞ୍ଚିବାରୁ ଦୁଇଜଣ ଛାତ୍ର ସହ ୫୦କେଜି ଜବତ ଗଞ୍ଜେଇକୁ ଆରପିଏଫ ହସ୍ତାନ୍ତର କରିଥିବା ଆରପିଏଫ ତରଫରୁ ସୂଚନା ମିଳିଛି। ଅବକାରୀ ବିଭାଗ ଏନେଇ ଏକ ଏନଡିପିସ୍ ୪୮/୨୫



ନଂ ମାମଲା ରୁଜୁ କରି ଦୁଇଛାତ୍ର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଚାଲାଣ ୫୦କେଜିଗଞ୍ଜେଇକୁ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ହେବ ବୋଲି ସୂଚନା ଦେଇଛନ୍ତି ଆରପିଏଫ।

# ଦାମନଯୋଡ଼ିରେ ଏ୧ ଗ୍ରେଡ୍ ସହିତ ସୋନାଲି ମ୍ୟାଟ୍ରିକ ଟପ୍ପର



ଦାମନଯୋଡ଼ି, : ଶୁକ୍ରବାର ପ୍ରକାଶ ପାଇଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ଦଶମ ଶ୍ରେଣୀ ପରୀକ୍ଷା ଫଳ ଦାମନଯୋଡ଼ିରେ ଉତ୍ସାହ ଜନକ ହୋଇଛି।ଦାମନଯୋଡ଼ିର ପାଞ୍ଚ ଗୋଟି ସ୍କୁଲର ପରୀକ୍ଷା ଦେଇଥିବା ୪୪୬ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୩୫ଜଣ ଅର୍ଥାତ ୯୮ପ୍ରତିଶତ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି।ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ସୋନାଲି ମାହୁନ୍ତ ୫୪୦ ନମ୍ବର ରଖି ଏ୧ ଗ୍ରେଡ୍ ସହିତ ଦାମନଯୋଡ଼ି ଟପ୍ପର ହୋଇଛନ୍ତି।ପିତା ଶ୍ରୀମନ୍ତ ମାହୁନ୍ତ ଓ ମାତା ଝରଣା ମାହୁନ୍ତଙ୍କ ସୁକନ୍ୟା ସୋନାଲି ମାଥାଲପୁଟରେ ନିଜ ଅଜା ଶଙ୍କର ବେହେରାଙ୍କ ପାଖେ ରହି ପାଠ ପଢୁଥିଲେ।ସରସ୍ୱତୀ ବିଦ୍ୟାମନ୍ଦିରରେ ପରୀକ୍ଷା ଦେଇଥିବା ସମସ୍ତ ୧୩୨ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି।ଅନ୍ୟ ୪ଜଣ ଏ୨ ଗ୍ରେଡ ପାଇଛନ୍ତି।ମାଥାଲପୁଟ ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୩୪ ନମ୍ବର ରଖି ଏ୨ ଗ୍ରେଡ ସହିତ ଓମ ପ୍ରକାଶ ଜେନା ସ୍କୁଲ ଟପ୍ପର ହୋଇଛନ୍ତି। ପିତା ନୀଳାମ୍ବର ଜେନା ଓ ମାତା ପୁଷ୍ପାଞ୍ଜଳି ଜେନାଙ୍କ ସୁପୁତ୍ର ହେଉଛନ୍ତି ଓମ ପ୍ରକାଶ।ଏହି ବିଦ୍ୟାଳୟର ପରୀକ୍ଷା ଦେଇଥିବା ୧୬୯ପିଲାଙ୍କ ମଧ୍ୟରୁ ୧୫୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଭେଜାପୁଟ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ୫୧ ପିଲା ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଛାତ୍ରୀ ସ୍ୱୟଂପ୍ରଭା ବିଶ୍ୱାଳ ୫୩୦ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।ପିତା ସ୍ୱର୍ଗତ ସନ୍ତୋଷ କୁମାର ବିଶ୍ୱାଳ ଓ ମାତା ସଂଜୁଲତା ବିଶ୍ୱାଳଙ୍କ ସୁପୁତ୍ରି ହେଉଛନ୍ତି ସ୍ୱୟଂପ୍ରଭା।ମାଥାଲପୁଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ୨୭ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଛାତ୍ରୀ ଏ.ସୁସ୍ମିତା ୪୯୯ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।ପିତା ଏ.ଶ୍ରିନୁ ଓ ମାତା ଏ.ଗଙ୍ଗାଙ୍କ ସୁକନ୍ୟା ହେଉଛନ୍ତି ସୁସ୍ମିତା।ମାଥାଲପୁଟ ସ୍ଥିତ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ,ଲିଟିଗୁଡ଼ାର ସମସ୍ତ ୭୦ଛାତ୍ରୀ ପାଶ କରିଥିବା ବେଳେ ଛାତ୍ରୀ ଅଞ୍ଜଳି ପାଙ୍ଗି ସର୍ବାଧିକ ୪୦୨ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

# ନୀଳାଚଳ ସାରସ୍ୱତ ସଂଘର ଅକ୍ଷୟ ତୃତୀୟା ଉତ୍ସବ ପାଳିତ



ନିମାପଡ଼ା, : ନୀଳାଚଳ ସାରସ୍ୱତ ସଂଘ, ନିମାପଡ଼ା ଶାଖାର ବାର୍ଷିକ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ପରିବ୍ରାଜକାର୍ଯ୍ୟ ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନିମାପଡ଼ା ଆସନ ମନ୍ଦିର ରେ ଶ୍ରୀଶ୍ରୀ ଠାକୁର ମହାରାଜଙ୍କୁ କେନ୍ଦ୍ର ଆସନ ସ୍ମୃତି ମନ୍ଦିର ଓ ନୀଳାଚଳ କୁଟୀରରେ ଯଥା ବିଧାନରେ ନିମନ୍ତ୍ରଣ କରାଯାଇ ମହା ଆଡମ୍ବର ସହକାରେ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ମଙ୍ଗଳବାର ଦିନ ଶୁଭଅଧିବାସ ପର୍ବ ସମାପନ ହେବା ପରେ ବୁଧବାର ବାର୍ଷିକଉତ୍ସବ ପାଳିତ ହୋଇଥିଲା। ପ୍ରଥମାର୍ଦ୍ଧ ପୂଜା ପ୍ରାତଃ ୪ଟାରୁ ୮ଟା ମଧ୍ୟରେ ପ୍ରାର୍ଥନା ସଭା, ଜାଗରଣ, ପ୍ରତୀକ୍ଷା ଗାନ, ଷୋଡଶ ଉପଚାର ପୂଜା, ଆରତୀ, ସ୍ତୋତ୍ର ବନ୍ଦନା, ଶ୍ରୀଶ୍ରୀ ଗୁରୁଗୀତା ପାଠ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ପୂଜା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ଦିବା ୧ଟା ପର୍ଯ୍ୟନ୍ତ ଚାଲିଥିଲା। ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁରଙ୍କ ଲୀଳା, ପୁରୁଷୋତ୍ତମ କ୍ଷେତ୍ର ବିଜେ ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ନିମାପଡ଼ା ସାରସ୍ୱତ ସଂଘ ସଭାପତି ଶରତ ଚନ୍ଦ୍ର ସିଂହଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।ଅପରାହ୍ନ ୧ଟା ୩୦ରେ ପ୍ରସାଦ ସେବନ କରାଯାଇଥିଲା। ନିମାପଡ଼ା ଶାଖା ସଂଘ ସମ୍ପାଦକ ଚନ୍ଦ୍ର ଶେଖର ମହାନ୍ତି, ପୁରୀ ନୀଳାଚଳ ସାରସ୍ୱତ ସଂଘର କେନ୍ଦ୍ର ସଭାପତି ସନ୍ତୋଷ କୁମାର ମହାନ୍ତି, ନିମାପଡ଼ା ଶାଖା ସଂଘ ଉପସଭାପତି ରବୀନ୍ଦ୍ର କୁମାର ନାୟକ, ସହ ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ଯୋଗଜନ୍ମା ସାହୁ, କେନ୍ଦ୍ର ପରାମର୍ଶଦାତା ମଣ୍ଡଳୀ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କର୍ମକର୍ତ୍ତା ନିଗମାନନ୍ଦ ସାହୁ, ପଦ୍ମାବତୀ ପଣ୍ଡା, ନଳିନୀପ୍ରଭା ସିଂହଦେଓ, ମହେନ୍ଦ୍ର ସିଂ ଭାଟିଆ, ପ୍ରମୁଖ ଉତ୍ସବରେ ସାମିଲ ଥିଲେ।

# କୋଣାର୍କରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ପାଳିତ




କୋଣାର୍କ, /: ସ୍ଥାନୀୟ କିଙ୍ଗସ୍ କୋକୋ ଇକୋ ରିସର୍ଟ ପରିସରରେ କୋଣାର୍କ ଜ୍ଞାନ ମଞ୍ଚ ପକ୍ଷରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଅଛି। ଅଦ୍ୱୈତ ବେଦାନ୍ତ ବିଶାରଦ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ହରମୋହନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ପୁରୀର ବିଶିଷ୍ଟ ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର, ପ୍ରଫେସର କ୍ଷୀରୋଦ ରାୟ ମହାପାତ୍ର, ଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତି ଡ଼ ଦୁର୍ଗା ପ୍ରସାଦ ମିଶ୍ର, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ , ଐତିହାସିକ ଡଃ ସନ୍ତୋଷ ମିତ୍ର ପ୍ରମୁଖ ଯୋଗଦେଇ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ହିଁ ଭାରତବର୍ଷର ପ୍ରଥମ ଏକତ୍ୱର ବାର୍ତ୍ତାବହ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବନ, ଦର୍ଶନ, ଉପନିଷଦ, ଶ୍ରୀମଦ ଭଗବଦ୍ ଗୀତା ଓ ବ୍ରହ୍ମସୂତ୍ର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆଜି ଯଦି ସମଗ୍ର ଭାରତବର୍ଷରେ ସନାତନ ବୈଦିକ ଧର୍ମର ଅମୃତ ଧାରା ବହି ଚାଲିଛି ତାର ସମସ୍ତ ଶ୍ରେୟ ଭଗବାନ ସ୍ୱରୂପ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କର ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଡଃ ମିନତୀ ମିଶ୍ର ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ରଚନାରୁ କିଛି ଶ୍ଳୋକ ଆବୃତ୍ତି କରିଥିଲେ। ଜ୍ଞାନ ମଞ୍ଚ ପକ୍ଷରୁ ପ୍ରଫେସର ଶରତଚନ୍ଦ୍ର ପ୍ରଧାନ , ଟ୍ରଷ୍ଟି ସଦସ୍ୟ ବରିଷ୍ଠ ସମାଜସେବୀ ହରିଶ୍ଚନ୍ଦ୍ର ଦାଶ ଓ ଗବେଷକ ସଞ୍ଜୟ ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦାଛକରିରେ ସାମ୍ବାଦିକଙ୍କ ଜଳଛତ୍ର

ପାରାଦୀପ, : ପ୍ରବଳ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଲୋକପାଣି ପାଇଁ ଆଉଟୁପାଉଟୁ ହେଉଥିବା ବେଳ ପାରାଦୀପର ମୁଖଶାଳା ଦୋଛକିଠାରେ ଜିଲ୍ଲା ସାମ୍ବାଦିକୟୁନିୟନ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି । ଜିଲ୍ଲା ସମ୍ପାଦକ ସୁବ୍ରତ ନାୟକ, ତୋଫାନୀ ମାଝୀ,ବିଶ୍ୱରଂଜନ ବିଶ୍ୱାଳ, ରାମଚନ୍ଦ୍ର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ନାଥ ପ୍ରମୁଖ ଏହି ଜଳଛତ୍ରକୁ ପରିଚାଳନକରୁଛନ୍ତି । ଏହି ଜଳଛତ୍ରକୁ ଏନସି ମେରାଇନ୍ କେପର୍ରେସନ ନିର୍ଦ୍ଦେଶକ ନକୁଳ ଚନ୍ଦ୍ର ବିଶ୍ୱାଳ ଉଦଘାଟନକରିଥିବା ବେଳ ପାରାଦୀପ ମୁଖ୍ୟ ବିକ୍ରମ ମହାପାତ୍ର ସକ୍ରିୟ ଭବେ ସହେଯାଗ କରିଥିଲେ । ଚଳିତ ବର୍ଷଖରା ଦିନ ସରିବା ପର୍ଯ୍ୟନ୍ତ ଏହି ଜଳଛତ୍ର ଚାଲୁ ରହିବ ବୋଲି ଜଣାପଡିଛି ।

# ଟାଉନହଲ ପରିସରରେ ଚାଷୀ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି



କେନ୍ଦ୍ରାପଡ଼ା ଅକ୍ଷୟ ତୃତୀୟା ଉପଲକ୍ଷେ ପୌରପାଳିକା ଟାଉନ ହଲ ପରିସରରେ କୃଷକ ବିକାଶ ସମବାୟ ସମିତି ନିଃ, ଆନୁକୂଲ୍ୟରେ ଚାଷୀ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସମାବେଶରେ ମୂଖ୍ୟ ଅତିଥି ଭାବେ ବିଶିଷ୍ଟ ସମବାୟବିତ୍ ଓ ଚାଷୀ ନେତା ଶ୍ରୀଯୁକ୍ତ ଗୋଲକ ମହାପାତ୍ର,ସମ୍ମାନୀୟ ବକ୍ତା ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦ୍ରାପଡ଼ା ଶ୍ରୀଯୁକ୍ତ କମଳାକାନ୍ତ ପାଣିଗ୍ରାହୀ,କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼କ୍ଟର ଅରବିନ୍ଦ ଦାସ, ସମବାୟ ସମିତିର ଉପାଧ୍ୟକ୍ଷା ଶ୍ରୀମତୀ ପାର୍ବତୀ ନାୟକ, ବିଜେପି ନାରୀ ନେତ୍ରୀ ଗୀତାଞ୍ଜଳୀ ସେଠୀ,ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥ ତେଜେଶ୍ୱର ପରିଡ଼ା କେନ୍ଦ୍ରାପଡ଼ା କ୍ରେଡିଟି କୋଅପ୍ରେଟି ସମବାୟ ସମିତିର ସଭାପତି ପ୍ରମୋଦ କୁମାର ସାହୁ ଯୋଗଦାନ କରିଥିଲେ। ଏହି ସଚେତନତା ସମାବେଶରେ ସବାପତିତ୍ୱ କରିଥିଲେ । ଆମ ରାଜ୍ୟରେ ନିର୍ଦ୍ଦିଷ୍ଟ ଭାବରେ ଚାଷୀ ମାନଙ୍କର ସ୍ୱାର୍ଥରକ୍ଷା ଏବଂ କୃଷିର ବିକାଶକୁ ଦୃଷ୍ଟିରେ ରଖି ଏକ ସଂଗଠନର ଆବଶ୍ୟକ ?ତା ଅନୁଭବ କରାଯାଇଥିବା ବେଳେ ଏହାକୁ ପୂରଣ କରିବା ପାଇଁ ଅବିଭକ୍ତ କଟକ ଜିଲ୍ଲାକୁ ନେଇ କୃଷକ ବିକାଶ ସମବାୟ ସମିତି ନିଃ ନାମରେ ଏକ ସମବାୟ ଭିତ୍ତିକ ସଂଗଠନ ଶ୍ରୀଯୁକ୍ତ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଗଢ଼ାଯାଇଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ କେନ୍ଦ୍ରାପଡ଼ା ସହର ଗୋପ ଠାରେ ରହିଅଛି । ଅତୀତରେ ଏହି ସଂସ୍ଥା ସମିତି କାର୍ଯ୍ୟକାରୀ ପରିସୀମା ଭିତରେ ବହୁ କୃଷି ସଚେତନ କାର୍ଯ୍ୟକ୍ରମ ଯଥା କୃଷକ ମାନଙ୍କୁ ଚାଷ ସମ୍ବନ୍ଧିୟ ତାଲିମ ପ୍ରଦାନ, ଧାନ ବିହନ, ଫସଲରେ ରୋଗ ପୋକ ପରିଚାଳନା, ବୟୋସାର ବ୍ୟବହାର, ମୃର୍ତ୍ତିକା ପରୀକ୍ଷା ଓ ଫସଲ ଅମଳର ଯନ୍ତ୍ର ଯୋଗାଣ, କୃଷକ ମାନଙ୍କର ଶସ୍ୟର ଉପଯୁକ୍ତ ମୂଲ୍ୟ ପାଇଁ ଧାନ ମଣ୍ଡି କାର୍ଯ୍ୟକ୍ରମ କରାଯାଉଛି ବୋଲି ସଭାପତି ଶ୍ରୀ ସାହୁ ପ୍ରକାଶ କରିଥିଲେ ଥିଲା । ଜିଲ୍ଲାର ସବୁ ବ୍ଲକରେ ଚାଷୀ ମାନଙ୍କ ନିମନ୍ତେ ଶୀତଳ ଭଣ୍ଡାର କରାଜିବ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାପାତ୍ର ପ୍ରକାଶ କରିଥିଲେ। ଏହି ସଚେତନତା ସମାବେଶରେ ଚାଷୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା

# ଭାଇ ଭଉଣୀଠୁ ମିଳିଲା ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ୧୯କେଜି ଜବତ, ଦୁଇ କୋର୍ଟ ଚାଲାଣ



ଜଟଣୀ, : ସ୍ଥାନୀୟ ଥାନାଞ୍ଚଳ ଅଧିନ ତଥା ରେଳପଥ ଅଞ୍ଚଳ ଗୋଲାଇ ମାର୍କେଟରୁ ଦୁଇ ଭାଇ ଭଉଣୀଙ୍କ ଠାରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ମିଳିବାରୁ ଗଞ୍ଜେଇ ଜବତ କରିଥିଲା ବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଖୋର୍ଦ୍ଧାରୋଡ଼ ଆରପିଏଫ। ଜଣାଯାଇଛି ଉତ୍ତର ପ୍ରଦେଶ ମିରୁଟ ଜିଲ୍ଲାର ବ୍ରହ୍ମପୁରୀ ଥାନାଞ୍ଚଳ ରାମଲୀଳା ପଡ଼ିଆ ନିକଟ ଇନ୍ଦିରା ନଗରର କରଣ ସିଂଙ୍କ ପୁଅ ସଚ୍ଚିନ୍ (୨୫) ଓ ଝିଅ ସାକ୍ଷୀ (୨୨)?। ଉଭୟ ଭାଇ ଭାଉଣୀ ଗୁଣୁପୁର ଷ୍ଟେସନରୁ ଏକ ଅଜଣା ଟ୍ରେନରେ ଶୁକ୍ରବାର ସକାଳେ ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନକୁ ଆସିଥିଲେ । ଷ୍ଟେସନ ପରିସରରୁ ସକାଳ ୫ଟାରେ ୧ନଂ ପ୍ଲାଟଫର୍ମରୁ ଲୁହା ଗେଟ୍ ଦେଇ ରେଳପଥ ଗୋଲାଇ ମାର୍କେଟକୁ ଆସି ପୁନର୍ବାର ସେହି ଗେଟ୍ ଦେଇ ଭିତରକୁ ଯାଇ ଷ୍ଟେସନ ପରିସରରେ ଥିବା ଏକ ସିମେଣ୍ଟ ଚେୟାରରେ ବସିଥିଲେ ଭାଇ ଭାଉଣୀ ଅନ୍ୟ ଏକ ଟ୍ରେନ୍ ହୀରାକୁଦ ଏକ୍ସପ୍ରେସ ଯୋଗେ ହଜରତ ନିଜାମୁଦ୍ଦିନ ରେଳ ଷ୍ଟେସନ୍ ଯିବାକୁ। ଖୋର୍ଦ୍ଧାରୋଡ଼ ଆରପିଏଫଙ୍କ ସଂଦେହ ହେବାରୁ ଭାଇ ଭଉଣୀଙ୍କ ଏକ ଏୟାର ବ୍ୟାଗ୍ ଯାଞ୍ଚ କରିବାରୁ ଜଣାପଡ଼ିଲା ଗଞ୍ଜେଇ ଅଛି। ଆରପିଏଫ ଉଭୟ ଭାଇ ଭାଉଣୀଙ୍କୁ ଆରପିଏଫ ଥାନାକୁ ଆଣି ଏୟାର ବ୍ୟାଗରେ ଥିବା ୧୯କେଜି ୭୫୦ଗ୍ରାମ ଗଞ୍ଜେଇ ଜବତ କରିଥିଲା ବେଳେ ଭାଇ ଭଉଣୀଙ୍କୁ ଏନଡିପିସ୍ ଆଇନ୍ ବଳରେ ଗିରଫ କରିଛି।

# ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ-୨୦୨୫ ଅନୁଷ୍ଠିତ

ଭୁବନେଶ୍ୱର, : ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟାକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଂଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର



ସବୁବେଳେ ଛିଡାହେବ। କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ, ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ

## ବାଙ୍ଗାଲୋର ଜଗନ୍ନାଥ ମନ୍ଦିରରେ ରଥକାଠ ଅନୁକୂଳ




ବାଙ୍ଗାଲୋର, : ପ୍ରଥମ ଥର ପାଇଁ ବାଙ୍ଗାଲୋର ବିକନାହାଲି ସରଜାପୁରା ମନ୍ଦିର ଟ୍ରଷ୍ଟ ତରଫରୁ ତିନିଗୋଟି ରଥ ଟଣା ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବାଙ୍ଗାଲୋର ରେ ଅନେକ ଜଗନ୍ନାଥ ମନ୍ଦିର ଥିବାବେଳେ ପ୍ରଥମ ଥର ପାଇଁ ତିନି ରଥ ଗଡିବ । ଲକ୍ଷାଧିକ ଓଡ଼ିଆ ବାଙ୍ଗାଲୋରରେ ବସବାସ କରୁଥିବା ବେଳେ ସେମାନେ ପବିତ୍ର ରଥଯାତ୍ରାରେ ଦେବାଦେବୀଙ୍କର ଦିବ୍ୟ ଦର୍ଶନ ପାଇବାରୁ ବଞ୍ଚିତ ହେଉଥିଲେ । ଅନେକ ସ୍ଥାନରେ ପ୍ରଭୁ ଜଗନ୍ନାଥଙ୍କ ରଥ ଗଡୁଥିବା ବେଳେ ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ରଥ ଦଉଡି ଛୁଇଁବାରୁ ବଂଚିତ ହେଉଥିଲେ ଭକ୍ତ । ତେଣୁ ଏ ବର୍ଷ ପ୍ରଥମ କରି ଜଗନ୍ନଥ ମନ୍ଦିର ବିକନାହାଲି ସରଜାପୁର ତରଫରୁ ତିନୋଟି ରଥ ନିର୍ମାଣ କରାଯାଉଥିବାରୁ ବିଧି ଅନୁସାରେ ପବିତ୍ର ଅକ୍ଷୟ ତୃତୀୟାରେ ରଥକାଠ ପୂଜା କରାଯାଇଛି । ସହସ୍ରାଧିକ ଭକ୍ତ ମନ୍ଦିର ପ୍ରାଙ୍ଗଣରେ ରହି ଭଜନ କୀର୍ତ୍ତନ ସହିତ ପୂଜା କରିଥିଲେ । ତିନି ରଥ ଦେଖିବାପାଇଁ ଆଉ ଛୁଇଁବା ପାଇଁ ବାଙ୍ଗାଲୋର ରେ ରହିଥିବା ଜଗନ୍ନାଥପ୍ରେମୀ ମାନେ ଉର୍ତ୍ସୁକତା ସହିତ ଅପେକ୍ଷା କରିଛନ୍ତି ।

# ଦେଉଳିଆ ଜଗନ୍ନାଥ ମନ୍ଦିରର ରତ୍ନମୁଦି କାର୍ଯ୍ୟକ୍ରମ

ବଡସାହି, : ବଡସାହି ବ୍ଲକ୍ ଅଧିନ ଦେଉଳିଆ ପଂଚାୟତ ଦେଉଳିଆ ଗ୍ରାମରେ ୧୫୦ ବର୍ଷରୁ ଉର୍ଦ୍ଧ ହେବ ଜଗନ୍ନାଥଙ୍କ ରୂପରେ ପୂଜା ପାଇ ଆସୁଛନ୍ତି ପ୍ରଭୁ ଦଧିବାମନ ଚନ୍ଦ୍ର ଜୀଉ ବୃନ୍ଦାବନ ଚନ୍ଦ୍ର ଜୀଉ । ମାତ୍ର ଅଦ୍ୟାବଧି ଠାକୁରଙ୍କ ପାଇଁ ସ୍ଥାୟୀ ମନ୍ଦିରଟିଏ ନ ଥିଲା । ସରକାରୀ ସହାୟତା ତଥା ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରୁ ଏଠାରେ ଏକ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲିଥିଲା । ଯାହାରକି ରତ୍ନମୁଦ ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି । କେବଳ ଦଧିବାମନ ଓ ବୃନ୍ଦାବନ ଚନ୍ଦ୍ର ଜୀଉଙ୍କର ନୁହେଁ, ତା ସହିତ ନବ ନିର୍ମିତ ମା ଲକ୍ଷ୍ମୀ ଓ ବିମଳାଙ୍କ ମନ୍ଦିର କାର୍ଯ୍ୟର ରତ୍ନମୁଦ ମଧ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶତାଧିକ ମହିଳା ଓ ପୁରୁଷଙ୍କର ଗହଣରେ ଗଙ୍ଗାହାର ନଦୀରୁ ଘଟ ଉତୋଳନ କରାଯାଇ କଳସ ଶୋଭାଯାତ୍ର ଗ୍ରାମ ପରିକ୍ରମା କରିଛି । ଏହି ସମୟରେ ସଂକୀର୍ତନ ମଣ୍ଡଳୀଙ୍କ ସହିତ ଜଗନ୍ନାଥଙ୍କ ରେକର୍ଡ ସଙ୍ଗୀତ ଓ ଜୟ ଜଗନ୍ନାଥ ଧ୍ୱନୀରେ ଗ୍ରାମ ପ୍ରକମ୍ପିତ ହୋଇଛି । ଏହି ସମସ୍ତ ଘଟକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯିବା ପରେ ଏକ ଆଧାମ୍ରିକ ପରିବେଶରେ ପୂଜା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି।। ଏହାପରେ ସଂକୀର୍ତନ ମଣ୍ଡଳୀଙ୍କ ସହିତ ମନ୍ଦିର ନିର୍ମାଣର ବିଶ୍ୱକର୍ମା( ମିସ୍ତ୍ରୀ) ଓ ବ୍ରାହ୍ମଣ ବରୁଣ ଓ ସାହାଡା ଗଛକୁ ପୂଜା କରାଯାଇ ବନଜାଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପୂଜା ପରେ ଗଛକୁ ଛେଦନ କରି ଆଣାଯାଇ ମିସ୍ତ୍ରୀମାନେ ଏହି କାଠରେ ଦାରୁ (ଇନ୍ଦ୍ର ଇନ୍ଦ୍ରଣୀ) ତିଆରି କରିଛନ୍ତି । ଦାରୁ ତିଆରି ହୋଇ ସାରିବା ପରେ ସଂକୀର୍ତମ ସହିତ ସେମାନଙ୍କୁ ଯଜ୍ଞ ମଣ୍ଡପକୁ ନିଆଯାଇ ବିଧିବିଧାନ ମୁତାବକ ପୂଜାର୍ଚ୍ଚନା କରାଯାଇଛି । ଏହାପରେ ସେମାନଙ୍କୁ ନେଇ ଦଧିନଉତିରେ ସ୍ଥାପନ କରାଯିବା ପରେ ରତ୍ନମୁଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଶତାଧିକ ମହିଳା, ପୁରୁଷ, ଯୁବକ, ଯୁବତୀ ଓ ପିଲାମାନେ ଏହି କାର୍ଯ୍ୟରେ ସାମିଲ ହୋଇ ନିଜନିଜ ମୁଣ୍ଡରେ ଧାନ ବୋହି ନେଇ ସେଠାରେ ପକାଇଛନ୍ତି । ଏତଦବାଦ ଶାଳଗ୍ରମା, ଅଷ୍ଟଧାତୁ, ସୁନା, ରୂପା, ଟଙ୍କା ଆଦି ଭକ୍ତମାନେ ଦଧିନଉତିରେ ପକାଉଥିବାର ଦେଖାଯାଇଛି । କର୍ତାକର୍ତୀ ଭାବେ ମନୋରଂଜନ ଗଜେନ୍ଦ୍ର ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ମମତା ଗଜେନ୍ଦ୍ରମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି । ମୁଖ୍ୟ ପୂଜକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ବ୍ରାହ୍ମଣ ମଣ୍ଡଳୀଙ୍କ ପୂଜା ପଦ୍ଧତି ଗ୍ରାମରେ ଏକ ଆଧାମ୍ରିକ ପରିବେଶରେ ସୃଷ୍ଟି କରିଛି । ଏହି ଅବସରରେ ଗ୍ରାମ ତଥା ଅଖପାଖ ଅଂଚଳରୁ ଆସିଥିବା ଭକ୍ତମାନେ ଦାନ କରିଥିବା ଧାନ, ଚାଉଳ, ଟଙ୍କା, ସୁନା ଓ ରୂପା ଆଦିକୁ ରମୁଦରେ ଭରଣ କରାଯାଇଛି । ଯଜ୍ଞର ପୂର୍ଣ୍ଣାହୂତି ପରେ କମିଟି ପକ୍ଷରୁ କରାଯାଇଥିବା ପ୍ରସାଦ ସେବନ





ବ୍ୟବସ୍ଥାରେ ଉପସ୍ଥିତ ଗ୍ରାମବାସୀ ଓ ଭକ୍ତମାନେ ସାମିଲ ହେଇ ପ୍ରସାଦ ସେବନ କରିଛନ୍ତି । ସଂଧ୍ୟାରେ ଚକାଡୋଳା ଭଜନ ସଂଧ୍ୟା ଗ୍ରୁପ ଦ୍ୱାରା ଆକର୍ଷଣୀୟ ଭଜନ ପରିବେଷଣ ହୋଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଛନ୍ତି ।

## କ୍ରାନ୍ତିକାରୀ ବୀର ରାମକୃଷ୍ଣ ସାମନ୍ତ ସିଂହାରଙ୍କ ପ୍ରତିମୂର୍ତ୍ତିକୁ ବରୁଆଁରେ ସ୍ୱାଗତ ସମ୍ବର୍ଦ୍ଧନା

ଯାଜପୁର, : ୧୮୫୭ ମସିହାର ଭାରତୀୟ ସଶସ୍ତ୍ର ମୁକ୍ତି ସଂଗ୍ରାମର ମହା ନାୟକ କ୍ରାନ୍ତିବୀର ରାମକୃଷ୍ଣ ସାମନ୍ତ ସିଂହାରଙ୍କ ୨୩୩ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ବିପ୍ଳବୀ ବୀରଙ୍କର ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି କୁ ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁରେ ବରୁଆଁ ମାହାଲ ଦୋଳ ମେଲଣ କମିଟି ପକ୍ଷରୁ ଉତ୍ସସୀତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା କ୍ଷ ଗତ କାଲି ଅପରାହ୍ନରେ ବରୁଆଁ ଛକରେ କମିଟିର ସମ୍ପାଦକ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର, ରମେଶ ମିଶ୍ର, ବ୍ରଜ କିଶୋର ପାଢୀ, ଅଶୋକ ମହାନ୍ତି, ଗଦାଧର ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ମହେନ୍ଦ୍ର ଭଞ୍ଜ,ରମେଶ ବିଶ୍ୱାଳ, ସଚିଦାନନ୍ଦ ବିଶ୍ୱାଳ, ସୂର୍ଯ୍ୟମଣି ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବରୁଆଁ ମେଲଣ ପଡ଼ିଆସ୍ଥିତ ଗୋପିନାଥ ଜୀଉ ମନ୍ଦିରକୁ ନିଆଯାଇଥିଲା କ୍ଷ ଏହି ଅବସରରେ କ୍ରାନ୍ତିବୀର ରାମକୃଷ୍ଣ ସାମନ୍ତ ସିଂହାର ଙ୍କ ଦାୟାଦ ରାଜା ପାର୍ଥ ସାରଥି ସାମନ୍ତ ସିଂହାର, କୁଞ୍ଜ ବିହାରୀ ରାୟ, ମନ୍ମଥ ରାୟ, ମନମୋହନ ରାୟ, ନିମାଇଁ ଚରଣ ରାୟ, ରାଜାରାମ ରାୟ, ଲୋକନାଥ ରାୟ, ପ୍ରଭାସ ରାୟ ଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରମିକ ଦିବସ ଉପଲକ୍ଷେ 'ହରିହର କ୍ଲବ୍' ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ବଡଚଣା, : -ଶ୍ରମିକ ଦିବସ ଉପଲକ୍ଷେ ବଡ଼ଚଣା ବ୍ଲକ ରାଧାଦେଇପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର 'ହରିହର କ୍ଲବ୍' ତରଫରୁ ବୃକ୍ଷରୋପଣ,ଗ୍ରାମ ସଫେଇ ଜଳଛତ୍ର ଭଳି କିଛି ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି,ଉକ୍ତ ସାମାଜିକ କାର୍ଯ୍ୟରେ ମୂଖ୍ୟ ଅତିଥି ଭାବରେ 'ବଟକୃଷ୍ଣ ଜେନା' ସମ୍ମାନୀୟ ଅତିଥି ଭାବେ ରବୀନ୍ଦ୍ର ସାମଲ,ଗୋଲଖ ସାମଲ, ଭଗ୍ୟଧର ମହାନ୍ତି ସାମିଲ ହୋଇଥିଲେ ଅତିଥି ମାନ କ୍ଲବ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ହରିହର କ୍ଲବ୍ ପକ୍ଷରୁ ଗ୍ରାମର ବିଭିନ୍ନ ରାସ୍ତା ଘାଟକୁ ସଦସ୍ୟ ମାନେ ସଫେଇ କରିଥିଲେ,ଖେଳ ପଡିଆ ଠାରେ ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ଜଳଛତ୍ର ବଣ୍ଟନ କରାଯାଇଥିଲା ଓ ବୃକ୍ଷ ରୋପଣ ଅତିଥି ମାନଙ୍କ କର କମଳର ଲଗାଯାଇଥିଲା,ଉକ୍ତ ସଭାରେ 'ହରିହର କ୍ଲବ୍' ର ସଭାପତି ଅଜିତ ସାମଲ ଉପ-ସଭାପତି ଶିବରାମ ସାମଲ,ସମ୍ପାଦକ ସୌମ୍ୟରଞ୍ଜନ ବରାଳ ସହ-ସମ୍ପାଦକ ମନ୍ମଥ ବରାଳ ଓ କୋଷାଧକ୍ଷ ଶିବଦତ୍ତ ସାମଲଙ୍କ ସହ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଅତିଥି ମାନେ ନିଜ ନିଜର ଅଭିଭାଷଣ ମାଧ୍ୟମରେ ଯୁବ ପିଢ଼ିଙ୍କୁ ଏହିପରି ସାମାଜିକ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂପୃକ୍ତି ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କ୍ଲବ ଟି ପ୍ରତ୍ୟେକ ସପ୍ତାହରେ ଏମିତି ସାମାଜିକ କାର୍ଯ୍ୟ ନିଜ ଗାଁ ସହ ଆଖ ପାଖ ଗ୍ରାମରେ ଜାରି ରଖୁ ମୁଖ୍ୟ ଅତିଥି କହିଥିଲେ ତା ସହ ଉକ୍ତ କ୍ଲବ ଟିକୁ ଆହୁରି ବୃଦ୍ଧି କରିବା ପାଇଁ ଅନ୍ୟ ଯୁବକ ଓ ବୁଦ୍ଧିଜୀବି ଏବଂ ମହିଳା ମାନଙ୍କୁ ସାମିଲ କରାଯାଉ ବୋଲି ମତ ପ୍ରକାଶ କରିଥିଲେ,ସଭା ସଙ୍ଗ ବେଳକୁ କ୍ଲବ୍ ର ସଦସ୍ୟ ବାବୁ ନାୟକ ଅତିଥି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଛିଣ୍ଡାନଇ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳିତ



ଜୟପୁର , : ଛିଣ୍ଡାନଇ ସାହିତ୍ ସଂସଦ କଟକ ଓ ଜୟପୁର ଶାଖାର ବାର୍ଷିକ ଉତ୍ସବ କବି କୃଷ୍ଣ ଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଜୟପୁର ଲୋକେଶ୍ୱରୀ କମୁନିଟି ହୋଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଉତ୍ସବରେ ବରିଷ୍ଠ ସାହିତ୍ୟିକ ଡ. ସୁରେଶ ଦାଶ ମୁଖ୍ୟଅତିଥି, ଆଦିବାସୀ ଭାଷାର ଗବେଷକ ଡ. ରାଜେନ୍ଦ୍ର ପାଢି ମୁଖ୍ୟବକ୍ତା ଏବଂ ଅଧାପକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ କ୍ଷ ସଂସଦର ସମ୍ପାଦକ ଯୁଧିଷ୍ଠିର ମଲ୍ଲିକ ବିବରଣୀ ପାଠ କରିଥିଲେ କ୍ଷ ସଭା ଆରମ୍ଭରେ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ କାଶ୍ମୀରର ପହେଲଗମରେ ଆତଙ୍କବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ବ୍ୟକ୍ତି ମାନଙ୍କ ପାଇଁ ଦୁଇ ମିନିଟ୍ ଶୋକ ପ୍ରାର୍ଥନା କରାଯାଇଥିଲା କ୍ଷ ସଂସଦର ସହ ସମ୍ପାଦକ ପ୍ରକାଶ ମହାନନ୍ଦିଆ ଅତିଥି ମାନଙ୍କୁ ଆହ୍ୱାନ କରିଥିବା ବେଳେ କବୟତ୍ରୀ ସୌଭାଗିନୀ ନନ୍ଦ ଅତିଥି ପରିଚୟ କରିଥିଲେ କ୍ଷ ବିଶ୍ୱରୂପା ଦାସ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ କ୍ଷ ଏହି ଅବସର ରେ ସଂସଦ ର ମୁଖପତ୍ର ଶୁଭ୍ରାଶ୍ରି ପତ୍ରିକା ଉନ୍ମୋଚନ ହୋଇଥିଲା। ଅନୁଷ୍ଠିତ ସଭା ରେ ବକ୍ତା ମାନେ ସାଂପ୍ରତିକ ସ୍ଥିତି ରେ ସାହିତ୍ୟ ର ଭୂମିକା ଉପରେ ଆଲୋଚନା କରିଥଲେ। ଓଡ଼ିଆ ଭାଷା ସାହିତ୍ୟରେ ପ୍ରସାର ଓ ପ୍ରଚାର ରେ ଯୁବ ଗୋଷ୍ଠୀ ର ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା। ଏଥିରେ ଅମୂଲ୍ୟ ରାମାୟଣ ର ରଚୟିତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଭୁକ୍ତା ଙ୍କୁ ସୁଭ୍ରାଶ୍ରୀ ସମ୍ମାନ ରେ ସମ୍ମାନିତ କରାଯାଇଥିଲା।ବୈରାଗୀଚରଣ ସାହୁ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ପ୍ରମୋଦ ରାଉଳ, ଅଶୋକ ପଲେଇ, ଭାବ ଚନ୍ଦ୍ରିକା ଦେବୀ, ଅଜୟ ମଲ୍ଲିକ, ଡୋଲି ନାୟକ, ନାରାୟଣ ସଗର, ଘାସିରାମ ମହାପାତ୍ର, ଶୁଭଶ୍ରୀ ପଟ୍ଟନାଏକ, ରାଜଶ୍ରୀ ସ୍ୱାଇଁ, ଅଭିନାସ ସାନ୍ତାପାତ୍ର, ଶୁଭଶ୍ରୀ ହୋତା, ସଂଘମିତ୍ରା ଭୁକ୍ତା ପ୍ରମୁଖ କବି ଓ କବୟତ୍ରୀ କବିତା ପାଠୋତ୍ସବରେ କବିତା ପାଠ କରିଥିଲେ କ୍ଷଏହି ସଭାରେ ନିରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ନାୟକ, ନିକୁଞ୍ଜ ରଞ୍ଜନ ମହାନ୍ତି ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ।

## ରାଜ୍ୟ ଗ୍ରୀଷ୍ମ କାଳୀନ କୋଚିଂ ଶିବିର ପାଇଁ ସପନ ବୈରାଗୀ ମନୋନିତ

ଉମରକୋଟ, : ନବରଙ୍ଗପୁର ଜିଲ୍ଲା ଉମରକୋଟ ନିକଟସ୍ଥ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଏସ ପଦର ସରକାରୀ ଉଚ୍ଚ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ସପନ ବୈରାଗୀ ଙ୍କୁ ଓଡ଼ିଶା କ୍ରୀଡା ସଂଘ ପକ୍ଷରୁ ଆସନ୍ତା ୫ ତାରିଖ ଠାରୁ କଟକ ଠାରେ ଆରମ୍ଭ ହେବାକୁ ଥିବା ରାଜ୍ୟ ଗ୍ରୀଷ୍ମ କାଳୀନ କୋଚିଂ ଶିବିରରେ କୋଚ ନିମନ୍ତେ ମନୋନୀତ ହୋଇଛନ୍ତି। ଓଡ଼ିଆ କ୍ରୀଡା ସଙ୍ଘର ସଂପାଦକ ଅଭିଜିତ ପାଲ ସପନ କୁ ଦେଇଥିବା ପତ୍ରରେ ଆସନ୍ତା ୪ ତାରିଖ ସୁଦ୍ଧା କଟକ ଠାରେ ପହଞ୍ଚିବା ପାଇଁ ଅନୁରୋଧ କରିଛନ୍ତି। ଏହି ଗ୍ରୀଷ୍ମ କାଳୀନ କୋଚିଂ ଶିବିର ୫ ତାରିଖ ଠାରୁ ଆରମ୍ଭ ହେବ ବୋଲି ଉକ୍ତ ପତ୍ର ରେ ଉଲ୍ଲେଖ ରହିଛି। ସମଗ୍ର ଓଡ଼ିଶା ରେ ୭ ଜଣ କ୍ରୀଡା ଶିକ୍ଷକ ଙ୍କୁ ଓଡ଼ିଶା କ୍ରୀଡା ସଂଘ କୋଚ ଭାବେ ମନୋନିତ ହୋଇଥିବା ବେଳେ ସେଥି ମଧ୍ୟରୁ ସପନ ଜଣେ। ସମଗ୍ର ନବରଙ୍ଗପୁର ଜିଲ୍ଲାରୁ ସପନ ବୈରାଗୀ ଜଣେ ମାତ୍ର କ୍ରୀଡ଼ା ଶିକ୍ଷକ ଯିଏ କି ଏହି ସମ୍ମାନ ଜନକ ଗ୍ରୀଷ୍ମ କାଳୀନ କୋଚିଂ ଶିବିର ପାଇଁ କୋଚ ଭାବେ ମନୋନୀତ ହୋଇଛନ୍ତି।

# କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସାମ୍ବାଦିକ ସମ୍ମିଳନୀ -ମୋଟର ସାଇକେଲ ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ

କୋରାପୁଟ, : ୨୨ ଟି ମଟର ସାଇକେଲ ସହ ୨ ଅଭିଯୁକ୍ତ ଓ ଚୋରି ବାଇକ୍ କ୍ରୟ କରିଥିବା ୨ ବ୍ୟକ୍ତି ମଧ ଗିରଫ ।କୋରାପୁଟ ଜିଲ୍ଲା ଜୟପୁର ପୋଲିସ କୁ ମିଳିଛି ଏକ ବଡ ସଫଳତା। ଦୀର୍ଘ ଦିନ ଧରି ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ମଟର ସାଇକେଲ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଆଜି କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ। ଆଜି ଅପରାହ୍ନ ୧.୩୦ ମିନିଟ୍ ରେ ଜୟପୁର ଟାଉନ ଥାନାରେ କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବ୍ରହ୍ମା ଏକ ସାମ୍ବାଦିକ ସମ୍ମିଳନୀ ଯୋଗେ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ଘଟଣାର ପର୍ଦ୍ଦାଫାଶ କରିଛନ୍ତି। ବାଇକ୍ ଚୋରି ଘଟଣାକୁ ନେଇ ଜୟପୁର ଟାଉନ୍ ଥାନା,ସଦର ଥାନା ସମେତ ବୋରିଗୁମ୍ମା ଥାନା ରେ ଏତଲା ଦାୟର ହୋଇଥିଲା। ଅତ୍ୟାଧିକ ବାଇକ ଚୋରି ଘଟଣାକୁ ନେଇ ଜୟପୁର ଏସଡିପିଓ ଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।ସେହି ଟିମ୍ ରେ ଇନ୍ସପେକ୍ଟର ଟାଉନ ଥାନା, ଏସ୍ ଆଇ ମନିଷା , ଏସ୍ ଆଇ ଗୋବିନ୍ଦ, ଏସ୍ ଆଇ ସିଦ୍ଧାର୍ଥ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା।ଉକ୍ତ ଘଟଣାର ତଦନ୍ତରେ ପୋଲିସ ଜାଣିବାକୁ ପାଇ ବୋରିଗୁମ୍ମାର ଅନିଲ ହରିଜନ ( ୩୩) ଏବଂ ଜୟପୁର ବ୍ଲକ ନିଳା ଗୁଡା ଅଞ୍ଚଳର ନରେଶ ଦୁଆରୁ (୧୯)ଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ଏହି ଅଭିଯୁକ୍ତ ମାନଙ୍କୁ ଗିରଫ କରି ଅଧିକ ତଦନ୍ତ ପରେ ଚୋରି ବାଇକ୍ କୁ ଅନିଲ ହରିଜନ ମଇଦଲପୁର ର ଲକ୍ଷ୍ମଣ ହରିଜନ,





ମାଲକାନଗିରି ଜିଲ୍ଲା ର ଭିମ ଖିଲ ପାଖରେ ଚୋରି ବାଇକ୍ ବିକ୍ରି କରିଥିବା ଆରକ୍ଷୀ ଅଧିକ୍ଷକ ଗଣମାଧମକୁ ସୂଚନା ସୂଚନା ଦେଇଛନ୍ତି। ସମସ୍ତ ଚୋରି ବାଇକ୍ କୁ ଜବତ କରିଛି ପୋଲିସ ।ମୋଟ ୨୨ ଟି ବାଇକ୍ କୁ ଜବତ କରିଥିବା ବେଳେ ବାଇକ୍ ମାଲିକ ମାନଙ୍କୁ ଜୟପୁର ଟାଉନ ଥାନାରେ ଡକାଯାଇ ବାଇକ୍ ଗୁଡିକୁ ହସ୍ତାନ୍ତର କରିଛି ପୋଲିସ। ପୂର୍ବରୁ ଜବତ ହୋଇଥିବା ୯ ଟି ବାଇକ ସମେତ ମୋଟ ୩୧ ଟି ଜବତ ବାଇକ୍ କୁ ଆଜି ବାଇକ୍ ମାଲିକ ମାନଙ୍କୁ ଥାନାରେ ଡକାଯାଇ ବାଇକ୍ ଗୁଡିକୁ ହସ୍ତାନ୍ତର କରିଛି ପୋଲିସ। ଜୟପୁର ଟାଉନ ସମେତ ଜୟପୁର ସଦର ବୋରିଗୁମ୍ମା, ନବରଙ୍ଗପୁର,ଓ ମାଲକାନଗିରି ଜିଲ୍ଲାରେ ମଧ ବାଇକ୍ ଚୋରି କୁ ନେଇ ମାମଲା ରୁଜୁ ହୋଇଥିବା ସୂଚନା ଦେଇଛନ୍ତି କୋରାପୁଟ ଅଧିକ୍ଷକ ରୋହିତ ବ୍ରହ୍ମା। ଯେଉଁ ମାନେ ଏହି ଭଳି ବିନା କାଗଜପତ୍ର ରେ ବାଇକ୍ କିଣୁଛନ୍ତି ସେମାନେ ସାବଧାନ ହୋଇଯିବା ସହିତ ଗାଡ଼ି ଯାଞ୍ଚ ବେଳେ ଧରାପଡିବେ ବୋଲି କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗଣମାଧମକୁ ସୂଚନା ଦେଇଛନ୍ତି। ତେଣୁ ବିନା ଗାଡ଼ିର କାଗଜପତ୍ର ନ ଦେଖି କୌଣସି ଗାଡି ନ କିଣିବାକୁ ସାଧାରଣ ଜନତାଙ୍କୁ କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବ୍ରହ୍ମା ଗଣମାଧମ ଜରିଆରେ ପରାମର୍ଶ ଦେଇଛନ୍ତି। ଗିରଫ ୪ ଜଣ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି।

## ମହୁମାଛି ଆକ୍ରମଣରେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ



କୋରାପୁଟ , : ସୁନାବେଡା ମୁଖ୍ୟ ରାସ୍ତା ର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଡିଆଇଜି ଙ୍କ କାର୍ଯ୍ୟାଳୟ ନିକଟରେ ମହୁମାଛି ଆକ୍ରମଣ ରେ ଜଣେ ଅଟୋ ଡ୍ରାଇଭର ଙ୍କ ମୃତ୍ୟୁ ଘଟିଛି କ୍ଷ ଅଟୋ ଡ୍ରାଇଭର ସ୍ଥାନୀୟ ହାଉସିଂ ବୋର୍ଡ଼ ର ଅଜୁ ଚେଟୀ ବୋଲି ଜଣା ପଡ଼ିଛି କ୍ଷ ନିଜ ଭଉଣୀ ଘରେ ଅଟୋ ରଖନ୍ତି କ୍ଷ ଆଜି ସକାଳୁ ଭଉଣୀ ଘରୁ ଅଟୋ ନେବା ପାଇଁ ଚାଲି ଚାଲି ଯାଉଥିବା ବେଳେ ହଟାତ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲା କ୍ଷ ମହୁମାଛି ଆକ୍ରମଣ ସେ ଆହତ ହୋଇ ଥିଲେ କ୍ଷ ତାଙ୍କୁ ସଙ୍ଗେ ସଙ୍ଗେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ କୁ ନିଆ ଯାଇଥିଲା କ୍ଷ ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି କ୍ଷ ମେଡିକାଲ ରେ ଏବେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି କ୍ଷ ଅଟୋ ଚଳାଇ ଅଜୁ ପରିବାର ପତିପୋଷଣ କରୁଥିଲେ କ୍ଷ ଘର ର ରୋଜଗାରିଆ ପୁଅ ଏବେ ଚାଲି ଗଲା ଏବେ କେମିତି ପରିବାର ଚଳିବେ ବୋଲି ଚିନ୍ତାରେ ତାଙ୍କ ପରିବାର ଲୋକେ କ୍ଷ କୋରାପୁଟ ସହର ସାରା ମହୁମାଛି ବସା କରିଛି କ୍ଷ ମହୁମାଛି କୁ ହଟାଇବା ପାଇଁ ସହରବାସୀ ଦାବି କରିଛନ୍ତି।

## ପାରାଦୀପ ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ

ପାରାଦୀପ- - ପାରାଦୀପ ଖବରକାଗଜ ବିତରକ ସଂଘର ୧୧ତମ ବାର୍ଷିକ ଉତ୍ସବ ଗୁରୁବାର ସଂଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରେର ପାରାଦୀପ ପୋର୍ଟ ଶ୍ରମିକ ସଂଘ (ଶ୍ରମିକ ଭବନ) ପରିସରେର ସଭାପତି ପ୍ରଦୀପ କୁମାର ଜେନାଙ୍କ ସଭାପତିତ୍ୱେର ଏକ ସମାେରାହ ଅାୟୋଜିତ ହୋଇଥିଲା ।ମୁଖ୍ୟଅତିଥି ଭବେ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ସମ୍ମାନୀତ ଅତିଥି ଭବେ ବରିଷ୍ଠ ସାମ୍ବାଦିକ ସ୍ୱାଇଁ, ଶୁକେଦବ ଜେନା, ରତ୍ନାକର ଜେନା ଯୋଗ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର କାର୍ଯ୍ୟକ୍ରମେର ପୌରହିତ୍ୟ କରିଥିଲେ । ଇ□ରେନେଟ୍ ଯୁଗେର ପାରାଦୀପ ସହରେର ଖବରକାଗଜ ସାଧାରଣଲୋକଙ୍କ ପାଖେର ପହଂଚାଇ



ପରିବାର ପ୍ରତିପୋଷଣ କରିବା କଷ୍ଟକର । ତଥାପି ଏହି ବୃ□କୁ ଆପେଣଇନେଇଥିବା ଖବରକାଗଜ ବିକ୍ରେତାମାନଙ୍କୁ ମୁଖ୍ୟଅତିଥି ନଗରପାଳ ଶ୍ରୀ ବିଶ୍ୱାଳ ଧନ୍ୟବାଦ ଜଣାଇଥିଲେ ।ଖବରକାଗଜ ବିତରକମାନଙ୍କ ପାଇଁ ଜେଣ ସାମ୍ବାଦିକ ନିଜକୁ ସାମ୍ବାଦିକ ବୋଲି ଗର୍ବ କରିଥାଏ ବୋଲି ଅତିଥିମାେନ ମତବ୍ୟକ୍ତ କରିଥିଲେ । ସାମ୍ବାଦିକ ଭାଗିରଥି ମଲ୍ଲିକ, ବିତରକ ସଂଘର ସମ୍ପାଦକ ବାଳକୃଷ୍ଣ ସୂତାର ବ□ର୍ମାନର ଏହି କଠିନ ସମୟେର ସବୁବଗର୍ର ଲୋକ ବିତରକମାନଙ୍କ ସମସ୍ୟା ସହିତ ଜଡିତ ହେବା ଏବଂ ସରକାରୀ ସ୍ୱୀକୃତି ଓ ପ୍ରେତ୍ସାହନ ଯୋଗାଇ ଦେବାକୁ ଦାବୀ କରିଥିଲେ ।

## ପାରାଦୀପେର ବିଶ୍ୱ ଶ୍ରମିକ ଦିବସ ପାଳିତ

ପାରାଦୀପ, : ବନ୍ଦର ସହର ପାରାଦୀପେର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପାରାଦୀପ ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଭବନ ପରିସରେର ପାଳିତ ହୋଇଯାଇଛି । ପାରାଦୀପ ସେମତବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପକର୍ରେ ଶ୍ରମିକ ସଂଘର କାର୍ଯ୍ୟକାରୀ ସବାପତି ବସନ୍ତବିଶ୍ୱାଳ ଅାଲୋଚନା କରିଥିଲେ । ସଂଘର ପ୍ରତିଷ୍ଠାତା ଲୋକନାଥ ଚୌଧୁରୀଙ୍କ ୧୦୦ତମ ଜନ୍ମ ଦିନ ଆସନ୍ତା୧୯ ତାରିଖେର ପାଳନ କରାଯିବ । ସଂଘର କମର୍କ□ ଓ ସଦସ୍ୟମାନଙ୍କ ସହିତ ଅାଲୋଚନା କରାଯାଇ ପ୍ରତିମୂ□ ସ୍ଥାପନ ନିମେନ୍ତ ନିଷ୍ପ□ ନିଆଯିବା ନେଇ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ସେହିପରି ପୂର୍ବ ଭାରତ ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ସଂଘ କାର୍ଯ୍ୟାଳୟ ଜରୋ ପଏ□ ଠାରେ ପାଳିତ ହୋଇଥିଲା । ସଂଘର ସଭାପତି ସେନ୍ତାଷ କୁମାର ପ...ନାୟକଙ୍କ ଉପସ୍ଥିତିରେ ଅାୟୋଜିତ ଏହି ସଭାରେ ଉପସଭାପତି ଚିନ୍ମୟ ଦାସ ପୌରହିତ୍ୟ କରିଥିଲେ । ସାଧାରଣ ସମ୍ପାଦକ ତାପସ କୁମାର ପଲାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟେର କାର୍ଯ୍ୟକାରୀ ସଭାପତି ବିକ୍ରମ ମହାନ୍ତି, ତୈଳ ବିଶୋଧନାଗାର ଠିକା ସମବାୟ ସମିତି ସମ୍ପାଦକ ନିରଂଜନ ସାମଲ, ପାରାଦୀପ ବନ୍ଦର କ୍ଷତିଗ୍ରସ୍ତ ଜମିହରା କୃଷକ ସଂଘ ସମ୍ପାଦକ ମିହିରକାନ୍ତ ସାହୁ, କାର୍ଯ୍ୟାଳୟ ସମ୍ପାଦକ ବରିେନ୍ଦ୍ର ମହାପାତ୍ର, ଅେଶାକ ନାଥ,ସମୀର ସୂତା, ରବିନ୍ଦ୍ର ନାୟକଙ୍କ ସେମତ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ ।

# କୋରାପୁଟ ଜିଲ୍ଲା ଦୁଇ ଦିନିଆ ଗସ୍ତରେ ନୋଡାଲ ସେକ୍ରେଟେରୀ, କମିଶନର ତଥା ଶାସନ ସଚିବ ସମବାୟ ବିଭାଗ ଓଡ଼ିଶା

କୋରାପୁଟ, : ଜିଲ୍ଲାର ଦୁଇ ଦିନିଆ ସମୀକ୍ଷା କରିଛନ୍ତି ନୋଡାଲ ସେକ୍ରେଟାରୀ, କମିଶନର ତଥା ଶାସନ ସଚିବ ସମବାୟ ବିଭାଗ ଓଡ଼ିଶା ରାଜେଶ ପ୍ରଭାକର ପାଟିଲ। କୋରାପୁଟ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣଧୀନ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେବା ସହ ନିର୍ମାଣଧୀନ ନୂତନ କୋଠା ବୁଲି ଦେଖିଥିଲେ। କୋରାପୁଟ ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ ଲାଣ୍ଡିଗୁଡା ସ୍ଥିତ କୋଲାବ ଜଳଭଣ୍ଡାରରେ ନିର୍ମାଣଧୀନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଗ୍ରାମ୍ୟ ଜଳ ପରିମଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କିଭଳି ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପ୍ରତିକ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ସଫଳ ହେବ ସେନେଇ ଆଲୋଚନା କରିଛନ୍ତି। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ବିଭାଗୀୟ ଉଚ୍ଚ ବିଭାଗୀୟ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିବା ସହ ପିଲାଙ୍କୁ ମିଳୁଥିବା ସରକାରଙ୍କ ବିଭିନ୍ନ ଯୋଜନା ତଦାରଖ କରି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସ୍ମାର୍ଟ୍ କ୍ଲାସରୁମ ସହ ଲାଇବ୍ରେରୀ ବୁଲି ଖୁସି ବ୍ୟକ୍ତ କରିଥିଲେ। ଦେଶର ମହାପୁରୁଷଙ୍କ ଜୀବନୀ ଉପରେ ପିଲାଙ୍କୁ ସାଧାରଣ ଜ୍ଞାନ କିଭଳି ଦିଆଯିବ ସେଉପରେ ଗୁରୁତ୍ୱାରୋପ କରିଥିଲେ। ସେମିଳିଗୁଡା ବ୍ଲକ ସ୍ଥିତ ରାଜୁପୁଟ ପଞ୍ଚାୟତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିବା ସହ ମିଲେଟ ପ୍ରସ୍ତୁତି ଖାଦ୍ୟ ଦେଖିବା ସହ ଜିଲ୍ଲାର ପ୍ରତ୍ୟକ ବିଦ୍ୟାଳୟରେ ପିଲାଙ୍କୁ ମିଲେଟ ଖାଦ୍ୟ ଦିଆଯିବ କିଭଳି ମିଲେଟ ଖାଦ୍ୟକୁ କିଭଳି ପ୍ରଚାର୍ ପ୍ରସାର କରାଯିବ ସେନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ମିଲେଟ ପ୍ରକ୍ରିୟାକରଣ ୟୁନିଟ ଠାରେ ମାଣ୍ଡିଆ ଲଡୁ , ବିସ୍କୁଟ ଖାଇ ମାଣ୍ଡିଆରେ ଏଭଳି ସ୍ୱାଦିଷ୍ଟ ଖାଦ୍ୟ ଖାଇ ଖୁସି ବ୍ୟକ୍ତ କରିଥିଲେ। ତାହାପରେ ପଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ଠାରେ ଓରମାସ ଦ୍ୱାରା ପରିଚାଳିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ। ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଅଭିନବ ପଦକ୍ଷେପକୁ ଅଭିନନ୍ଦନ ଜଣାଇବା ବିଜନେସ କରିଡ଼ର ରାୟପୁର ଠାରୁ ବିଶାଖାପାଟଣା ଭାରତ ମାଳା ପରିଯୋଜନାର ସମୀକ୍ଷା କରିଥିଲେ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ସହ ଟନେଲ ବୁଲି ଦେଖିଥିଲେ। ନିର୍ଦ୍ଧାରିତ ସମୟରେ କିଭଳି ଭାରତ ମାଳା ଏକ୍ସପ୍ରେସ ହାଇୱେ ଲୋକଙ୍କ ନିମନ୍ତେ ଉଦ୍ଧିଷ୍ଟ ହେବ ସେନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। କୋରାପୁଟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ



ମାନଙ୍କ ସହ ଜିଲ୍ଲାର ଅଗ୍ରଗତି ଓ ଉନ୍ନୟନମୂଳକ ପ୍ରକଳ୍ପକୁ ନେଇ ଆଲୋଚନା କରିଥିଲେ। ଜିଲ୍ଲାରେ ପାନୀୟ ଜଳ ଯୋଗାଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନିଯୁକ୍ତି, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ଉଦ୍ୟୋଗୀ ବିକାଶ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ଜୟପୁର ଉପ ଜିଲ୍ଲାପାଳ ଆକାଭରମ ଶସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ,ଜିଲ୍ଲା ମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବରଦା କାନ୍ତ ମିଶ୍ର, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧିକ୍ଷକ ଓ ଡିନ ପ୍ରଫେସର ସୁଶାନ୍ତ କୁମାର ସାହୁ, ଜିଲ୍ଲା ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ଚୌଧୁରୀ , ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୁର୍ଯ୍ୟକାନ୍ତ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ପିଡି ତପନ କୁମାର ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥା ସ୍ନେହ ପ୍ରଭା ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସହ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂପାଦକୀୟ...

# ପୁଣି ଅଶାନ୍ତ

ତିନି ଦଶନ୍ଧି ପରେ ପଞ୍ଜାବ ପୁଣି ଥରେ ଅଶାନ୍ତ ହୋଇପଡ଼ିଛି । ସ୍ୱତନ୍ତ୍ର ଖାଲିସ୍ତାନ ଗଠନ ଦାବିରେ ବିଚ୍ଛିନ୍ନତାବାଦୀମାନେ ପୁଣି ଥରେ ସେଠାରେ ସକ୍ରିୟ ହୋଇଛନ୍ତି । ଆତ୍ମଘୋଷିତ ଧର୍ମଗୁରୁ ତଥା କଟ୍ଟରପନ୍ଥୀ ଅମୃତ ପାଲ୍ ସିଂହ ଓ ତାହାର ସମର୍ଥକମାନେ ଏବେ ପଞ୍ଜାବରେ ନିଜର ଉପସ୍ଥିତି ଜାହିର କରିବା ପାଇଁ ହିଂସାର ଆଶ୍ରୟ ନେଇଥିବାବେଳେ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀ ବିହିତ କାର୍ଯ୍ୟାନୁଷ୍ଠାନ ନେଇଛି । ଫଳରେ ସେଠାରେ ପରିସ୍ଥିତି ଏବେ ଉତେଜନାମୂଳକ ରହିଛି । କିଛିଦିନ ତଳେ ଅମୃତ ପାଲର ନେତୃତ୍ୱରେ ପରିଚାଳିତ 'ୱାରିସ୍ ପଞ୍ଜାବ ଦେ'ର ସଦସ୍ୟମାନେ ସେମାନଙ୍କର ଗିରଫ ସାଥୀମାନଙ୍କୁ ପୁଲିସ୍ ହାଜତରୁ ମୁକ୍ତ କରିବାକୁ ଅମୃତସହର ନିକଟସ୍ଥ ଆଜନାଲା ଥାନା ଉପରେ ଆକ୍ରମଣ କରି ବର୍ବରକାଣ୍ଡ ଭିଆଇଥିଲେ । ସେତେବେଳେ ପୁଲିସ୍‌ର ନିଷ୍କ୍ରିୟତା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏହି ଘଟଣାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ସୃଷ୍ଟି ହୋଇଥିଲା । ଚାରିଆଡୁ ଚାପ ପଡ଼ିବା ପରେ ଅମୃତ ପାଲ୍‌କୁ ଗିରଫ କରିବା ପାଇଁ ପଞ୍ଜାବ ପୁଲିସ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ତେବେ ଅମୃତ ପାଲ୍ ଖସି ଯାଇଥିବାବେଳେ ପାଖାପାଖି ତାହାର ୮୦ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି । ଏହାପରେ ପୁଲିସ ସେଠାରେ ଫ୍ଲାଗ୍‌ମାର୍ଚ୍ଚ କରିଛି । କୌଣସି ବଡ଼ ଧରଣର ଅଘଟଣ ଭୟରେ ଲୋକମାନେ ଘର ଭିତରେ ନିରାପଦରେ ରହିବାକୁ ଶ୍ରେୟ ମଣିଛନ୍ତି । ଏହି ଘଟଣା ୧୯୭୦-୮୦ ଦଶକର ପଞ୍ଜାବ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ବା ଖାଲିସ୍ତାନୀ ଆନ୍ଦୋଳନ ବେଳର ଘଟଣାକୁ ସ୍ମରଣ କରାଇ ଦେଉଛି । ସେତେବେଳେ ଏହି ଆନ୍ଦୋଳନର ମୁଖ୍ୟ ଜାରନେଲ୍ ସିଂହ ଭିଣ୍ଡ୍ରାୱାଲା ନେତୃତ୍ୱରେ ପଞ୍ଜାବରେ ଆତଙ୍କରାଜ ସୃଷ୍ଟି ହୋଇଥିଲା । ଦୀର୍ଘ ପ୍ରାୟ ଦୁଇ ଦଶନ୍ଧିର ହିଂସାର ଘନଘଟା ଭିତରେ ପଞ୍ଜାବବାସୀ ଜୀବନ ବିତାଇବା ପରେ ଅମୃତସର ବ୍ଲୁଷ୍ଟାର ଅପରେସନ୍ ଜରିଆରେ ଏହି ଆତଙ୍କର ଅବସାନ ଘଟିଥିଲା । ଏହାର ପ୍ରଭାବରେ କିନ୍ତୁ ୧୯୮୪ରେ ଯେଉଁ ଶିଖ୍ ବିରୋଧୀ ଦଙ୍ଗାର ସୂତ୍ରପାତ ହେଲା, ତାହା ଭାରତୀୟ ଇତିହାସରେ କଳା ଅଧ୍ୟାୟ ହୋଇ ଆଜି ପର୍ଯ୍ୟନ୍ତ ରହିଯାଇଛି । ବିଡ଼ମ୍ବନା ହେଲା ସେତେବେଳେ ମଧ୍ୟ ଏହି ସାମଗ୍ରିକ ଘଟଣା ପଛରେ କୁତ୍ସିତ ରାଜନୈତିକ ସ୍ୱାର୍ଥ ଜଡ଼ିତ ଥିବା ବେଳେ ଏବେ ମଧ୍ୟ ସେଭଳି କିଛି ଗନ୍ଧ ବାରି ହୋଇପଡୁଛି । ସ୍ୱାଧୀନତା ପରବର୍ତୀ ସମୟରୁ ପଞ୍ଜାବ ସମସ୍ୟା ଏକ ଅତି ସମ୍ବେଦନଶୀଳ ଓ ଜଟିଳ ପ୍ରସଙ୍ଗ ହୋଇ ରହି ଆସିଛି । ଏହି ପ୍ରସଙ୍ଗ ପଛରେ କେବଳ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ନୁହେଁ, ବରଂ ଧର୍ମ, ସଂସ୍କୃତି, ଅର୍ଥନୀତି ଆଦି ଅନେକ ସମସ୍ୟା ଜଡ଼ିତ ରହିଛି । ପଞ୍ଜାବବାସୀଙ୍କ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଧାରଣା ମୂଳରୁ ରହି ଆସିଛି ଯେ ସ୍ୱାଧୀନ ଭାରତରେ ସେମାନେ ସଂଖ୍ୟାଲଘୁ ଏବଂ ସଂଖ୍ୟାବହୁଳ ହିନ୍ଦୀ ଭାଷାଭାଷୀଙ୍କ ଦ୍ୱାରା ଅବହେଳିତ । କୃଷି ଓ ଅର୍ଥନୀତି ଦୃଷ୍ଟିରୁ ବେଶ୍ ଉନ୍ନତ ଏହି ରାଜ୍ୟ କିନ୍ତୁ ଅବଶିଷ୍ଟ ଭାରତରେ ଯଥାଯଥ ସମ୍ମାନ ଓ ମର୍ଯ୍ୟାଦା ପାଉନଥିବା ସେହି ରାଜ୍ୟର କେତେକ ଗୋଷ୍ଠୀ ମନେ କରିଆସୁଛନ୍ତି । ପଞ୍ଜାବବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶ ଭାରତ ଅଧୀନରେ ରହି କଦାପି ସମ୍ଭବ ନୁହେଁ ବୋଲି ଏହି ଗୋଷ୍ଠୀ ପଞ୍ଜାବବାସୀଙ୍କ ମନରେ ଏକ ଧାରଣା ମୂଳରୁ ସୃଷ୍ଟି କରିବାକୁ ଚେଷ୍ଟା କରିଆସୁଛନ୍ତି । ଶିଖମାନଙ୍କ ପାଇଁ ଏକ ସ୍ୱାଧୀନ ରାଷ୍ଟ୍ର ଗଠନ ନିମନ୍ତେ ଆମେରିକା, ବ୍ରିଟେନ୍ ଓ କାନାଡ଼ା ଆଦି ଦେଶରେ ବସବାସ କରୁଥିବା ଅନେକ ଧନିକ ଶ୍ରେଣୀର ଶିଖ ବ୍ୟକ୍ତି ଆର୍ଥିକ ତଥା ନୈତିକ ପ୍ରୋତ୍ସାହନ ଦେଇ ଆସୁଛନ୍ତି । ଏହାର ସୁଯୋଗ ନେଇ ପଡ଼ୋଶୀ ପାକିସ୍ତାନ ବିଚ୍ଛିନ୍ନତାବାସୀଙ୍କୁ ଉସୁକାଉଛି । ନିକଟରେ ପଞ୍ଜାବରେ 'ଆପ୍' ଦଳ ସରକାର ଗଢ଼ିବା ପରେ ଖାଲିସ୍ତାନୀ ଦାବି ମୁଣ୍ଡ ଟେକିଛି ଏବଂ ରାଜ୍ୟ ସରକାର ଏହାକୁ କେତେକାଂଶରେ ପ୍ରୋତ୍ସାହିତ କରୁଛନ୍ତି ବୋଲି ରାଜନୈତିକ ଅଭିଯୋଗ ଆସୁଛି । ଏହିସବୁ କାରଣରୁ ୧୯୭୦ ଦଶକରେ ସ୍ୱତନ୍ତ୍ର ଖାଲିସ୍ତାନ ରାଷ୍ଟ୍ର ଗଠନ ଦାବି ଜନ୍ମନେଇଥିଲା ଏବଂ ଏହାର ନେତୃତ୍ୱ ନେଇଥିଲା ଜାରନେଲ୍ ସିଂହ ଭିଣ୍ଡ୍ରାୱାଲା । ବିଭିନ୍ନ ରାଜନୈତିକ ଦଳର ପୃଷ୍ଠପୋଷକତାରେ ସେ ଅସୀମ ଶକ୍ତିଶାଳୀ ହୋଇ ଶେଷରେ ଭସ୍ମାସୁର ରୂପ ନେଇଥିଲା । ପଞ୍ଜାବବାସୀଙ୍କ ଏହି ମାନସିକତା ଓ ସମସ୍ୟା ଦୂର କରିବା ପାଇଁ ଭାରତ ସରକାର ଅତୀତରେ କେତେକ ଆଖିଦୃଶିଆ ପଦକ୍ଷେପ ନେଇଥିଲେ ହେଁ ମୂଳ ବିଚ୍ଛିନ୍ନତାବାଦୀ ଧାରଣାରେ ପରିବର୍ତନ ହୋଇପାରିନାହିଁ ବୋଲି ଜଣାପଡୁଛି । ରାଜନୈତିକ ପଟ୍ଟ ପରିବର୍ତନ ସହିତ ବିଚ୍ଛିନ୍ନତାବାଦୀଙ୍କ ମନରେ ଲୁଚି ରହିଥିବା ଏହି ହୀନମନ୍ୟତା ତଥା ହିଂସାତ୍ମକ ଭାବନା ଏବେ ପୁଣି ଥରେ ଟେଇଁ ଉଠିଛି । ସୀମାପାର ଆତଙ୍କବାଦୀମାନଙ୍କ ଦ୍ୱାରା କାଶ୍ମୀରରେ ଆତଙ୍କରାଜ ସୃଷ୍ଟି କରି ଆସୁଥିବା ପାକିସ୍ତାନ ପଞ୍ଜାବରେ ପ୍ରଚୁର ନିଶାଦ୍ରବ୍ୟ ଚାଲାଣ କରି ହିଂସା ଓ ବିଚ୍ଛିନ୍ନତାବାଦୀ ଆତଙ୍କକୁ ଆହୁରି ଉଗ୍ର କରି ରଖିବାକୁ ଚାହୁଁଛି । ଚଳିତ ବର୍ଷ ଭାରତ ଜି-୨୦ର ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଅମୃତ ପାଲ୍ ସିଂହ ନେତୃତ୍ୱରେ ପଞ୍ଜାବରେ ହିଂସା ସୃଷ୍ଟି ହେବା ଏକ ସୁନିୟୋଜିତ ଭାରତ ବିରୋଧୀ କାର୍ଯ୍ୟକଳାପ ବୋଲି ଜଣାପଡୁଛି । ପୁଲିସ୍ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସୁବ୍ୟବସ୍ଥିତ ଯୋଜନା ଅନୁସାରେ ଅମୃତ ପାଲ୍‌କୁ ଯଥାଶୀଘ୍ର ଧରିବା ପାଇଁ ଦୁଇଦିନ ଧରି ଚେଷ୍ଟା ଚଲାଇଛି । ସେ ଯେତେଶୀଘ୍ର ଗିରଫ ହେବ ସେତେଶୀଘ୍ର ବର୍ତମାନର ରାଜନୈତିକ ତଥା ସାମାଜିକ ଅସ୍ଥିରତାର ଅନ୍ତ ଘଟିବ । ଅମୃତ ପାଲ୍ ପଛରେ କେତେ ଧାର୍ମିକ ଭାବନାର ସମର୍ଥନ ରହିଛି ତାହା ବର୍ତମାନ ସ୍ପଷ୍ଟ ନ ହେଲେ ମଧ୍ୟ ଏହାର ପରିମାଣ ନିଶ୍ଚିତ ବ୍ୟାପକ ନୁହେଁ । ପାକିସ୍ତାନର କ୍ରମାଗତ ପ୍ରତ୍ୟକ୍ଷ ପ୍ରୋତ୍ସାହନ, ସେଥିରେ ଚୀନ୍ ସମର୍ଥନ ଏବଂ ଭାରତ ସୀମାରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ ଅମୃତ ପାଲ୍ ପଛରେ ଥିବା ସଂଗଠିତ ଅନ୍ତର୍ଜାତୀୟ ଶକ୍ତିକୁ ପ୍ରତିହତ କରିବା ପାଇଁ ଭାରତ ଗମ୍ଭୀର କୂଟନୈତିକ ପ୍ରଚେଷ୍ଟା ଆରମ୍ଭ କରିସାରିଲାଣି । ତେବେ ଆଶ୍ଚର୍ଯ୍ୟର କଥା ପାକିସ୍ତାନ ଯେଭଳି ଦ୍ରୁତ ଗତିରେ ଦେବାଳିଆ ସ୍ଥିତି ଆଡ଼କୁ ଗତି କରୁଛି ଏବଂ ସେଦେଶରେ ଯେପରି ଗୃହଯୁଦ୍ଧର କଳାମେଘ ଘୋଟାଇଛି ତା'ସତ୍ତ୍ୱେ ନିର୍ଲଜ୍ଜ ଭାବରେ ପାକିସ୍ତାନର ଖାଲିସ୍ତାନୀ ଆନ୍ଦୋଳନକୁ ସମର୍ଥନ ଏକ ହାସ୍ୟାସ୍ପଦ ତଥା ଉନ୍ମାଦଗ୍ରସ୍ତ ପ୍ରଚେଷ୍ଟା । ଏକ ଅଶାନ୍ତ, ଅସ୍ଥିର ଓ ଦେବାଳିଆ ପାକିସ୍ତାନ ଯେ ସହଜରେ ତାଲିବାନୀ ଆତଙ୍କବାଦୀଙ୍କ କବଳକୁ ଚାଲିଯିବ ଏହା ସ୍ପଷ୍ଟ ଜଣାପଡୁଛି । ଏହାଫଳରେ ପାକିସ୍ତାନରେ ଥିବା ପରମାଣୁ ଅସ୍ତ୍ରର ଅପପ୍ରୟୋଗର ସମ୍ଭାବନା ଭାରତ ପାଇଁ ଏକ ବଡ଼ ବିପଦ ସାଜିପାରେ । ସମ୍ପ୍ରତି ପାକିସ୍ତାନୀ ସେନା ଦ୍ୱାରା ନିୟମିତ ଭାବେ ଡ୍ରୋନ ବ୍ୟବହାର କରି ପଞ୍ଜାବରେ ଥିବା ଭାରତ ବିରୋଧୀ ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବା ଏକ ଦୈନିକ ରୁଟିନ୍ ହୋଇସାରିଲାଣି । ପଞ୍ଜାବରେ ଖାଲିସ୍ତାନୀ ଗୋଷ୍ଠୀର ପୁନରୁତ୍ଥାନକୁ ପ୍ରତିହତ କରିବା ପାଇଁ ଭାରତ ପାଖରେ ସବୁପ୍ରକାର ଶକ୍ତି ଓ ସାମର୍ଥ୍ୟ ରହିଛି ।

# ନିଆଁ ମୁହଁରେ ଜଙ୍ଗଲ

ସବ୍ୟସାଚୀ ଅମିତାଭ

ମ ରାଜ୍ୟର ଜଙ୍ଗଲ ସଂପଦକୁ ବନାଗ୍ନି ବିପର୍ଯ୍ୟୟରୁ ବଂଚାଇବାକୁ ହେବ । ବେଳ ଥାଉଥାଉ ସରକାର ଏନେଇ ଉଦ୍ୟମ ଆରମ୍ଭ କରିବା ଦରକାର । ପରିବେଶବିତ୍‌ଙ୍କ ମତରେ, ଏକ ଟୋଲ୍ ଫ୍ରି ନମ୍ବର ଜରିଆରେ ବଣ ନିଆଁର ଖବର ଦେବାର ବ୍ୟବସ୍ଥା କରାଗଲେ ବନ ବିଭାଗ ପାଖକୁ ଶୀଘ୍ର ପହଂଚି ପାରନ୍ତା, ଯାହା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ସହାୟକ ହୁଅନ୍ତା ।

ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ନିଆଁ ଲାଗିବା ସପ୍ତାହରୁ ଅଧିକ ସମୟ ହୋଇଗଲାଣି । ହେଲେ ନିଆଁ ଲିଭିବାର ନାଁ ନେଉନି, ବରଂ ନିଆଁ ଦିନକୁ ଦିନ କାୟା ବଢ଼ାଉଛି । ସେପଟେ ସରକାରୀ ଟୁଇଟ୍ ଓ ଜବାବୀ ଟୁଇଟ୍ କହୁଛି- ବିନା କୌଣସି କ୍ଷୟକ୍ଷତିରେ ନିଆଁକୁ ଆୟତ କରାଯାଇ ସାରିଲାଣି । ମୋଟାମୋଟି କଥାଟି ହେଲା- ପ୍ରତିବର୍ଷ ଫେବ୍ରୁଆରୀରୁ ଜୁନ ମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥାଏ । ପାହାଡ଼ ଉପରେ ଓ ସମତଳ ଭୂମିରେ ଥିବା ଜଙ୍ଗଲରେ ଏଇ ମଣିଷକୃତ ନିଆଁ ବିକଟାଳ ଆଁ କରି ହଜାର ହଜାର ବୃକ୍ଷଲତା ଓ ବିରଳ ଜୀବଜନ୍ତୁଙ୍କୁ ଗ୍ରାସ କରିପକାଏ । ଓଡ଼ିଶାର ଜଙ୍ଗଲ ନିଆଁ ବିଷୟକୁ ଆଲୋଚନା କରିବାକୁ ଗଲେ ଏହାର କାରଣ ଓ ନିରାକରଣର ବାଟ ସବୁ କ'ଣ ରହିଛି ତାକୁ ତର୍ଜମା କରାଯିବା ଦରକାର ।

ଜଙ୍ଗଲ ନିଆଁ ହେଉଛି ସାଧାରଣ ଭାବେ ମନୁଷ୍ୟକୃତ । ବିଶେଷକରି ମହୁଲ ଫୁଲ, ଶାଳମଞ୍ଜି ସଂଗ୍ରହକାରୀମାନଙ୍କ ଦ୍ୱାରା ସମ୍ପୃକ୍ତ ଗଛମୂଳରେ ଲଗାଯାଇଥାଏ ଯାହା ପରବର୍ତୀ ସମୟରେ ଜଙ୍ଗଲ ନିଆଁରେ ପରିବର୍ତିତ ହୋଇଥାଏ । ସେହିପରି ବିଡ଼ି ସିଗାରେଟ ନିଆଁ, ଜଙ୍ଗଲ ମଧ୍ୟରେ ରୋଷେଇବାସ, ଶିକାର ପାଇଁ ଲଗାଯାଉଥିବା ନିଆଁ, ଜନସାଧାରଣଙ୍କ ଆକ୍ରୋଶଜନିତ ନିଆଁ ବି ଜଙ୍ଗଲ ନିଆଁର ଅନ୍ୟ ସବୁ ପ୍ରମୁଖ କାରଣ ଅଟେ । ଯେମିତି- ଏଇ କିଛିଦିନ ତଳେ ବେତନଟୀ ରେଞ୍ଜରେ ଥିବା ପାଲବଣୀ ଜଙ୍ଗଲରେ ନିଆଁ ଲାଗିଥିଲା । ଛାନଭିନରୁ ଜଣାପଡ଼ିଲା, କଦଳୀ ନେଇ ଆନ୍ଧ୍ରରୁ ଆସୁଥିବା ଟ୍ରକଗୁଡ଼ିକ କଦଳୀ କାନ୍ଧିଗୁଡ଼ିକୁ ବାରିପଦାରେ ଅନ୍‌ଲୋଡ୍ କରିବା ପରେ କଦଳୀ ଓ ଫଳକୁ ପ୍ୟାକିଂ ଦିଆଯାଇଥିବା କଦଳୀପତ୍ର ଓ ଅନ୍ୟ ସାମଗ୍ରୀକୁ ଆଣି ସଂରକ୍ଷିତ ଜଙ୍ଗଲ କଡ଼ରେ ଅନ୍‌ଲୋଡ୍ କରି ଚାଲିଯାଉଛନ୍ତି । ଏହି ପତ୍ର ଶୁଖିଯିବା ପରେ କେହି ନିଆଁ ଲଗାଇଦେବାରୁ ଏହା ଜଙ୍ଗଲ ମଧ୍ୟକୁ ବ୍ୟାପି ଜଙ୍ଗଲ ହୁତୁହୁତୁ ହୋଇ ଜଳିଥିଲା । ଫଳରେ ବହୁ ଔଷଧୀୟ ବୃକ୍ଷ, ଗୁଳ୍ମ, ଲତା, ଜୀବଜନ୍ତୁ, କୀଟପତଙ୍ଗ, ସରୀସୃପ ଏହି ନିଆଁରେ ପୋଡ଼ିହୋଇ ନଷ୍ଟ ହୋଇଥିଲେ ବା ଜୀବନ ହାରିଥିଲେ ।ଏକ ତଥ୍ୟ ଅନୁସାରେ, ୨୦୧୮ ନଭେମ୍ବର ୧ ତାରିଖରୁ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶାରେ ୫ହଜାର ୩୩୨ଟି ଜଙ୍ଗଲ ନିଆଁ ଘଟଣା ରେକର୍ଡ କରାଯାଇଥିଲା । ପ୍ରତିବର୍ଷ ଏ ସଂଖ୍ୟା ଢେର ବଢୁଛି । କେବଳ ମୟୂରଭଂଜର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ନୁହେଁ, ବରଂ କୋରାପୁଟ, କନ୍ଧମାଳ, ବଲାଙ୍ଗିର, ଗଜପତି, ବୌଦ୍ଧ, ସୋନପୁର ଜିଲ୍ଲାରେ ଥିବା ବିଭିନ୍ନ ଛୋଟ ବଡ଼ ଜଙ୍ଗଲ ମଧ୍ୟ ପ୍ରତିବର୍ଷ ଜଳିଥାଏ । ୨୦୧୯ରେ ବନାଗ୍ନିକୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ୪କୋଟି ୬୭ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିଲେ । ଏଥିସହ ଆଦିବାସୀ ଉପଯୋଜନା ଅର୍ଥରୁ ୮୩ଲକ୍ଷ ୯୯ହଜାର ଓ ସିଏସପିଏସରୁ ସ୍ୱତନ୍ତ୍ର ଭାବେ ୧କୋଟି ୨୪ଲକ୍ଷ ଏପରି ପାଖାପାଖି ୬କୋଟି ଟଙ୍କା ଖର୍ଚ୍ଚ ମଂଜୁର କରାଯାଇଥିଲା । ଏହି ବ୍ୟୟବରାଦ ପ୍ରତିବର୍ଷ ବଢୁଛି । ସେହିପରି ବନ କର୍ମଚାରୀଙ୍କୁ ଆଣ୍ଡ୍ରଏଡ଼ ଫୋନ ଦିଆଯାଇଥିଲା ଏବଂ ନିଆଁ ଲାଗିବା ଖବର ପାଇବା ମାତ୍ରେ ଫଟୋ ଅପ୍‌ଲୋଡ୍ କରିବାକୁ କୁହାଯାଇଥିଲା, ଏସବୁ ସତ୍ତ୍ୱେ ଜଙ୍ଗଲ ନିଆଁ ବାବଦରେ ପ୍ରାଥମିକ ତଥ୍ୟ ହାସଲରେ କ'ଣ ପାଇଁ ଡେରି ହେଉଛି, ଆଉ ବେଳ ଥାଉ ଥାଉ ନିଆଁ ବାବଦରେ କ'ଣ ପାଇଁ ସୂଚନା ମିଳିପାରୁନି ତାହା ବଡ଼ ପ୍ରଶ୍ନ । ଯାହା ପରୋକ୍ଷରେ ବନ କର୍ମଚାରୀ ଦାୟିତ୍ୱହୀନତା ଓ ଖାମଖିଆଲିପଣକୁ ହିଁ ବୟାନ କରୁଛି ।ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା କେବଳ ଜଙ୍ଗଲର କ୍ଷତି ହୋଇଥାଏ ବୋଲି ପ୍ରାୟ ଅଧିକାଂଶର ଧାରଣା ରହିଛି । ତେବେ ଏହା ମୋଟାମୋଟି ସଂପୂର୍ଣ୍ଣ ଠିକ୍ କଥା ନୁହେଁ । ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଜଙ୍ଗଲର କିଛି ଲାଭ ମଧ୍ୟ ହୋଇଥାଏ । ସାଧାରଣତଃ ଜଙ୍ଗଲରେ ଅନେକ ଅନାବଶ୍ୟକ ଲତା, ଗୁଳ୍ମ, ଆକ୍ରାମକ ବିଦେଶୀ ଉଦ୍ଭିଦ ରହିଯାଇଥାଏ । ଯାହା ଜଙ୍ଗଲର ଠିକ୍ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିଥାନ୍ତି । ନିଆଁ ଲାଗିବା ଦ୍ୱାରା ଏହା ଜଳିଯାଇଥାନ୍ତି ଏବଂ ଜଙ୍ଗଲରେ ଥିବା କ୍ଷତିକାରୀ କୀଟ ମଧ୍ୟ ଜଳିଯାଆନ୍ତି । ତୃଣଭୂମିଗୁଡ଼ିକରେ ନିଆଁ ଲାଗିବା ପରେ ତାହା ଅଧିକ ଘନ ଭାବେ ବଢ଼ିଥାଏ, ଯାହା ତୃଣଭୋଜୀ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇଥାଏ । ଏହାଛଡ଼ା, ନିଆଁ ଲାଗିବା ଦ୍ୱାରା ଜଙ୍ଗଲରେ ବ୍ୟାପକ ମାତ୍ରାରେ ପାଉଁଶ ଜମାହୁଏ, ଯାହା ଜଙ୍ଗଲୀ ମାଟିକୁ ଅଧିକ ଉର୍ବର କରିବା ସହ ଜଙ୍ଗଲର ଅଭିବୃଦ୍ଧି ପାଇଁ ପରୋକ୍ଷରେ ସହାୟତା କରେ ।

ତେବେ ଜଙ୍ଗଲ ନିଆଁରେ ହେଉଥିବା ଏଇ ଛୋଟ ଲାଭ ତୁଳନାରେ କ୍ଷତି ଅଧିକ ପରିମାଣରେ ଥାଏ । ଜଙ୍ଗଲର ଅନେକ ବୃକ୍ଷଲତା ଜଳିପୋଡ଼ି ପାଉଁଶ ହୋଇଯାଆନ୍ତି । ବହୁ ବନ୍ୟପ୍ରାଣୀ, ସରୀସୃପ ଜଳି ମରିଥାନ୍ତି । ସାପ, ନେଉଳ, ଗୁଣ୍ଡୁଚି, ପକ୍ଷୀ ବସାରେ ଥିବା ଛୁଆ, ବେଲାରି ମୂଷା ଆଦି ବହୁସଂଖ୍ୟାରେ ମରିଥାନ୍ତି । ନିଆଁ ଲାଗିବା ଯୋଗୁଁ ଜଙ୍ଗଲରେ ଦେଖାଦେଉଥିବା ଖାଦ୍ୟାଭାବ କାରଣରୁ ଆଖପାଖ ଜନବସତି ଅ*ଳରେ ହାତୀ ତଥା ବାଘ ଆଦି ବନ୍ୟପ୍ରାଣୀଙ୍କ ଉପଦ୍ରବ ବଢ଼ିଥାଏ । ମାଟିକୁ ଧରି ରଖୁଥିବା ଗଛଲତା ନଷ୍ଟ ହୋଇଯିବା ଫଳରେ ମୃତିକା କ୍ଷୟ ହୋଇଥାଏ । ସେହିପରି ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବିଭିନ୍ନ ବନ୍ୟଜନ୍ତୁ ନିଜର ଜୀବନ ବଂଚାଇବା ଲାଗି ଅନ୍ୟ ଜଙ୍ଗଲକୁ ଅବା ଆଖପାଖରେ ଥିବା ଜନବସତି ଅଂଚଳକୁ ଚାଲି ଆସିଥାନ୍ତି । ନିଆଁ ଲାଗିବା କାରଣରୁ ଜଙ୍ଗଲରୁ ଖାଦ୍ୟସ୍ରୋତ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଏ । ପରବର୍ତୀ ସମୟରେ ମନୁଷ୍ୟ ସହ ସେମାନଙ୍କର ସାମ୍ନାସାମ୍ନି ହୋଇଗଲେ ତାହା ସଂଘର୍ଷ ଆଡ଼କୁ ମୁହାଁଇଥାଏ, ଆଉ ଉଭୟ ମନୁଷ୍ୟ-ବନ୍ୟପ୍ରାଣୀ ମୃତାହତ ହେବା ସହିତ ଫସଲଗୁଡ଼ିକର ମଧ୍ୟ ଯଥେଷ୍ଟ କ୍ଷୟକ୍ଷତି ହୋଇଥାଏ । ଜଙ୍ଗଲ ନିଆଁ କେବଳ ହଜାର ହଜାର କୋଟି ଟଙ୍କାର ଜଙ୍ଗଲ ସଂପଦ ନଷ୍ଟ କରିନଥାଏ କିମ୍ବା ବନ୍ୟପ୍ରାଣୀଙ୍କ ଜୀବନକୁ ବିପନ୍ନ କରିନଥାଏ, ଏହାସହ ଏହା ବିପୁଳ ମାତ୍ରାର ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି କରିଥାଏ, ଯାହା ବାୟୁମଣ୍ଡଳ ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଶ୍ୱ ଉତାପନ ବୃଦ୍ଧିରେ ଏହା ସହାୟକ ହୋଇଥାଏ । ଜଙ୍ଗଲରେ ଲାଗୁଥିବା ନିଆଁର ନିରାକରଣ ପାଇଁ କିଛି ଫଳପ୍ରଦ ଉପାୟ ମଧ୍ୟ ରହିଛି । ଯେମିତି ରିଙ୍ଗ୍ ମେଥଡ୍ ଓ ଷ୍ଟ୍ରିପ୍ ମେଥଡ୍ । ରିଙ୍ଗ୍ ମେଥଡ୍‌ରେ ବନ କର୍ମଚାରୀମାନେ ପ୍ରତି ଗଛମୂଳରେ ଏକ ରିଙ୍ଗ କରି ଶୁଖିଲା ପତ୍ର ସବୁ ନିଆଁ ଲଗାଇ ଦେଇଥାନ୍ତି । ଫଳରେ ଲୋକଙ୍କୁ ଜଙ୍ଗଲରେ ନିଆଁ ଲଗାଇବାର ଆବଶ୍ୟକତା ପଡ଼ିବନି । ସେହିପରି ଷ୍ଟ୍ରିପ ମେଥଡ୍‌ରେ ଲମ୍ବା ଷ୍ଟ୍ରିପ୍ କରି ଶୁଖିଲା ପତ୍ର ସବୁ ବାହାର କରିବା ସହ ସଂପୃକ୍ତ ଅଂଚଳକୁ ଶୁଖିଲା ପତ୍ରବିହୀନ କରିବାକୁ ପଡ଼େ, ଯାହାଫଳରେ ନିଆଁ ଲାଗିବା ସ୍ଥିତିରେ ବି ଗଛ ନିକଟକୁ ନିଆଁ ପହଂଚି ପାରିବନି ଆଉ ଗଛ ସୁରକ୍ଷିତ ରହିବ । ତେବେ କେତେକ କ୍ଷେତ୍ରରେ ବନ କର୍ମଚାରୀ ଏଥିରେ ଆଗ୍ରହ ଦେଖାଉ ନାହାଁନ୍ତି, ଫଳରେ ପଦ୍ଧତିଗୁଡ଼ିକ ପୋଥି ବାଇଗଣ ପରି ରହିଯାଉଛି । ସେହିପରି ବନ ସଂରକ୍ଷଣ କମିଟିମାନ ଗଠନ କରି ଲୋକଙ୍କୁ ଜଙ୍ଗଲ ସୁରକ୍ଷା କରିବା, ବୃକ୍ଷରୋପଣ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବନ୍ୟଜନ୍ତୁ ସୁରକ୍ଷା କରିବା ସଂପର୍କରେ ଜନସଚେତନା କରିବା ଆବଶ୍ୟକ, ଏହା କେତେଦୂର କରାଯାଉଛି ତାହା ଆଲୋଚନାର ବିଷୟବସ୍ତୁ । ଜଙ୍ଗଲ ନିଆଁ ଲାଗିଲେ ତୁରନ୍ତ ଲିଭାଇବା ପାଇଁ ପ୍ରତି ରେଞ୍ଜ ଅଂଚଳରେ ଆବଶ୍ୟକ ପରିମାଣରେ କର୍ମଚାରୀ ଦିନରାତି ସଜାଗ ରହିବା ଦରକାର, ହେଲେ ଏହା ପାଳନ ହେଉନି ।ସେପଟେ ନିଆଁର ମୁକାବିଲା ପାଇଁ ଆମର ଭିତିଭୂମିଗତ ଅଭାବ ବି ଏକ ବଡ଼ କାରଣ ରହିଆସିଛି । ସାଧାରଣ ଭାବେ ସାଟେଲାଇଟରେ ବନାଗ୍ନି ଓ କେଉଁ ଅ*ଳରେ ଲାଗିଛି ସୂଚନା ଆସିବା ପରେ ବନ କର୍ମଚାରୀ ସେଠାରେ ପହଂଚି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ପ୍ରତିବର୍ଷ କୋଟି କୋଟି ଟଙ୍କାର ବନଜ ସମ୍ବଳ ପୋଡ଼ି ଯାଉଥିବାବେଳେ ତୃଣମୂଳ ସ୍ତରରେ ନିଆଁ ସହ ସଂଘର୍ଷ କରିବା ପାଇଁ ନା ଅଛନ୍ତି ଆବଶ୍ୟକୀୟ ଦକ୍ଷ କର୍ମଚାରୀ ନା ରହିଛି ଅତ୍ୟାଧୁନିକ ଯନ୍ତ୍ରପାତି । ପାରମ୍ପରିକ ଉପାୟରେ ଗ୍ରାମବାସୀଙ୍କ ସହଯୋଗରେ ବନ ବିଭାଗ ଜଙ୍ଗଲ ନିଆଁ ସହ ଲଢୁଛି । ଜଙ୍ଗଲ ନିଆଁକୁ ଆୟତ କରିବା ଦିଗରେ ବନ କର୍ମଚାରୀଙ୍କୁ ବିଶେଷ ତାଲିମ ଦିଆଯିବାର ଆବଶ୍ୟକତା ରହିଛି । ଜଙ୍ଗଲ ସୁରକ୍ଷାରେ କାମ କରୁଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ଦେଇ ଜଙ୍ଗଲ ନିଆଁ ଆୟତ କରିବା ସକାଶେ ସରକାର ନିୟୋଜିତ କରିବା ଦରକାର ।ଆମ ରାଜ୍ୟର ଜଙ୍ଗଲ ସଂପଦକୁ ବନାଗ୍ନି ବିପର୍ଯ୍ୟୟରୁ ବ*ାଇବାକୁ ହେବ । ବେଳ ଥାଉଥାଉ ସରକାର ଏନେଇ ଉଦ୍ୟମ ଆରମ୍ଭ କରିବା ଦରକାର । ପରିବେଶବିତ୍‌ଙ୍କ ମତରେ, ଏକ ଟୋଲ୍ ଫ୍ରି ନମ୍ବର ଜରିଆରେ ବଣ ନିଆଁର ଖବର ଦେବାର ବ୍ୟବସ୍ଥା କରାଗଲେ ବନ ବିଭାଗ ପାଖକୁ ଶୀଘ୍ର ପହଂଚି ପାରନ୍ତା, ଯାହା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ସହାୟକ ହୁଅନ୍ତା । ଜଙ୍ଗଲ ନିଆଁ ପରିଚାଳନାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯାଇ ଏହାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାର ସମୟ ଆସିଯାଇଛି । ଉପଗ୍ରହଭିତିକ ରିମୋଟ ସେନ୍‌ସିଂ ଡାଟା, କ୍ଷେତ୍ରରୁ ମିଳିଥିବା ରିପୋର୍ଟ ଡାଟାକୁ ନେଇ ଏକ ଜଙ୍ଗଲ ନିଆଁ ସୂଚନା ଡାଟାବେସ୍ ଗଠନ କରାଯିବା ଦରକାର । ଯାହା ଦୀର୍ଘକାଳୀନ ଭିତିରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ ।

# ଭାରତର ୭୫ତମ ସ୍ୱାଧୀନତା ଦିବସର ବ୍ୟାପକ ଅର୍ଥ

ସତ୍ୟ ନାରାୟଣ ସାହୁ

ଆରମ୍ଭ ହୋଇଥିବା ଦାଣ୍ଡି ଯାତ୍ରାର ସ୍ୱାସ୍ଥ୍ୟଜନିତ ଏକ ମହନୀୟ ବାର୍ତା ଏଇ ଏକବିଂଶ ଶତାବ୍ଦୀ ଭାରତ ପାଇଁ ଅପରିହାର୍ଯ୍ୟ । ଲବଣ ଆଇନ ଭଙ୍ଗ କରିବାର ତିନି ଦିନ ପୂର୍ବରୁ ୩ ଏପ୍ରିଲ ୧୯୩୦ରେ ଗାନ୍ଧିଜୀ ଏକ ଭାଷଣରେ ବ୍ୟଥିତ ହୋଇ କହିଥିଲେ ଯେ, ତାଙ୍କର ସହକର୍ମୀମାନେ ଦିନକୁ ୧୦ କିଲୋମିଟର ପାଦରେ ଚାଲିପାରୁନଥିଲେ ଓ କ୍ଳାନ୍ତ ହୋଇଯାଉଥିଲେ ।

ଆମ ଦେଶର ୭୫ତମ ସ୍ୱାଧୀନତା ଦିବସ ୧୫ ଅଗଷ୍ଟ ୨୦୨୨ରୁ ଆରମ୍ଭ ହେବ । ତେବେ ୫ ମାର୍ଚ୍ଚ ୨୦୨୧ରେ ଭାରତ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କଲେ ଯେ, ୭୫ତମ ସ୍ୱାଧୀନତା ଦିବସ ୧୨ ମାର୍ଚ୍ଚ ୨୦୨୧ରୁ ପାଳନ କରାଯିବ ଓ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୨୫୯ ସଦସ୍ୟ ବିଶିଷ୍ଟ ଜାତୀୟ ସ୍ତରରେ ଏକ ବଡ଼ କମିଟି ଗଠନ କରାଯାଇଛି । ୧୨ ମାର୍ଚ୍ଚରୁ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଏଇଥିପାଇଁ ନିଷ୍ପତି ନିଆଗଲା, କାରଣ ୧୨ ମାର୍ଚ୍ଚ ୧୯୩୦ରେ ମହାତ୍ମା ଗାନ୍ଧି ଯୁଗାନ୍ତକାରୀ ଲବଣ ସତ୍ୟାଗ୍ରହ ସାବରମତୀ ଆଶ୍ରମରୁ ଆରମ୍ଭ କରି ଦାଣ୍ଡି ଅଭିମୁଖେ ଯାତ୍ରା କରିଥିଲେ ଓ ସେଠାରେ ନିଜ ହାତମୁଠାରେ ସମୁଦ୍ର କୂଳରୁ ସାମାନ୍ୟ ଲୁଣ ନେଇ ବ୍ରିଟିଶ ସରକାରଙ୍କ କୃତ ଶୋଷଣକାରୀ ଲବଣ ଆଇନକୁ ଅହିଂସା ବଳରେ ଭଙ୍ଗ କରିଥିଲେ । ସେହି ଲବଣ ସତ୍ୟାଗ୍ରହ ଭାରତରେ ପ୍ରତିଷ୍ଠିତ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା ଓ ପ୍ରକୃତିର ସମ୍ପଦ ଉପରେ ସାଧାରଣ ଲୋକଙ୍କ ଅଧିକାରକୁ ଦୃଢ଼ଭାବେ ସାବ୍ୟସ୍ତ କରିପାରିଥିଲା । ୧୨ ମାର୍ଚ୍ଚ ୨୦୨୧ରେ ଦାଣ୍ଡି ଯାତ୍ରାର ୯୧ତମ ବାର୍ଷିକୀ ପାଳନ କରାଯିବ ଏବଂ ସେହି ପରିପ୍ରେକ୍ଷୀରେ ଭାରତର ୭୫ତମ ସ୍ୱାଧୀନତା ଦିବସର ପାଳନ ପ୍ରଥମ ପଦକ୍ଷେପ ନିଆଯିବ । ୧୦ ମାର୍ଚ୍ଚ ୧୯୩୦ରେ, ଲବଣ ସତ୍ୟାଗ୍ରହର ଦୁଇ ଦିନ ପୂର୍ବରୁ ମହାତ୍ମା ଗାନ୍ଧି ଅହମ୍ମଦାବାଦରେ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ଭାଷଣରେ କହିଥିଲେ "ମୋର ଲକ୍ଷ୍ୟ ହେଉଛି ଲବଣ କରକୁ ଉଚ୍ଛେଦ କରିବା, ତାହାହିଁ ଭାରତର ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତ ପାଇଁ ହେବ ପ୍ରଥମ ପଦକ୍ଷେପ' । ୨୬ ଜାନୁଆରୀ ୧୯୩୦ରେ ଭାରତୀୟ ଜାତୀୟ କଂଗ୍ରେସ ପୂର୍ଣ୍ଣ ସ୍ୱରାଜ ପାଇଁ ପ୍ରସ୍ତାବ ଘୋଷଣା କରିବା ପରେ ୧୨ ମାର୍ଚ୍ଚ ୧୯୩୦ରେ ଗାନ୍ଧିଜୀ ନିଜେ ଲବଣ ସତ୍ୟାଗ୍ରହ ଓ ଦାଣ୍ଡିଯାତ୍ରା କରି ଲବଣ ଆଇନକୁ ଭାଙ୍ଗି ଭାରତର ସ୍ୱାଧୀନତା ପାଇବା ପାଇଁ ସମଗ୍ର ଦେଶକୁ ସଂଘର୍ଷ କରିବାପାଇଁ ଅନୁପ୍ରାଣିତ କଲେ ଓ ତାର ପ୍ରଭାବ ଭାରତର ପ୍ରତ୍ୟେକ ପ୍ରାନ୍ତ ତଥା ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଥିଲା ।ସେହିଦିନ ସେ ପ୍ରତିଜ୍ଞା କରିଥିଲେ ଯେ, ତାଙ୍କର ଲବଣ ସତ୍ୟାଗ୍ରହ ଦ୍ୱାରା ଯଦି ଭାରତ ସ୍ୱାଧୀନତା ପାଇବ ନାହିଁ ତେବେ ସେ ସାବରମତୀ ଆଶ୍ରମକୁ ଫେରିବେ ନାହିଁ ଓ ସେହି ପ୍ରତିଜ୍ଞାକୁ ରକ୍ଷାକରି ସେ ସାବରମତୀ ଆଶ୍ରମକୁ ଫେରିନଥିଲେ । ୧୯୪୭ରେ ଭାରତ ସ୍ୱାଧୀନତା ପାଇବାର କିଛିଦିନ ପୂର୍ବରୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧିଜୀଙ୍କୁ ମନେ ପକାଇଦେଇ କହିଥିଲେ ଯେ, ଭାରତର ସ୍ୱାଧୀନତା ନିକଟ ହୋଇଆସିଲା ଓ ସେ ସ୍ୱାଧୀନତା ପରେ ତାଙ୍କର ପ୍ରତିଜ୍ଞା ମୁତାବକ ସାବରମତୀ ଆଶ୍ରମ ଯିବା କଥା, ଗାନ୍ଧୀ କହିଲେ ସାବରମତୀ ବହୁତ ଦୂରରେ ଓ ନୋଆଖାଲି, ଯେଉଁଠି ଭାରତ ବିଭାଜନ ଜନିତ ସାମ୍ପ୍ରଦାୟିକ ଦଙ୍ଗା ଓ ରକ୍ତପାତ ହେଉଥିଲା, ତାଙ୍କର ଅତି ନିକଟରେ ଓ ସେ ସେଠାକୁ ଯିବେ । ସେ ନୋଆଖାଲି ଗଲେ ଓ ତାଙ୍କର ଅନବରତ ପ୍ରୟାସରେ ସେଠାରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନ ହୋଇପାରିଲା ଏବଂ ମାଉଂଟବେଟେନ ତାଙ୍କର ଆଶ୍ଚର୍ଯ୍ୟଜନକ ସଫଳତାରେ ପ୍ରଭାବିତ ହୋଇ ତାଙ୍କୁ ଏକ ବ୍ୟକ୍ତିକୈନ୍ଦ୍ରିକ ସୈନ୍ୟବାହିନୀ ବୋଲି ସମ୍ବୋଧନ କରିଥିଲେ ଓ କହିଥିଲେ ଯେ ପଞ୍ଜାବରେ ୬୦,୦୦୦ ସୈନ୍ୟ ଯାହା କରିପାରିନଥିଲେ ଜଣେ ଗାନ୍ଧି ନୋଆଖାଲିରେ କରିପାରିଥିଲେ ।ଭାରତକୁ ସ୍ୱାଧୀନ କରିବା ପାଇଁ ଲକ୍ଷ୍ୟ ରଖି ଗାନ୍ଧିଜୀ ଯେଉଁ ଐତିହାସିକ ଦାଣ୍ଡି ଯାତ୍ରା ୧୨ ମାର୍ଚ୍ଚରେ ଆରମ୍ଭ କରିଥିଲେ ତାହାର ଓ ସେ ଦିନର ଯଥାର୍ଥତା କେବଳ ଭାରତ ପାଇଁ ନୁହେଁ ବରଂ ଭାରତର ପଡୋଶୀ ଦେଶ ମରିସସର ସ୍ୱାଧୀନତା ପାଇଁ ପ୍ରେରଣା ଯୋଗାଇଥିଲା । ୧୯୬୮ ମସିହାରେ ମରିସସକୁ ବ୍ରିଟିଶ ଶାସନରୁ ସ୍ୱାଧୀନତା ଦେବା ପାଇଁ ନିଷ୍ପତି ନିଆଗଲା ଓ ସେହି ଦେଶର ନେତୃବୃନ୍ଦ ୧୨ ମାର୍ଚ୍ଚରେ ସ୍ୱାଧୀନତା ପ୍ରାପ୍ତି ପାଇଁ ନିଷ୍ପତି ନେଲେ । ସେମାନଙ୍କର ଯୁକ୍ତି ଥିଲା ଯେ, ତାଙ୍କର ଦେଶ ୧୨ ମାର୍ଚ୍ଚରେ ଏଇଥିପାଇଁ ସ୍ୱାଧୀନତା ପ୍ରାପ୍ତି ପାଇଁ ନିଷ୍ପତି ନେଲେ, କାରଣ ସେହିଦିନ ୧୯୩୦ରେ ମହାତ୍ମା ଗାନ୍ଧି ଭାରତରେ ଲବଣ ସତ୍ୟାଗ୍ରହ ଆରମ୍ଭ କରି ଦାଣ୍ଡି ଯାତ୍ରା କରିଥିଲେ ।ଅର୍ଥାତ୍ ଭାରତର ସ୍ୱାଧୀନତା ପାଇଁ ଦାଣ୍ଡି ଯାତ୍ରାର ଯେତେ ମହତ୍ୱ ୧୯୩୦ରେ ଥିଲା ମରିସସର ସ୍ୱାଧୀନତା ପାଇଁ ୧୯୬୮ରେ ସେତିକି ଥିଲା ଓ ଏକବିଂଶ ଶତାବ୍ଦୀରେ ଭାରତର ୭୫ତମ ସ୍ୱାଧୀନତା ଦିବସ ପାଳନ ପାଇଁ ମଧ୍ୟ ସେତିକି ଅଛି । ଦାଣ୍ଡି ଯାତ୍ରାର ଚିରନ୍ତନ ପ୍ରାସଙ୍ଗିକତା ରହି ଆସିଛି ଓ ରହିବ ମଧ୍ୟ । ୧୨ ମାର୍ଚ୍ଚ ୧୯୩୦ର ଲବଣ ସତ୍ୟାଗ୍ରହ ୧୨ ମାର୍ଚ୍ଚ ୨୦୨୧ର ଭାରତ ପାଇଁ ବହୁ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଖାଉଛି ।

ଉଦାହରଣ ସ୍ୱରୂପ, ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ଆରମ୍ଭ କରିବା ପୂର୍ବରୁ ତତ୍କାଳୀନ ଭାଇସରାୟ ଇରୱିନଙ୍କୁ ଜଣାଇଥିଲେ ଭାରତରେ ବ୍ରିଟିଶ ନୀତି ଯୋଗୁଁ ଲୋକମାନଙ୍କ ମଧ୍ୟରେ ବଢୁଛି ଆର୍ଥିକ ଓ ସମ୍ପତିଗତ ଅସମାନତା । ୨୦୨୧ରେ ସେହି ଅସମାନତା ବଢ଼ି ବଢ଼ି ଯାଉଛି । ଦାଣ୍ଡି ଯାତ୍ରାର ମୂଳ ବାର୍ତା ଥିଲା, ସଂସାଧନର ସମାନ ବଂଟନ ଓ ସାଧାରଣ ଲୋକଙ୍କର ପ୍ରାକୃତିକ ସମ୍ପଦ ଉପରେ ଅଧିକାର । ପ୍ରଶ୍ନ କରାଯାଇପାରିବ ଯେ, ଭାରତ ୭୫ତମ ସ୍ୱାଧୀନତା ଦିବସ ଯେବେ ୧୨ ମାର୍ଚ୍ଚରୁ ଆରମ୍ଭ କରୁଛି ତେବେ ଆମର ସରକାର ଦାଣ୍ଡି ଯାତ୍ରାର ମୂଳ ବାର୍ତାକୁ କେତେ ଦୂର କାର୍ଯ୍ୟକାରୀ କରିପାରିଛି ।

ବର୍ତମାନ ଭାରତରେ କୃଷକମାନେ କୃଷି ଆଇନ ବିରୁଦ୍ଧରେ ଯେତେବେଳେ ୧୦୦ ଦିନରୁ ଅଧିକ ଆନ୍ଦୋଳନରତ, ସେତେବେଳେ ମନେପଡ଼େ ଦାଣ୍ଡି ଯାତ୍ରା ପୂର୍ବରୁ ୨ ମାର୍ଚ୍ଚ ୧୯୩୦ରେ ଗାନ୍ଧିଜୀ ଆଲୋକପାତ କରିଥିବା କୃଷକମାନଙ୍କ ଉପରେ ବ୍ରିଟିଶ ଆଇନ ଦ୍ୱାରା ହୋଇଥିବା ଶୋଷଣ । ଏଇଥିପାଇଁ ସେ କହିଥିଲେ ଯେ, ଭାରତ ଦାଣ୍ଡି ଯାତ୍ରାଦ୍ୱାରା ସ୍ୱାଧୀନତା ପ୍ରାପ୍ତ କରିପାରିଲେ କୃଷକମାନଙ୍କର ବୋଝ ହାଲ୍‌କା ହେବ । ତେବେ ୭୫ତମ ସ୍ୱାଧୀନତା ଦିବସ ପାଳନ ସମୟରେ ତାହା କ'ଣ ହୋଇପାରିଛି ?

ବର୍ତମାନ ଯେମିତି ୨୦୨୧ରେ ଭାରତରେ ହିନ୍ଦୁ-ମୁସଲିମ ବିଷୟକୁ ନେଇ ତିକ୍ତତା ଜାଣିଶୁଣି ବଢ଼ାଇ ଦିଆଯାଉଛି ଓ ଲୋକମାନଙ୍କ ମୂଳ ସମସ୍ୟାରୁ ଦେଶର ଶାସକମାନେ ଧ୍ୟାନ ହଟାଉଛନ୍ତି । ସେମିତି ବ୍ରିଟିଶ ସରକାର ୧୯୩୦ରେ କରୁଥିଲେ ଓ ସେଥିପାଇଁ ଗାନ୍ଧିଜୀ ବ୍ରିଟିଶ ଭାଇସରାୟଙ୍କୁ ଲେଖିଥିବା ୬ ମାର୍ଚ୍ଚ ୧୯୩୦ର ଚିଠିରେ ଦର୍ଶାଇଥିଲେ ଯେ, ଅଯଥା ସାମ୍ପ୍ରଦାୟିକ ମୁଦ୍ଦାକୁ ଗୁରୁତ୍ୱ ଦେଇ ସାମ୍ପ୍ରଦାୟିକ ବିଷୟ ଉର୍ଦ୍ଧ୍ୱରେ ଥିବା ଲୋକଙ୍କର ଗୁରୁତର ଓ ସାଧାରଣ ସମସ୍ୟାର ସମାଧାନ ପାଇଁ ପ୍ରାଧାନ୍ୟ ଦିଆଯାଉନଥିଲା । ଏହି ଗୁରୁତର ପ୍ରଶ୍ନ ଯାହା ୧୯୩୦ରେ ସେ ଉଠାଇଥିଲେ ତାର ପ୍ରାସଙ୍ଗିକତା ୨୦୨୧ର ଭାରତ ପାଇଁ ବଢ଼ିଯାଇଛି ।

ଦାଣ୍ଡି ଯାତ୍ରା ସମୟରେ ଯେତେବେଳେ ଜଣେ ମୁସଲିମ ସମ୍ପ୍ରଦାୟର ଯୁବକ ଗାନ୍ଧିଜୀଙ୍କୁ ପଚାରିଲେ ସ୍ୱାଧୀନ ଭାରତର ସଂସଦରେ କେତେଜଣ ମୁସଲିମ ଲୋକପ୍ରତିନିଧି ସ୍ଥାନ ପାଇବେ- ସେ ଉତରରେ କହିଥିଲେ ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସି ଏବଂ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କ ପ୍ରତିନିଧି ସ୍ଥାନ ପାଇବା ପରେ ବଳକା ସ୍ଥାନ ଅନ୍ୟମାନଙ୍କୁ ଦିଆଯିବ । ଅର୍ଥାତ୍ ସେ ଚାହୁଁଥିଲେ ଏପରି ସଂସଦ ଯେଉଁଥିରେ ସବୁ ସଂପ୍ରଦାୟର ଜନପ୍ରତିନିଧି ସ୍ଥାନ ପାଇପାରିବେ । ୧୨ ମାର୍ଚ୍ଚରୁ ଯେତେବେଳେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛୁ ଆମେ ପ୍ରଶ୍ନ କରିବା ଆମର ସଂସଦ କେତେ ପରିମାଣରେ ବିଭିନ୍ନ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ କରୁଛି ।୧୨ ମାର୍ଚ୍ଚ ୧୯୩୦ରେ ଆରମ୍ଭ ହୋଇଥିବା ଦାଣ୍ଡି ଯାତ୍ରାର ସ୍ୱାସ୍ଥ୍ୟଜନିତ ଏକ ମହନୀୟ ବାର୍ତା ଏଇ ଏକବିଂଶ ଶତାବ୍ଦୀ ଭାରତ ପାଇଁ ଅପରିହାର୍ଯ୍ୟ । ଲବଣ ଆଇନ ଭଙ୍ଗ କରିବାର ତିନି ଦିନ ପୂର୍ବରୁ ୩ ଏପ୍ରିଲ ୧୯୩୦ରେ ଗାନ୍ଧିଜୀ ଏକ ଭାଷଣରେ ବ୍ୟଥିତ ହୋଇ କହିଥିଲେ ଯେ, ତାଙ୍କର ସହକର୍ମୀମାନେ ଦିନକୁ ୧୦ କିଲୋମିଟର ପାଦରେ ଚାଲିପାରୁନଥିଲେ ଓ କ୍ଳାନ୍ତ ହୋଇଯାଉଥିଲେ । ଗାନ୍ଧିଜୀଙ୍କୁ ୬୧ବର୍ଷ ହୋଇଥିଲା ଓ ସେ ଅନ୍ୟମାନଙ୍କଠାରୁ ଦ୍ରୁତ ବେଗରେ ଚାଲୁଥିଲେ ।ସେ କହିଲେ- ୧୯୩୦ର ଆଧୁନିକ ପିଢ଼ି ଦୁର୍ବଳ, ସୂକ୍ଷ୍ମ ଓ ଅତି ସୁକୁମାରିଆ ହୋଇଗଲେଣି ଓ ଏହି ଅବସ୍ଥାରେ ସେମାନେ ଦେଶସେବା କେମିତି କରିବେ । ସେଥିପାଇଁ ସେ କହିଥିଲେ ଯେ, ଦେଶସେବା ସାଙ୍ଗରେ ଶାରୀରିକ ବ୍ୟାୟାମ ନିହାତି ଆବଶ୍ୟକ ଓ ଚାଲିବା ହେଉଛି ବ୍ୟାୟାମ ମଧ୍ୟରେ ରାଜା । ସେ ଏକଥା ମଧ୍ୟ କହିଥିଲେ ଯେ, ଅଳ୍ପ ଦୂରତା ପାଇଁ ଗାଡ଼ି ବ୍ୟବହାର ନକରିବା ପାଇଁ । ୨୦୨୧ ଭାରତର ଯୁବକ ଜୀବନଶୈଳୀ ଜନିତ ରୋଗରେ ଗ୍ରସ୍ତ, ସହର ଓ ଗ୍ରାମରେ ମଧ୍ୟ ସ୍ୱଳ୍ପ ଦୂରତା ପାଇଁ ଗାଡ଼ି ବ୍ୟବହାର ହେଉଛି । ଭାରତ ବର୍ତମାନ ମଧୁମେହ ରୋଗର ରାଜଧାନୀ ହୋଇସାରିଲାଣି । ଗାନ୍ଧିଜୀ ଯାହା କହିଥିଲେ ଯେ, ଚାଲିବା ହେଉଛି ବ୍ୟାୟାମ ଭିତରେ ରାଜା ତାହା ଏହି ପିଢ଼ି ବୁଝି ଅଧିକ ପରିମାଣରେ ଚାଲି ଶରୀରକୁ ରୋଗମୁକ୍ତ ଓ ସୁସ୍ଥ ରଖିପାରିଲେ ବାସ୍ତବରେ ଦେଶସେବା ବୋଲି ବୁଝିବାକୁ ହେବ । ଦାଣ୍ଡି ଯାତ୍ରାର ଏହିସବୁ ଦୃଷ୍ଟିକୋଣକୁ ଅଗ୍ରାଧିକାର ଦେଇ ଭାରତର ୭୫ତମ ସ୍ୱାଧୀନତା ପାଳନ କଲେ ଆମେ ଗାନ୍ଧୀଙ୍କ ସ୍ୱପ୍ନର ଭାରତ ତିଆରି କରିପାରିବା ।

# ଦେବୀ ଚର୍ଚ୍ଚିକାଙ୍କ ଆରାଧନା

ବ ପବିତ୍ର ମହାନଦୀ କୂଳ ରଚିକ ପାହାଡ଼ ଉପରେ ଅବସ୍ଥିତ ଏକ ମହାନ୍ ତନ୍ତ୍ରପୀଠ । ଦେବୀ ଚର୍ଚ୍ଚିକା ଏହାର ଅଧିଷ୍ଠାତ୍ରୀ ଦେବୀ। ୬ଷ୍ଠ/୭ମ ଶତାବ୍ଦୀରେ ଭୌମକର ରାଜାଙ୍କ ରାଜତ୍ୱ କାଳରେ ଅଷ୍ଟଭୁଜା ଦେବୀ ଚର୍ଚ୍ଚିକାଙ୍କ ଆରାଧନା ଆରମ୍ଭ ହୋଇଥିବା ଅନୁମାନ କରାଯାଏ । ଦେବୀ ଅଷ୍ଟଭୁଜରେ ଖଡ୍ଗ, ତ୍ରିଶୂଳ,ସର୍ପ, ଅଙ୍କୁଶ, ଅକ୍ଷମାଳ, ଛିନ୍ନମସ୍ତକ ଓ ଡମରୁ ଧାରଣ କରିଥିବା ବେଳେ ବାମହସ୍ତ କନିଷ୍ଠାଙ୍ଗୁଳିକୁ ଦାନ୍ତରେ କାମୁଡ଼ି ଧରିଛନ୍ତି । ମା'ଙ୍କ ବକ୍ଷରେ ନରମୁଣ୍ଡମାଳା ଶୋଭା ଯାଉଥିବା ବେଳେ ମା' ଏକ ଶବ ଉପରେ ଆସୀନ । ଦେବୀ ଚାମଣ୍ଡା ହୋଇଥିବାରୁ ଏହି ପୀଠକୁ ଚାମୁଣ୍ଡା ମଣ୍ଡଳ ଭାବରେ ଅଭିହିତ କରାଯାଇଛି । ଚାମୁଣ୍ଡାମାନେ ପରମ ବୈଷ୍ଣବୀ ନୁହନ୍ତି । ସେଥିପାଇଁ ସେମାନଙ୍କ ନିକଟରେ ଆମିଷ ଭୋଗର ବ୍ୟବସ୍ଥା ରହିଛି । ଦେବୀ ଚର୍ଚ୍ଚିକାଙ୍କ ପାଖରେ କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ଆମିଷ ଭୋଗ କରାଯାଏ ନାହିଁ। ଅନ୍ୟସବୁ ମାସରେ କେବଳ ଗୁରୁବାରକୁ ଛାଡ଼ି ଆମିଷ ଭୋଗ ହେଉଥିବା ବେଳେ ଶାରଦୀୟ ଷୋଳ ପୂଜାରେ ପ୍ରତ୍ୟେକ ଦିନ ଆମିଷ ଭୋଗ ହୋଇଥାଏ । ଦେବୀଙ୍କ ବାହନ ସିଂହ । ଜୀବନ ମାତ୍ରେ ଶକ୍ତିମୟୀଙ୍କର ଭାବନା - ହୃଦୟରେ ବହନ କଲେ ବରଜୀବ ସିଂହ ସଦୃଶ ହେବ । ସିଂହ ହିଁ ଶକ୍ତିର ପ୍ରତୀକ । ତେଣୁ ଭକ୍ତ 'ଯା' ଶବ୍ଦ ଯୁକ୍ତ କରି ମହାଲକ୍ଷ୍ମୀ, ମହାକାଳୀ ଓ ମହା ସରସ୍ୱତୀରୂପା ଜଗଜ୍ଜନନୀ ଶକ୍ତି ସିଂହବାହିନୀଙ୍କୁ ପ୍ରାର୍ଥନା କରେ । ବାଙ୍କୀ ଚର୍ଚ୍ଚିକା ପୀଠର ପରିଚୟ ଓ ପ୍ରସିଦ୍ଧି ବହୁ ପୁରାତନ। କେଉଁ ଯୁଗରେ ଏହି ପୀଠର ସୃଷ୍ଟି ହୋଇଥିଲା, କିଏ ଏହାର ପ୍ରତିଷ୍ଠାତା ସେ ବିଷୟରେ କୌଣସି ଐତିହାସିକ ତଥ୍ୟ ମିଳିନାହିଁ । ପୌରାଣିକ ଉପାଖ୍ୟାନ, କିମ୍ବଦନ୍ତୀ ଓ ଜନଶ୍ରୁତିରୁ ଏହି ପୀଠର ଆବିର୍ଭାବ ସଂପର୍କରେ ଯାହା କିଛି ବିବରଣୀ ମିଳିଥାଏ । ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ଚର୍ଚ୍ଚିକାଦେବୀଙ୍କ ମୂର୍ତ୍ତି ୯ମ - ୧୦ମ ଶତାବ୍ଦୀର କୀର୍ତ୍ତି ବୋଲି ୧୯୫୫ ମସିହା ବାଙ୍କୀ ଅଞ୍ଚଳର ପ୍ରତ୍ନତତ୍ତ୍ୱରେ ଲେଖିଥିଲେ । ପୁରୁଣା କାଳରେ ଦେବୀ ମନ୍ଦିର ପରିବର୍ତ୍ତିତ ହୋଇ ପୀତାମ୍ବର ଶ୍ରୀଚନ୍ଦନ ଅମଳରେ ମନ୍ଦିରର ପୁନଃ ନିର୍ମାଣ ଓ ଶୂନ୍ୟ ବାହିନୀ ମଣ୍ଡପ ନିର୍ମାଣ ହୋଇଥିଲା । ସବୁ ଦେବଦେବୀ ପୀଠ ପରି ଚର୍ଚ୍ଚିକା ପୀଠରେ କେତେକ ପାର୍ଶ୍ୱ ଦେବତା ରହିଥିବାର ଦେଖାଯାଏ । ଏମାନଙ୍କ ମଧ୍ୟରେ ପଞ୍ଚ ମହାଦେବ, ଶ୍ରୀ ଗଣେଶ, ଶ୍ରୀମଙ୍ଗଳା, ଶ୍ରୀଜଗନ୍ନାଥ, ଶ୍ରୀରାମ, ସନ୍ତୋଷୀ, ମା'ତ୍ରିନାଥ ଦେବଙ୍କ ମନ୍ଦିରମାନ ରହିଛି । ଦେବୀଙ୍କ ସମ୍ମୁଖ ଭାଗରେ ଏବଂ ତା'ଠାରୁ ସାମାନ୍ୟ ନିମ୍ନରେ ତଳଉପର ହୋଇ କାଠ ତିଆରି ଦୁଇଟି ମଣ୍ଡପ ରହିଛି । ପ୍ରଥମ ମଣ୍ଡପଟି ବାରଗୋଟି ସ୍ତମ୍ଭ ଉପରେ ସ୍ଥାପନ କରାଯାଇଛି । ଏହାକୁ ଶୂନ୍ୟବାହିନୀ ମଣ୍ଡପ ବୋଲି କୁହାଯାଏ । କାଠରେ ଏପରି ସୂକ୍ଷ୍ମ କାରୁକାର୍ଯ୍ୟ ମଣ୍ଡିତ ମଣ୍ଡପ ବୋଧହୁଏ ଓଡ଼ିଶାରେ ବିରଳ । ମା' ଚର୍ଚ୍ଚିକାଙ୍କ ନୀତିକାନ୍ତି ପୂଜା ସେବା ବ୍ରାହ୍ମଣମାନେ କରିଥା'ନ୍ତି । ମାଳୀ ସେବାୟତମାନେ ଅନ୍ୟାନ୍ୟ ସେନାନୀତି କରିଥାନ୍ତି । ଦେବୀ ଚର୍ଚ୍ଚିକାଙ୍କ ନିତିଦିନିଆ ସେବା ମଧ୍ୟରେ ଭୋର୍‌ରୁ ମନ୍ଦିର ଖୋଲାଯାଇ ମା'ଙ୍କ ଆଳତି, ମାଜଣା କରାଯାଏ । ମାଜଣା ପରେ ନେତ୍ର ଲାଗି ହୁଏ । ଏହି କାର୍ଯ୍ୟ ଘୋରା ଚନ୍ଦନ ଉପରେ ଲାଗିହୁଏ । କାରଣ କଳା ମୁଗୁନି ପଥର ଦେହରେ ପର୍ଶୁରାମ ଶର ମୁନରେ ଆଙ୍କିଥିବା ମା'ଙ୍କ ମୂର୍ତ୍ତିରେ ଚନ୍ଦନ ଲେପି ଭୁଜ, ପୟର, ନେତ୍ର, ଚିତା ଇତ୍ୟାଦି ଲଗାଇ ବେଶ କରାଯାଏ । ବେଶ ପରେ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା କରାଯାଇ ମା'ଙ୍କ ବଲ୍ଲଭ ଭୋଗ କରାଯାଏ । ଦୈନିକ ଏଠାରେ ଚାରିଥର ଧୂପ ହୋଇଥାଏ । ଦ୍ୱିପ୍ରହର ଧୂପ ପରେ ମନ୍ଦିର ବନ୍ଦ ରହେ, ପୁନର୍ବାର ସଂଧ୍ୟା ପୂର୍ବରୁ ଖୋଲେ । ସଂଧ୍ୟା ଧୂପ ଓ ରାତ୍ରି ଧୂପ ପରେ ମା'ଙ୍କ ବିଶ୍ରାମ ପାଇଁ ବ୍ୟବସ୍ଥା କରାଯାଏ । ଚର୍ଚ୍ଚିକା ପୀଠରେ ପଣ୍ଡା ବା ଝାମୁଯାତ୍ରା, ଦଶହରା, କୁମାର ପୂର୍ଣ୍ଣମୀ, ବାସନ୍ତୀ ପୂଜା, ଦୋଳଯାତ୍ରା, ଚନ୍ଦନ ଯାତ୍ରା ଆଦି ମହାସମାରୋହରେ ପାଳିତ ହୁଏ । ଦିନ ଥିଲା ଏଠାରେ ପଣାଯାତ୍ରା ଦେଖିବାକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସୁଥିଲେ । ଏହି ଯାତ୍ରା ମାସାଧିକକାଳ ଚାଲୁଥିଲା । କାଳକ୍ରମେ ସେ ସବୁର ପରିବର୍ତ୍ତନ ହୋଇଯାଇଛି । ଆଶ୍ୱିନ ମାସରେ ଦଶହରା ଉପଲକ୍ଷେ ଦେବୀ ଚର୍ଚ୍ଚିକାଙ୍କ ପାଖରେ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହୁଏ ।

**ଚର୍ଚ୍ଚିକା ପୀଠରେ ଝାମୁଯାତ୍ରା, ଦଶହରା, କୁମାର ପୂର୍ଣ୍ଣମୀ, ବାସନ୍ତୀ ପୂଜା, ଦୋଳଯାତ୍ରା, ଚନ୍ଦନ ଯାତ୍ରା ଆଦି ମହାସମାରୋହରେ ପାଳିତ ହୁଏ ।**



# ରାମାୟଣର ଦୁଇଟି କାହାଣୀ

ମ ହାକାବ୍ୟ ରାମାୟଣ ଭାରତୀୟ ଧର୍ମ, ଦର୍ଶନ, ଶାସ୍ତ୍ରର ପ୍ରଥମ ଉତ୍ସ। ଏହା ଭାରତୀୟ ଜନତାଙ୍କ ପାଇଁ ସତେଯେପରି ଏକ ପ୍ରକାଶ ସ୍ତମ୍ଭ। ଅନ୍ଧାରିତ ଓ ଅଦ୍ଭୁତ ଅବସ୍ଥାରେ ହିନ୍ଦୁ ଜାତି ପ୍ରତି ଏହା ଉତ୍ସାହର ସ୍ରୋତ। ରାମାୟଣରେ ବିଭିନ୍ନ ପ୍ରସଙ୍ଗ ଆଲୋକପାତ ହୋଇଛି। ଆସନ୍ତୁ ଆଜିର ଆଲୋଚନାରେ ଦୁଇଟି ପ୍ରସଙ୍ଗ ଏଠାରେ ଉଲ୍ଲେଖ କରିବା।

**ଦଶରଥ ଅପୁତ୍ରିକ ହେବାର କାରଣ**

କବି ଜଗନ୍ନାଥ ଦାସ ବ୍ରହ୍ମ ଶାପରେ ଦଶରଥ ଅପୁତ୍ରିକ ହୋଇଥିବା ବର୍ଣ୍ଣନା କରିଛନ୍ତି। ବର୍ଣ୍ଣିତ ଅଛି ଦଶରଥଙ୍କ ସୁକର୍ମରେ ସନ୍ତୁଷ୍ଟ ହୋଇ ଦେବରାଜ ଇନ୍ଦ୍ର ତାଙ୍କ ସହିତ ମିତ୍ରତା ସ୍ଥାପନ କରିଥିଲେ। ଫଳରେ ସେ ସ୍ୱଦେହରେ ସ୍ୱର୍ଗ ଦର୍ଶନ ଓ ଦେବ ସଭାରେ ଯୋଗଦାନ କରିବା କେବଳ ଦଶରଥଙ୍କ ଭାଗ୍ୟରେ ହିଁ ଜୁଟିଥିଲା। ତେତିଶ କୋଟି ଦେବତାଙ୍କ ଦ୍ୱାରା ସ୍ୱର୍ଗର ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେବାଲାଗି ଦଶରଥ ସ୍ୱର୍ଗାଭିମୁଖେ ଯାତ୍ରା କରୁଥିବା ସମୟରେ ରାଣୀ କୌଶଲ୍ୟା ସେହିଦିନ ସ୍ୱର୍ଗରୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଅନୁରୋଧ କରିଥିଲେ। ରାଜା ଦଶରଥ ମଧ ସେହିଦିନ ଇନ୍ଦ୍ରଙ୍କ ଠାରୁ ଅନୁମତି ପାଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ କପିଳାଦ୍ୱାରା ଅଭିଶାପ ପାଇଥିଲେ ଯେ ପ୍ରଥମ ଗର୍ଭରେ ତୋର କନ୍ୟା ଜାତ ହେବ ଏବଂ ତତପରେ ପୁତ୍ର ଲାଭ ହେବ। କପିଳାର ଏହି ଅଭିଶାପ ଦଶରଥଙ୍କ ଜୀବନରେ ସତ୍ୟରେ ପରିଣତ ହୋଇଥିଲା।

**ସୂର୍ପଣଖା ପ୍ରସଙ୍ଗ**

ଦଣ୍ଡକାରଣ୍ୟରେ ରାମଲକ୍ଷ୍ମଣ ସୀତା ବନବାସ କରୁଥିବା ସମୟରେ ଲକ୍ଷ୍ମଣ ମୃଗୟା ନିମିତ୍ତ ବନ ମଧ୍ୟରେ ଅନ୍ୱେଷଣରେ ଥିବାବେଳେ ଗୁଳ୍ମଲତା ତଳେ ତପସ୍ୟା କରୁଥିବା ସୂର୍ପଣଖା ପୁତ୍ର ଜପାସୁର ଲକ୍ଷ୍ମଣଙ୍କ ଶରାଘାତରେ ମୃତ୍ୟୁ ବରଣ କରିଛି। ମୃଗ ଭାବି ଦାନବର ମୃତ୍ୟୁ ପରବର୍ତ୍ତୀ କାଳରେ ସୂର୍ପଣଖାର ମାନସିକ ସ୍ତରରେ ପରିବର୍ତ୍ତନ ଆଣିଛି। ପୁତ୍ର ନିଧନ ପରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପଞ୍ଚବଟୀରେ ଏକାକୀ ଦେଖି ତାଙ୍କୁ ନିଧନ କରିବା ଲାଗି ଅସୁରୀ ରୂପ ପରିତ୍ୟାଗ କରି ଏକ ସୁନ୍ଦରୀ ନାରୀ ରୂପ ଧାରଣ କରିଛି। ତତପରେ ସତୀ ସୀତାଙ୍କ ନିକଟରେ ଏକ ସ୍ୱାମୀ ପରିତ୍ୟକ୍ତା ନାରୀ ହୃଦୟର ଅଶ୍ରୁଳଭରା ଦୁଃଖ କାହାଣୀ କହି ସୀତାଙ୍କ ମନରେ ସମବେଦନାର ଉଦ୍ରେକ କରାଇଛନ୍ତି। ଯାହାଫଳରେ ସୂର୍ପଣଖାକୁ ଗ୍ରହଣ କରିବା ଲାଗି ସତୀସୀତା ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଲକ୍ଷ୍ମଣ ସୀତାଙ୍କର ଏହି ନିର୍ଦ୍ଦେଶକୁ ମାନିନେଇନାହାନ୍ତି। ସୂର୍ପଣଖାର ଅସଲ ସ୍ୱରୂପ ସେ ଚିହ୍ନିପାରି ଏହା ଏକ ଅସୁରୀର ମାୟା ଭାବି ତାର ନାଶିକା ଓ କର୍ଣ୍ଣ ଛେଦନ କରିଛନ୍ତି।

ବାଲ୍ମିକୀ ତାଙ୍କ ରାମାୟଣରେ ସୂର୍ପଣଖା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ସୁଗ୍ରୀବ ରାବଣର ଭଗ୍ନ ସୂର୍ପଣଖା, ମାର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କୁ ଦେଖି କାମାତୁରା ହୋଇଛି। ରାମଚନ୍ଦ୍ରଙ୍କର ତପସ୍ୱୀ ବେଶର କାରଣ ସହିତ ସତୀ ସୀତାଙ୍କୁ ପରିତ୍ୟାଗ କରି ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରିଛି। କିନ୍ତୁ ରାମଚନ୍ଦ୍ର ତାକୁ ଗ୍ରହଣ ନକରି ଲକ୍ଷ୍ମଣଙ୍କ ନିକଟକୁ ପଠାଇ ଦେଇଛନ୍ତି। ରାମଚନ୍ଦ୍ରଙ୍କ ଆଦେଶ ମୁତାବକ ରାକ୍ଷସୀ ସୂର୍ପଣଖା ଲକ୍ଷ୍ମଣଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଅନ୍ତରର କଥା କହିବା ସଙ୍ଗେ ସଙ୍ଗେ ତାକୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଛି। ସୂର୍ପଣଖାର ଏ ପ୍ରସ୍ତାବକୁ ଗ୍ରହଣ କରିପାରିନାହାନ୍ତି ଲକ୍ଷ୍ମଣ। ସତୀ ସୀତାଙ୍କର କୁତ୍ସିତ ରୂପ ବର୍ଣ୍ଣନା ଶୁଣି ଲକ୍ଷ୍ମଣ ପରିହାସ କରି ସୂର୍ପଣଖାକୁ ରାମଚନ୍ଦ୍ରଙ୍କ ନିକଟକୁ ପଠାଇ ଦେଇଛନ୍ତି। ପୁନରାୟ ଗଭୀର ଆଶା ଓ ଅକାଙ୍କ୍ଷା ଭିତରେ ପ୍ରସ୍ତାବ ଦେଇଛନ୍ତି ରାମଚନ୍ଦ୍ରଙ୍କର କନିଷ୍ଠାପତ୍ନୀ ହୁଅ। ଲକ୍ଷ୍ମଣର ପରିହାସ ସୂର୍ପଣଖା ବୁଝିନପାରି ରାମଚନ୍ଦ୍ରଙ୍କ ସମ୍ମୁଖରେ ସତୀ ସୀତାଙ୍କୁ ଭକ୍ଷଣ କରିବାକୁ ଅଗ୍ରସର ହେବାରୁ ତତକ୍ଷଣାତ ରାମଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ତାହାକୁ ବିରୂପ କରିଛନ୍ତି। ନାସା ଓ କର୍ଣ୍ଣ ହରାଇ ବର୍ଷାରତୁର ଘୋର ଗର୍ଜନ ପରି ଭୀଷଣ ଗର୍ଜନ କରି ବନ ମଧ୍ୟରେ ପ୍ରବେଶ କରିଛି ସୂର୍ପଣଖା।



# ରୁପା ଆଣିବ ପରିବର୍ତ୍ତନ

ମ ହିଳା ମାନଙ୍କ ଜୀବନରେ ସୁନା, ରୁପାର ଏକ ବିଶେଷ ମହତ୍ତ୍ୱ ରହିଥାଏ । ଦୁନିଆରେ କଦବା କୋଚିତ ମହିଳା ଏମିତି ଥିବେ ଯାହାଙ୍କୁ ସୁନା ରୁପାରେ ନିର୍ମିତ ଆଭୂଷଣ ଏତେଟା ପସନ୍ଦ ନଥିବ । ଏହି ଗହଣା ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ବେଳେ ଜ୍ୟୋତିଷ ଶାସ୍ତ୍ରରେ ବି ଏହାକୁ ନେଇ ବିଶେଷ ମହତ୍ତ୍ୱ ରହିଛି । ତେବେ ଆସନ୍ତୁ ଜାଣିବା ରୁପା ଆପଣଙ୍କ ଜୀବନରେ କିପରି ପରିବର୍ତ୍ତନ ଆଣି ପାରିଥାଏ । ମାନ୍ୟତା ଅନୁଯାୟୀ, ଚାନ୍ଦିର ସୃଷ୍ଟି ଭଗବାନ ଶିବଙ୍କ ତୃତୀୟ ନେତ୍ରରୁ ହିଁ ହୋଇଥିଲା । ତେଣୁ ବିଶ୍ୱାସ କରାଯାଏ କି ରୁପା ଜୀବନରେ ସୁଖ ସମୃଦ୍ଧି ବଢ଼ିବାରେ ମଧ ସହାୟକ ହୋଇଥାଏ । ବାସ୍ତୁ ଅନୁଯାୟୀ ଯାହା ପାଖରେ ଚାନ୍ଦି ଥାଏ, ସେମାନଙ୍କ ଜୀବନରେ କୌଣସି ଧରଣର ଅଭାବ ରହିନଥାଏ । ବିଶେଷ ଭାବେ ଗୁରୁଜନ ମାନେ ଦେଇଥିବା ଚାନ୍ଦିର ଉପହାର ଭାଗ୍ୟ ପରିବର୍ତ୍ତନ କରିଦେଇପାରେ । ଚାନ୍ଦି ବା ରୁପାର ଅନେକ ସୁଗୁଣ ଥିଲେ ବି ଜ୍ୟୋତିଷଙ୍କ ଅନୁଯାୟୀ ପ୍ରତି ବ୍ୟକ୍ତିଙ୍କ ପାଇଁ କିନ୍ତୁ ଏହା ଶୁଭପ୍ରଦ ହୋଇନଥାଏ । କନ୍ୟା, ଧନୁ, ମେଷ ରାଶିର ବ୍ୟକ୍ତିମାନେ ଚାନ୍ଦି ଧାରଣ କରିବା ଉଚିତ ନୁହେଁ । ନଚେତ୍ କୌଣସି ଶୁଭ କାର୍ଯ୍ୟରେ ଅଶୁଭ ଫଳ ପ୍ରାପ୍ତ ହେବ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ବି ଦେଖା ଦେଇପାରେ । ଏହି ତିନି ରାଶି ବ୍ୟତୀତ ଅନ୍ୟ ରାଶିର ବ୍ୟକ୍ତି ମାନେ ନିଦ୍ୱନ୍ଦ୍ୱରେ ରୂପା ଧାରଣ କରିପାରିବେ । ତେବେ ଆସନ୍ତୁ ଜାଣି ରଖିବା ରୁପା ପିନ୍ଧିଲେ କଣ କଣ ଲାଭ ମିଳିଥାଏ: – ଯେଉଁ ମାନଙ୍କ ଚନ୍ଦ୍ର ଦୁର୍ବଳ ସ୍ଥିତିରେ ଥାନ୍ତି, ସେମାନେ ନିଜ ହାତରେ ରୁପା ନିର୍ମିତ ମୁଦି ନିହାତି ପିନ୍ଧିବା ଦରକାର । ଯଦି ଚାହିଁବେ ତ ଏଥିରେ ଶୁଦ୍ଧ ମାଟି ସହ ବି ହାତରେ ପିନ୍ଧିପାରିବେ । – ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଯେଉଁମାନଙ୍କ ମନ ଅଧିକ ଅଶାନ୍ତ ରହୁଥାଏ, ସେମାନେ ରୁପା ମୁଦି ପିନ୍ଧିବା ଖୁବ ଭଲ । ନିୟମିତ ଭାବେ ପିନ୍ଧିଲେ ମନକୁ ଶାନ୍ତି ମିଳିଥାଏ । - ପିଲାମାନେ ଯାନବାହନ ଚଲାଉଥିଲେ ସେମାନଙ୍କୁ ନିଶ୍ଚିତ ରୂପେ ଏକ ମୁଦି ପ୍ରସ୍ତୁତ କରି ପିନ୍ଧାନ୍ତୁ । ଦୁର୍ଘଟଣା ଜନିତ ଡର ରହିବନି ।

# ହିନ୍ଦୁଧର୍ମରେ ଅବତାରବାଦ

**ବେଦରେ ଅବତାରବାଦର ମୌଳିକ ତଥା ପ୍ରାଚୀନତମ ଆଧାରରେ ଉପଲବ୍ଧ ରହିଛି । ବେଦ ଅନୁସାରେ ପ୍ରଜାପତି ଜୀବଜଗତର ସୁରକ୍ଷା ତଥା ସୃଷ୍ଟି କଲ୍ୟାଣ ପାଇଁ ବିଭିନ୍ନ ରୂପ ଧାରଣ କରିଥିଲେ । ଶୁକ୍ଲ ଯଜୁର୍ବେଦର ବ୍ରାହ୍ମଣ ଗ୍ରନ୍ଥ ଶତପଥ ବ୍ରାହ୍ମଣରେ ମତ୍ସ୍ୟଅବତାର ସଂପର୍କରେ ବର୍ଣ୍ଣନା କରାଯାଇଛି ।**

ଅ ବତାରବାଦ ହିନ୍ଦୁ ଧର୍ମରେ ବିଶେଷ ମହତ୍ତ୍ୱ ବହନ କରିଥାଏ। ହିନ୍ଦୁ ପୁରାଣରେ ଅବତାରବାଦ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। 'ଅବତାର' ଅର୍ଥ ହେଉଛି ପୃଥିବୀରେ ଈଶ୍ୱରଙ୍କ ଜନ୍ମଲାଭ। ପୃଥିବୀର ଭିନ୍ନ ଭିନ୍ନ ଦେଶ ତଥା ଧର୍ମରେ ଅବତାରବାଦର ଧାର୍ମିକ ନିୟମକୁ ସମଆଦର ତଥା ଶ୍ରଦ୍ଧା ଦୃଷ୍ଟିରେ ଦେଖାଯାଏ। ପାରସୀ ଧର୍ମ ଏବଂ ସିଦ୍ଧାନ୍ତ ହିନ୍ଦୁତ୍ୱ ବିଶେଷତଃ ବୈଦିକ ଆର୍ଯ୍ୟ ସହ ସମାନ। କିନ୍ତୁ ଏହି ଧର୍ମରେ ଅବତାରର କଳ୍ପନା ଉପଲବ୍ଧି ହୋଇନାହିଁ। ହିନ୍ଦୁଧର୍ମରେ ଅବତାରବାଦକୁ ମହତ୍ତ୍ୱପୂର୍ଣ୍ଣ ଭାବେ ସ୍ୱୀକାର କରାଯାଏ। ଅତ୍ୟନ୍ତ ପ୍ରାଚୀନ କାଳରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏହି ଧର୍ମ ଆଧାରଭୁକ୍ତ ମୌଳିକ ସିଦ୍ଧାନ୍ତରେ ଅନ୍ୟତମ ଅଟେ। ଅବତାରର ଅର୍ଥ ହେଉଛି ଭଗବାନ ନିଜର ସ୍ୱାତନ୍ତ୍ର୍ୟ ଶକ୍ତିଦ୍ୱାରା ଭୌତିକ ଜଗତରେ ଆବିର୍ଭାବ ହେବା, ପ୍ରକଟ ହେବା। ବୈଷ୍ଣବ ଧର୍ମରେ ଅବତାରର ତଥ୍ୟ ବିଶେଷ ଭାବରେ ମହତ୍ତ୍ୱ ବହନ କରିଥିବା ସ୍ୱୀକାର କରାଯାଏ। ବୈଷ୍ଣବ ଧର୍ମ ଅନୁଯାୟୀ ନାନା ରୂପରେ ଭଗବାନଙ୍କ ଉପାସନା ନିଜର ରୁଚି ଅନୁସାର କରାଯାଇଥାଏ। ଶୈବମତରେ ଭଗବାନଙ୍କ ଶଙ୍କରଙ୍କ ବିଭିନ୍ନ ଲୀଳାର ବର୍ଣ୍ଣନା କରାଯାଇଛି। କିନ୍ତୁ ଭଗବାନ ଶଙ୍କର ତଥା ପାର୍ବତୀଙ୍କ ମୂଳ ରୂପର ଉପାସନା ସର୍ବତ୍ର ପ୍ରଚଳିତ। ବେଦରେ ଅବତାରବାଦର ମୌଳିକ ତଥା ପ୍ରାଚୀନତମ ଆଧାରରେ ଉପଲବ୍ଧ ରହିଛି। ବେଦ ଅନୁସାରେ ପ୍ରଜାପତି ଜୀବଜଗତର ସୁରକ୍ଷା ତଥା ସୃଷ୍ଟି କଲ୍ୟାଣ ପାଇଁ ବିଭିନ୍ନ ରୂପ ଧାରଣ କରିଥିଲେ। ଶୁକ୍ଲ ଯଜୁର୍ବେଦର ବ୍ରାହ୍ମଣ ଗ୍ରନ୍ଥ ଶତପଥ ବ୍ରାହ୍ମଣରେ ମତ୍ସ୍ୟଅବତାର ସଂପର୍କରେ ବର୍ଣ୍ଣନା କରାଯାଇଛି। କୂର୍ମ ଅବତାର ସଂପର୍କରେ ଶତପଥ ବ୍ରାହ୍ମର ତଥା ଜୈମିନୀୟ ବ୍ରାହ୍ମଣ, ବରାହ ଅବତାର ତୈତିରିୟ ସଂହିତା ତଥା ଶତପଥ ବ୍ରାହ୍ମଣ ଏବଂ ନୃସିଂହ ଅବତାର ସଂପର୍କରେ ତୈତିରିୟ ସଂହିତାରେ ଉଲ୍ଲେଖ ରହିଛି ।



# ମନ୍ତ୍ର ଜପରେ ସକାରାତ୍ମକ ଶକ୍ତି ମିଳେ

ଧା ର୍ମିକ ମାନ୍ୟତା ଅନୁଯାୟୀ, ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ଜୀବନରେ ସକରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ। ଦୁଃଖକଷ୍ଟ ଦୂର ହୋଇ, ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଦେବୀଦେବତାଙ୍କ ଶକ୍ତି ମନ୍ତ୍ରରେ ସମାହିତ ହୋଇ ରହିଥାଏ ବୋଲି କୁହାଯାଏ। ଜାଣନ୍ତୁ ସେଭଳି କେତେକ ମନ୍ତ୍ର...



୧- ସମସ୍ତ ସଙ୍କଟରୁ ମୁକ୍ତି ପାଇବା ପାଇଁ ହନୁମାନଙ୍କ ପୂଜା ଓ ମନ୍ତ୍ର ଖୁବ ସହାୟକ ହୋଇଥାଏ। ଆପଣ ଜୀବନରେ ଯଦି ସମସ୍ୟା , କାର୍ଯ୍ୟରେ ବାଧା ଲାଗି ରହୁଛି ତେବେ ଏଥିରୁ ମୁକ୍ତି ପାଇବା ପାଇଁ ନିୟମିତ 'ଓଁ ହନୁମତେ ନମଃ' ମନ୍ତ୍ର ଜପ କରନ୍ତୁ। ୨ – ଧାର୍ମିକ ମାନ୍ୟତା ଅନୁଯାୟୀ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରଭୁ ଶିବଶଙ୍କର ମନ୍ତ୍ର ଜପ କରିବା ବେଶ ଲାଭଦାୟକ। ନିୟମିତ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ପ୍ରାପ୍ତି ହୋଇଥାଏ। ଯେଉଁମାନଙ୍କୁ ଅଧିକ କ୍ରୋଧ ଆସିଥାଏ, ସେମାନେ ମଧ ଏହି ମନ୍ତ୍ର ଜପ କରିବା ଉଚିତ। ଏହି ମନ୍ତ୍ର ଜପ କରିବା ଦ୍ୱାରା ଆପଣଙ୍କୁ ବହୁ ଶୁଭଫଳ ମଧ ପ୍ରାପ୍ତି ହେବା ସହ ଅନେକ ସମସ୍ୟାର ସମାଧାନ ହୋଇଥାଏ। ୩ – ବହୁ ସମସ୍ୟାରେ ଏପରି ହୋଇଥାଏ ବ୍ୟକ୍ତିଙ୍କୁ ବିଶ୍ୱାସଘାତକତା ଓ କାର୍ଯ୍ୟରେ ବାରମ୍ବାର ଅସଫଳତା ମିଳିଥାଏ। ଏହି ସମସ୍ତ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ନିୟମିତ ଗାୟତ୍ରୀ ମନ୍ତ୍ରର ଜପ କରନ୍ତୁ। ବିଭିନ୍ନ ଶାସ୍ତ୍ରରେ ମଧ ଏହି ମନ୍ତ୍ରର ଲାଭଦାୟକ ଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି।

୪ – ବିଭିନ୍ନ ପ୍ରକାର ଗ୍ରହ ଦୋଷରୁ ମୁକ୍ତି ପାଇବାକୁ ଧନସମ୍ପତ୍ତି, ବୈଭବ ଆଦି ପୂରଣ ପାଇଁ ନିୟମିତ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଜପ କରନ୍ତୁ।

# ଆତ୍ମଜ୍ଞାନର ଅଭାବ ଅଜ୍ଞାନ



ଯେଉଁ ସାଧକ ଥରେ ଆତ୍ମଜ୍ଞାନର ଅମୃତ ଚାଖିଛି, ତାପରେ ଇନ୍ଦ୍ରିୟପ୍ରଧାନ ଜଗତ ତାକୁ ଆଦୌ ଭଲ ଲାଗିବ ନାହିଁ। ପରଦାରେ ଚିତ୍ରିତ ଚନ୍ଦ୍ରଯାହାର ଅବକାଶ ମେଣ୍ଟାଏ, ସେ କଦାପି ପ୍ରକୃତ ଚନ୍ଦ୍ର କ'ଣ ଜାଣିପାରିବ ନାହିଁ। ସେହିପରି ପ୍ରକୃତିର ଆକର୍ଷଣରେ ବିଭ୍ରାନ୍ତ ହୋଇ ମଣିଷ ଆତ୍ମଜ୍ଞାନ ବିହୀନ ଅଜ୍ଞାନ ଅନ୍ଧକାରରେ ବାତୁଳ ପ୍ରାୟ ଘୂରି ବୁଲେ, ତ୍ରିଗୁଣଜାତ ବହୁରୂପୀ ସଂସାରର ମାୟାରେ ଉତ୍କ୍ରାନ୍ତ ହୁଏ। ଅନ୍ୟପକ୍ଷରେ ବିଜ୍ଞଲୋକ ଚକଚକିଆ ମିଥ୍ୟା ପରିହାର କରି ଆତ୍ମାନନ୍ଦରେ ମଗ୍ନ ହୁଏ ଓ ସେଥିରୁ ଆତ୍ମାର ପ୍ରଶାନ୍ତି ଲାଭ କରେ। ତେଣୁ ଦୃଶ୍ୟକୁ ନିତ୍ୟ ବା ସତ୍ୟ ବୋଲି ଗ୍ରହଣ କରିବାର ଭୁଲ୍ କରନାହିଁ। ଅବିଭାଜ୍ୟ ଆତ୍ମାନନ୍ଦର ମହାସାଗରରେ ନିମଜ୍ଜନ ବ୍ୟତିତ ଅନ୍ୟ କେଉଁଠି ତୁମେ ସ୍ଥାୟୀ ଆନନ୍ଦ ପାଇବ ନାହିଁ। ପରଂବ୍ରହ୍ମଙ୍କର ସାଥର୍କ ଓ ମଧୁର ଅନୁଭୂତିରେ ହିଁ ତୁମେ ପ୍ରକୃତ ଓ ପୂର୍ଣ୍ଣ ସନ୍ତୋଷ ପାଇପାରିବେ। କେବଳ ବ୍ରହ୍ମାନୁଭୂତି ହିଁ ତୁମକୁ ଜନ୍ମମୃତ୍ୟୁର ଆବର୍ତ୍ତରୁ ମୁକ୍ତି ଦେଇପାରିବ।

# ରାବଣକୁ ମୁନିଋଷିଙ୍କ ରୁଧିରଭାଣ୍ଡ ପ୍ରଦାନ

ନ ଲକୁବେରଙ୍କଠାରୁ ଅଭିଶାପ ପାଇ ଲଙ୍କାର ରାଜା ରାବଣ ମୁନିଋଷିଙ୍କ ଉପରେ ନିଜର କ୍ରୋଧ ବ୍ୟକ୍ତ କଲା। ରାବଣ ମନେ ମନେ ଚିନ୍ତା କଲା ଜଙ୍ଗଲ ମଧ୍ୟରେ ଯେଉଁ ମୁନିଋଷି ଅଛନ୍ତି, ମୋତେ ତ କେହି କିଛି ଦେଉନାହାନ୍ତି। ବର କିମ୍ବା ଆଶୀର୍ବାଦ ଦେବାକୁ ମଧ୍ୟ କୁଣ୍ଠିତ ହେଉଛନ୍ତି। ସେମାନେ ଜଙ୍ଗଲ ମଧ୍ୟରେ ଆଶ୍ରମ କରି ବନ ମଧ୍ୟରେ ଉପବନ କରି ଖୁବ୍ ସୁଖଶାନ୍ତିରେ କାଳ କାଟୁଛନ୍ତି। ଯାଉଛି ଦୂତମାନଙ୍କୁ ପଠାଇ କିଛି କର କିମ୍ବା ଆଶୀର୍ବାଦ ଆଣିବି। ଏ[redacted] ବିଚାରି ସେ ଚାରିଜଣ ଦୂତଙ୍କୁ ପଠାଇଲା। ରାବ[redacted] ଦୂତମାନଙ୍କୁ କହିଲା, ହେ ଦୂତଗଣ ! ତୁମ୍ଭେମାନେ ଯାଇ ମୁନିଋଷିମାନଙ୍କ ଆଶ୍ରମରେ ପ୍ରବେଶ କରି କହିବ ଲଙ୍କାଗଡ଼ର ନରପତି ତୁମ୍ଭମାନଙ୍କ ପାଖରୁ କର ନେବାପାଇଁ ପଠାଇଛନ୍ତି। ଦୂତମାନେ ସେହିପରି ଭାବରେ ଯାଇ ମୁନିଋଷିମାନଙ୍କୁ କହିବାରୁ ଏହାଶୁଣି ମୁନିଋଷିଙ୍କର ହୃତ୍‌କମ୍ପ ଜାତ ହେଲା। ତେବେ ଋଷିମାନେ ଦୂତମାନଙ୍କୁ ଲଙ୍କାଗଡ଼ କୁଶଳ [redacted]ସମାଚାର ପଚାରିଲେ। [redacted]ମାନେ କହିଲେ, ହେ [redacted] ସର୍ବଶୁଭ । ଆପଣମାନେ [redacted]ମ୍ଭମାନେ ବାହୁଡ଼ିଯିବୁ। [redacted]ହୃଦୟ ଭିତରେ ଭୟଭୀତ ହେଉଥିଲେ ମଧ୍ୟ ସାହସ ସଂଚୟ କରି ଏକତ୍ର ହୋଇ ସମସ୍ତ ବିଚାର କରିବାକୁ ଲାଗିଲେ। ଏହି ପାପୀ ଦଶାନନ ଖୁବ୍ ଉଦ୍ଧତ ହେଲାଣି। ଏହାକୁ କଣ ଦେଲେ ଉପଯୁକ୍ତ ଶିକ୍ଷା ପାଇବ । ଯେଉଁ ରାଜାର କୌଣସି ମର୍ଯ୍ୟାଦା ଜ୍ଞାନ ନାହିଁ। ଏତେ ନୀତିଶାସ୍ତ୍ର ଶିକ୍ଷା କରି ମଧ୍ୟ କୌଣସି ହିତାହିତ ଜ୍ଞାନ ବିଚାର କରୁନାହିଁ। ନିଜର ପାରିଷଦ ଗଣଙ୍କୁ ଏ ଖଳ ତୋଷାମଦ କରି ରଖିଛି। ଆମ୍ଭେମାନେ କିଛି ନ ଦେଲେ ସୁନ୍ଦର ହେବ ନାହିଁ। ଏହିପରି ବିଚାର କରି ସେମାନେ ନିଜ ନିଜର ବକ୍ଷଚିରି କିଛି କିଛି ରୁଧିର ବାହାର କରି ଗୋଟିଏ ମୃତ୍ତିକା ହାଣ୍ଡିରେ ପୂର୍ଣ୍ଣ କରି ସେ ଭାଣ୍ଡର ମୁଖକୁ ଉତ୍ତମ ରୂପେ ବନ୍ଦ କରି ଦୂତ ହସ୍ତରେ ପ୍ରଦାନ କରି କହିଲେ, ତୁମ୍ଭର ରାଜାଙ୍କୁ ଏହା ଦେଇଦେବ ଏବଂ କହିବ ଋଷିମାନେ ଏହି ଭାଣ୍ଡ ମଧ୍ୟରେ କର ଦେଇଛନ୍ତି। ତୁମ୍ଭେମାନେ ଯେବେ ଏହି ପାତ୍ରକୁ ପଥ ମଧ୍ୟରେ ନଷ୍ଟ କରିଦେବ, ତେବେ ତୁମ୍ଭମାନଙ୍କର ବଂଶ ସମୂଳେ ନଷ୍ଟ ହେବ। ଋଷିମାନଙ୍କର ବାକ୍ୟ ଶ୍ରବଣ କରି ଦୂତମାନେ ଭୟଭୀତ ହେଲେ, କିନ୍ତୁ ଅନ୍ୟ ଉପାୟ ନ ପାଇ ଯତ୍ନରେ ସେହି ମାଟି ହାଣ୍ଡିକୁ ନେଇ ରାବଣକୁ ପ୍ରଦାନ କଲେ। ରାବଣ ଋଷିମାନେ କଣ କର ଦେଇଛନ୍ତି ବୋଲି ଦେଖିବାକୁ ଉତ୍ସୁକ ହେବାରୁ ଦୂତମାନେ ଋଷିମାନଙ୍କ କଥା କହିଲେ। ରାବଣ ଜାଣିଲା ଯେ, ଏହା ଋଷି ମାନଙ୍କର ଅଭିଶମ୍ପାତ ଭାଣ୍ଡ। ଏହାକୁ ନିଜ ଦେଶରେ ରଖିବା ଉଚିତ୍ ନୁହେଁ। ଏହାକୁ କୌଣସି ଦୂର ଦେଶରେ ନେଇ ପୋତି ଦେବାକୁ ହେବ। ରାବଣ ହୃଦୟ କ୍ରୋଧରେ ଜଳିଯିବାକୁ ଲାଗିଲା। ଥରେ ରାବଣ ପ୍ରଭୁ ଶିବଶଙ୍କରଙ୍କର ସଭାସ୍ଥଳରେ ଜନକ ଋଷି ନିକଟରେ ସଂସ୍କୃତ ବାକ୍ୟରେ ହାରି ଯାଇଥିଲା। ତଦ୍ୱାରା ସେ ଲଜ୍ଜିତ ହୋଇଥିଲା। ତେଣୁ ସ୍ଥିରକଲା, ଏହି ଅଭିସମ୍ପାତ ପାତ୍ରକୁ ନେଇ ବିଦେହ ନଗର ମିଥିଳା ରାଜ୍ୟରେ ପୋତିଦେବାକୁ ହେବ। ତେଣୁ ସ୍ଥିର କଲା, ଏହି ଅଭିସମ୍ପାତ ପାତ୍ରକୁ ନେଇ ବିଦେହ ନଗର ମିଥିଳା ରାଜ୍ୟରେ ପୋତିଦେବାକୁ ହେବ। ରାବଣ ଏହିପରି ଭାବି ଦୂତକୁ କହିଲା, ଏହି ହାଣ୍ଡିକୁ ନେଇ ଉତ୍ତର ଦିଗକୁ ଯାଅ। ବିଦେହ ନଗର, ମିଥିଳା ରାଜ୍ୟରେ ଯେଉଁପରି କେହି ଜାଣି ନ ପାରିବେ, ସେହିପରି କୌଣସି ପ୍ରାନ୍ତର ମଧ୍ୟରେ ଏହାକୁ ଯତ୍ନରେ ପୋତି ଦେଇ ଆସିବ। ରାବଣ ମନରେ ଭାବିଥିଲା, ଏହି ଅଭିସମ୍ପାତ ହାଣ୍ଡି ଯେଉଁ ସ୍ଥାନରେ ରହିବ ସେହି ସ୍ଥାନରେ ଯେଉଁ ରାଜା ଥିବେ ତାଙ୍କର କ୍ଷତିକାରକ ହେବ। କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର। ଏହି ଋଷିଙ୍କର ରୁଧିରଭାଣ୍ଡ ବିଷୟରେ ଆଉଏକ ରାମାୟଣରେ ଏହି ପ୍ରକାର ଅଛି ଯେ, ସେହି ଭାଣ୍ଡକୁ ରାବଣ ନିଜେ ନେଇ ମନ୍ଦୋଦରୀକୁ ଦେଇଥିଲା ଏବଂ କହିଥିଲା, ହେ ପାଟରାଣୀ ! ଏହି ହାଣ୍ଡିକୁ ଯତ୍ନରେ ରଖ। ମନ୍ଦୋଦରୀ ଏଥିରେ କ'ଣ ଅଛି ଜିଜ୍ଞାସ କରିବାରୁ ରାବଣ କହିଥିଲା, ଏହା ମଧ୍ୟରେ ହଳାହଳ ବିଷ ଅଛି। ଭୁଲ୍‌ରେ ଖୋଲିବ ନାହିଁ। ଏହା ବଂଶ ନାଶ କରିବ। ଦିନେ କୌଣସି କାରଣ ବଶତଃ ମୃତ୍ୟୁ ବରଣ କରିବା ପାଇଁ ରାଣୀ ମନ୍ଦୋଦରୀ ସେହି ଭାଣ୍ଡ ଖୋଲି ହାଣ୍ଡିରେ ଥିବା ରୁଧିରପାନ କଲେ । କିନ୍ତୁ ମୃତ୍ୟୁବରଣକରିବା ପୂର୍ବରୁ ଏକ କନ୍ୟା ସନ୍ତାନର ଜନନୀ ହେଲା।





# ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୫ରେ ଶତାୟୁ, ପି ଏମ୍ ଶ୍ରୀ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚବିଦ୍ୟାଳୟ, ଢେଙ୍କାନାଳର ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧନା

ଢେଙ୍କାନାଳ ୭/୫(ନି.ପ୍ର): ଚଳିତବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା- ୨୦୨୫ରେ ଶତାୟୁ,ପି.ଏମ୍.ଶ୍ରୀ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟ,ଢେଙ୍କାନାଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ଉପଲକ୍ଷେ ଏହି ବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ବେହେରା ମୋଟ୍ ୫୬୦ ନମ୍ବର୍ ଓ ୯୩.୩୩ ପ୍ରତିଶତ ନମ୍ବର୍ ହାସଲ କରି ବିଦ୍ୟାଳୟ ସ୍ତରରେ ଯଥାକ୍ରମେ ପ୍ରଥମ ଓ ଛାତ୍ର ସୌମ୍ୟ ପ୍ରିୟଦର୍ଶନ ମୋଟ୍ ୫୪୫ ନମ୍ବର୍ ଓ ଶତକଡ଼ା ୯୦.୮୩ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏ ୱାନ୍ ଗ୍ରେଡ୍ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ଉଭୟଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ବିଦ୍ୟାଳୟ କମନ୍ ରୁମ୍ ରେ ଉଭୟଙ୍କୁ ପୁଷ୍ପ ଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇ ଖୁସି ବ୍ୟକ୍ତ କରାଯାଇଥିଲା। ଓଡ଼ିଶା ରାଜ୍ୟର ପାସ୍ ହାର ଶତକଡ଼ା ୯୪.୯୩ ଓ ଢେଙ୍କାନାଳ ଜିଲ୍ଲାର ପାସ୍ ହାର ଶତକଡ଼ା ୯୩.୭୧ ହୋଇଥିବା ବେଳେ ଏହି ବିଦ୍ୟାଳୟର ପଞ୍ଜୀକରଣ କରି ପରୀକ୍ଷା ଦେଇଥିବା ମୋଟ ୧୯୧ ଜଣ ଛାତ୍ରୀ-ଛାତ୍ରଙ୍କ ମଧ୍ୟରୁ ମୋଟ ୧୭୯ ଜଣ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି ଓ ମୋଟ ପାସ୍ ହାର ଶତକଡ଼ା ୯୩.୭୧ ହୋଇପାରିଛି। ସେଥିମଧ୍ୟରୁ ଏ -ୱାନ୍ ଗ୍ରେଡ୍ ରେ ୦୨ ଜଣ,ଏ -ଟୁ ଗ୍ରେଡ୍ ରେ ୦୪ ଜଣ,ବି-ୱାନ୍ ଗ୍ରେଡ୍ ରେ ୧୩ ଜଣ,ବି -ଟୁ ଗ୍ରେଡ୍ ରେ ୩୬ ଜଣ,ସି - ଗ୍ରେଡ୍ ରେ ୫୧ ଜଣ, ଡି- ଗ୍ରେଡ୍ ରେ ୪୮ ଜଣ ଓ ଇ-ଗ୍ରେଡ୍ ରେ ୨୫ ଜଣ କୃତିତ୍ୱର ସହ ପାସ୍ କରିପାରିଛନ୍ତି। ସମସ୍ତ ଗ୍ରେଡ଼ଧାରୀ ଛାତ୍ରୀ -ଛାତ୍ରମାନେ ସମ୍ମିଳିତ ଭାବରେ ନିଜ ନିଜର ସଫଳତା ପାଇଁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ଅତିରିକ୍ତ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ,ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଡା.ଦେବୀ ପ୍ରସାଦ ମିଶ୍ର,ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଧାନଚାନ୍ଦ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ବୃନ୍ଦ,ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ବୃନ୍ଦ ଓ ନିଜ ନିଜର ପିତା ମାତା,ବନ୍ଧୁ ପରିଜନ ତଥା ଶୁଭେଚ୍ଛୁମାନଙ୍କୁ ଶ୍ରେୟ ଦେଇ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ବେହେରା ଉଲ୍ଲେଖନୀୟ ମୋଟ୍ ୫୬୦ ନମ୍ବର୍ ଓ ୯୩.୩୩ ପ୍ରତିଶତ ନମ୍ବର ରଖି ଏ -ୱାନ ଗ୍ରେଡ୍ ପାଇବା ସହ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିବା ସଙ୍ଗେ ସଙ୍ଗେ ସ୍ୱର୍ଗତ ବିମଳ କିଶୋର ମିଶ୍ର ସ୍ମାରକୀ ଶ୍ରେଷ୍ଠ ଛାତ୍ର,ଛାତ୍ରୀ ସମ୍ମାନରେ ୫୦୦୦ ଟ ଙ୍କ । ର ଅର୍ଥରାଶି,ମେମେଣ୍ଟୋ,ମେଡାଲ,ପୁରସ୍କାର ଭାବରେ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି। ସେ ଭବିଷ୍ୟତରେ ଡ଼ାକ୍ତର ହୋଇ ସମାଜ ସେବା କରିବାକୁ ଜୀବନରେ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି।ସେହିପରି ଛାତ୍ର ସୌମ୍ୟ ପ୍ରିୟଦର୍ଶନ ମୋଟ୍ ୫୪୫ ନମ୍ବର୍ ଓ ଶତକଡ଼ା ୯୦.୮୩ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି।ସେମାନେ ତାଙ୍କର ଏହି ସଫଳତା ପାଇଁ ବିଭୁକୃପା,ନିଜର କଠିନ ପରିଶ୍ରମ,ଦୃଢ଼ ଇଚ୍ଛାଶକ୍ତି,ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ,ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ନିଜର ମାତା,ପିତା ସମସ୍ତ ବନ୍ଧୁପରିଜନ ଓ ଶୁଭେଚ୍ଛୁମାନଙ୍କ ଉତ୍ସାହ ତଥା ପ୍ରେରଣା ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଦୃଢ଼ ମତପ୍ରକାଶ କରିଛନ୍ତି। ସେମାନେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଅନେକ ପୁରସ୍କାର ଲାଭକରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି।ନିଜର ଉତ୍ସର୍ଗୀକୃତ ଜୀବନରେ ଡାକ୍ତର ତଥା କମ୍ପ୍ୟୁଟର ଇଞ୍ଜିନିୟର ହୋଇ ସାମାଜର ସେବାରେ ନିଜକୁ ନିୟୋଜିତ କରିବାକୁ ଦୃଢ଼ ଆଶାପୋଷଣ କରିଛନ୍ତି।ଚିନ୍ମୟୀ ବେହେରା,ହେଉଛନ୍ତି ଆଠଗଡ଼,କଟକ ନିବାସୀ ପ୍ରତିମା ବେହେରା ଏବଂ ନାରାୟଣ ବେହେରାଙ୍କର ସଫଳ ସନ୍ତାନ।ସେହିପରି ଛାତ୍ର ସୌମ୍ୟ ପ୍ରିୟଦର୍ଶନ ହେଉଛନ୍ତି ଢେଙ୍କାନାଳ ବଉଳପୁର ଗ୍ରାମର ମାତା ବିଜୟରଶ୍ମି ଦାସ,ପିତା ନୀଳମାଧବ ଦାସଙ୍କ ସୁପୁତ୍ର।ସେ ଭବିଷ୍ୟତରେ କମ୍ପ୍ୟୁଟର ଇଞ୍ଜିନିୟର ହୋଇ ସମାଜର ସେବା କରିବାକୁ ଜୀବନରେ ଲକ୍ଷ୍ୟ ରଖିଛନ୍ତି।ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ଅତିରିକ୍ତ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ,ବରିଷ୍ଠ ଶିକ୍ଷକ ତଥା ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧାନଚାନ୍ଦ ମିଶ୍ର,ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଡା.ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ,କର୍ମଚାରୀବୃନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ,ସଦସ୍ୟା ଝରଣା ପାତ୍ର,ମୀନା ନାଏକ,ସୀମାରାଣୀ ସାହୁ,ପ୍ରଭାସିନୀ ସାହୁ,ବିଜୟଲକ୍ଷ୍ମୀ ଜେନା,ଲକ୍ଷ୍ମୀକାନ୍ତ ଜେନା,ଦିଲାବର ହୁସେନ,ବିରଞ୍ଚି ନାଏକ, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଡ଼ା.ଦେବୀ ପ୍ରସାଦ ମିଶ୍ର,ବରିଷ୍ଠ ଶିକ୍ଷକ ଧାନଚାନ୍ଦ ମିଶ୍ର,ସୁନିତାବାଳା ଷଡ଼ଙ୍ଗୀ,ସ୍ୱାଗତିକା ରଥ,ସୁଜାତା ପଣ୍ଡା,ଡ଼ଃ ଅନୁପମା ମିଶ୍ର,କିଶୋର ଚନ୍ଦ୍ର ସାମଲ, କିରଣମୟୀ ମାହାଲିକ,ଦିପ୍ତୀଶ କୁମାର ଶତପଥୀ,କଲ୍ୟାଣୀ ବଡ଼ଜେନା, ସ୍ମିତିସୁଧା ଜେନା,ସୁଚିତ୍ରା ସାହୁ,କିରଣ କଣ୍ଟା,ଭୂପେନ୍ଦ୍ର ସିଂ ମାଝୀ,ଅନୁପମା ପଣ୍ଡା,ସୁନିତା ନାଥ,କ୍ଷୀରାବଧିତନୟା ମହାପାତ୍ର,ସ୍ମିତା ପଟ୍ଟନାୟକ,ଅନିତା ସାହୁ,ଶୁଭଶ୍ରୀ ଦେବସ୍ମିତା ରାଉତ,ସୁଜିତ କୁମାର ବାରା,ସୁଦର୍ଶନ ସାହୁ,ବାସୁଦେବ ରଣା, ମମତା ବେହେରା,ରୁଦ୍ରାକ୍ଷ ଗଡନାୟକ,ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀ ବୃନ୍ଦଙ୍କ ସମେତ ସମସ୍ତ ଅଭିଭାବିକା, ଅଭିଭାବକମାନେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀ,ଛାତ୍ରମାନଙ୍କୁ ଅନେକ ଅନେକ ଶୁଭ ଅଭିନନ୍ଦନ,ଢେର୍ ସାରା ଶୁଭେଚ୍ଛା ଓ ଅଜସ୍ର ଶୁଭକାମନା ତଥା ଶୁଭ ଆଶୀର୍ବାଦ ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

# ଆମ୍ବ ଖାଇ ରୋଗକୁ ଆମନ୍ତ୍ରଣ କରୁଛନ୍ତି ଜନସାଧାରଣ

## କ୍ୟାଲସିୟମ କାର୍ବାଇଡ ଦେଇ ଆମ୍ବକୁ ପାଚିଲା କରାଯାଉଛି

ହିଞ୍ଜିଳିକାଟୁ,୭/୫(ନି.ପ୍ର): ବଜାରରେ ବର୍ତ୍ତମାନ ବିଭିନ୍ନ କିସମର ଆମ୍ବ ବହୁଳ ମାତ୍ରାରେ ବିକ୍ରି ଚାଲିଛି । ଦୈନିକ ହଜାର ହଜାର ଟଙ୍କାର ଆମ୍ବ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ସମ୍ପ୍ରତି ଆମ୍ବ ସିଜନ୍ ଚାଲିଥିବାରୁ ଦର ଯେତିକି ଅଧିକ ହେଲେ ମଧ୍ୟ ଆମ୍ବ ନହେଲେ ପାଟିକୁ ଖାଦ୍ୟ ରୁଚୁନି ।ବଜାରରୁ ଫେରିଲା ବେଳକୁ ବ୍ୟାଗରେ କିଛି ପନିପରିବା ସହ ପ୍ରାୟତଃ ଆମ୍ବ ରହିଥିବା ଦେଖିବାକୁ ମିଳୁଛି । ହେଲେ ପାଟିକୁ ସୁସ୍ୱାଦ ଲାଗିବା ପାଇଁ ଅଣାଯାଇଥିବା ଏହି ଆମ୍ବ ଶରୀର ପାଇଁ କେତେ ହିତକର କି ନୁହେଁ ତାହା ଜାଣିବା ପାଇଁ ସମୟ ନଥାଏ । ଆମ୍ବ ଏପରି ଏକ ଫଳ ଯାହା ଉଭୟ କଞ୍ଚା ଓ ପାଚିଲାରେ ଖାଇ ହୁଏ । କିନ୍ତୁ ଯେଉଁ କଞ୍ଚା ଆମ୍ବ ବଜାରରୁ କ୍ରୟ କରି ଅଣାଯାଇଛି, ସେଥିରୁ କ୍ୟାନସର ଭଳି ରୋଗକୁ ଆମନ୍ତ୍ରଣ କରାଯାଉଛି ବୋଲି ଅଧିକାଂଶ ଜାଣିନାହାନ୍ତି । ଯେଉଁ ଆମ୍ବ ଗଛରେ ରହିଲେ କିମ୍ବା ତୋଳା ହେବାର କିଛି ଦିନ ମଧ୍ୟରେ ପାଚିବା କଥା, ସେହି ଆମ୍ବ କଞ୍ଚା ଅବସ୍ଥାରେ ତୋଳି କ୍ୟାଲସିୟମ କାର୍ବାଇଟ ଦେଇ ପଚାଇ ଦିଆଯାଉଥିବା ଦେଖିବାକୁ ମିଳୁଛି । ଫଳରେ ଆମ୍ବର ଉପର ଅଂଶରୁ ପାଚିଲା ଭଳି ଦେଖାଯାଉଥିବା ଏହି ଆମ୍ବ ଗୁଡ଼ିକ ପାଟିକୁ ସୁସ୍ୱାଦ ଲାଗୁଛି, ଆଉ ଶରୀର ପାଇଁ କ୍ଷତିକାରକ ସାଜୁଛି । ସ୍ୱାସ୍ଥ୍ୟ ପାଇଁ କେଉଁ ଫଳ ହିତକର ଏବଂ କେଉଁ ଫଳ ଅହିତକର ତାହା ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉନାହିଁ । ବଜାରରେ ବିକ୍ରି ହେଉଥିବା ଆମ୍ବ ସଂକ୍ରାନ୍ତରେ ଜୈନିକ ବିଶେଷଜ୍ଞ ଡ଼ାକ୍ତରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଆମ୍ବ ଖାଇବାର ଯଦି ଅଛି ତେବେ ଗଛରେ ପାଚିଥିବା ଆମ୍ବ ଖାଅ । କାର୍ବାଇଟ ଦିଆ ଆମ୍ବ ଖାଅନି କି ରୋଗକୁ ଆମନ୍ତ୍ରଣ କରନି । କ୍ୟାଲସିୟମ କାର୍ବାଇଟରୁ ଏସିଟିଲିନ ଗ୍ୟାସ ବାହାରୁଥିବାରୁ ଏହାକୁ ବ୍ୟବହାର କରି ଯେଉଁ ଫଳ ପଚାଯାଏ, ସେହି ଫଳରେ ଏହି ଗ୍ୟାସ ରହିଥାଏ । ଏହାକୁ ଖାଇଲେ କ୍ୟାନସର, ଥାଇରଡ଼୍ ?, ପାଟି ଭିତରେ ଘା, ଏଲର୍ଜି ପ୍ରଭୃତି ରୋଗ ଦେଖାଦେଇଥାଏ । ଏପରିକି ବୃଦ୍ଧ ଲୋକଙ୍କ ଶରୀରରେ ଆଜମା ଭଳି ରୋଗ ରୋଗ ଦେଇଥାଏ । କେବଳ ଆମ୍ବ ନୁହେଁ କଦଳୀ, ସେଓ, ସପୁରୀ, ପଣସ, ଖଜୁରୀ ତଥା ବଜାରରେ ମିଳୁଥିବା ପ୍ରାୟ ଅଧିକାଂଶ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର ହେଉଥିବବା ଅଭିଯୋଗ ହେଉଛି । ହିଞ୍ଜିଳିକାଟୁ ଏବଂ ଏହାର ଆଖପାଖ ଅଞ୍ଚଳର ବଜାରରେ ମିଳୁଥିବା ଆମ୍ବ ଠାରୁ ଆରମ୍ଭ କରି ଅନ୍ୟାନ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର କରାଯାଉଛି କି ନାହିଁ ତାହାର ଏକ ଯାଞ୍ଚ କରିବା ସାମ୍ପ୍ରତିକ ପରିସ୍ଥିତିରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛିବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

## ଅବକାରୀ ବିଭାଗ ଦ୍ୱାରା ହାତ ରନ୍ଧା ମଦ ଓ ମହୁଲ ପୋଚ ଜବତ

ଭବାନୀପାଟଣା ୭/୫(ନି.ପ୍ର): କଳାହାଣ୍ଡି ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକଙ୍କ ନିର୍ଦ୍ଦେଶ କ୍ରମେ ଲାଞ୍ଜିଗଡ଼ ବ୍ଲକ ରେତ ଡେମ ନିକଟ ହାତୀ ମୁଣ୍ଡା ଗ୍ରାମରେ ବେନିୟମ ଭାବେ ରନ୍ଧା ମଦ ଚାଲିଥିବା ଖବର ପାଇ ଅବକାରୀ ଟିମ ଚଢାଉ କରିଥିଲେ। ଭବାନୀପାଟଣା ଅବକାରୀ ଭାରପ୍ରାପ୍ତ ଅଧିକାରୀ ତିଲକ ରାମ ନାଏକଙ୍କ ନେତୃତ୍ୱରେ ପ୍ରଦ୍ୟୁମ୍ନ ନାଏକ, ଅଶୋକ କୁମାର ପ୍ରଧାନ, ଅମରେନ୍ଦ୍ର ମାଝୀ, ସାମୁଏଲ ଆଚାର୍ଯ୍ୟ, କିଶାନ ଗଉଡ, ମହାଦେବ ମାଝୀ, ଓ ରାଜ କୁମାରୀ ଶବର ପ୍ରମୁଖ ହାତୀ ମୁଣ୍ଡା ଗ୍ରାମରେ ଚଢାଉ କରି ୧୫୦ ଗୋଟି ପ୍ଲାଷ୍ଟିକ ଡ୍ରମ୍ ଠାରେ ମହୁଲ ପୋଚ ୮୫୦୦ କେଜି ଓ ୪୦୦ ଲିଟର ହାତ ରନ୍ଧା ମଦ ଜବତ କରି ନଷ୍ଟ କରା ଯାଇ ଥିବା ଜଣା ଯାଇଛି। ଅବକାରୀ ଟିମ କୁ ଦେଖି ମଦ ମାଫିଆ ଫେରାର ମାରିଥିଲେ ।

# ଲକ୍ଷ୍ମୀନୃସିଂହ ଯାତ୍ରା ସକାଶେ ପ୍ରସ୍ତୁତି ବୈଠକ



ହିଞ୍ଜିଳିକାଟୁ ୭/୫(ନି.ପ୍ର): ଆସନ୍ତା ୧୧ ତାରିଖ ଠାରୁ ହିଞ୍ଜିଳିକାଟୁ ପ୍ରସିଦ୍ଧ ତଥା ସହରର ଇଷ୍ଟଦେବ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତ୍ରିଦିନାତ୍ମକ ଯାତ୍ରା ଉତ୍ସବ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ତହସିଲଦାର ତପନ କୁମାର ମହାପାତ୍ର, ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ, ହିଞ୍ଜିଳି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠି ମଞ୍ଚାସିନ ଥିଲେ । ଯାତ୍ରାର ୩ ଦିନ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱାରୋପ କରାଯାଇ ପ୍ରତ୍ୟେକ ସାହିବସ୍ତିକୁ ସ୍ୱଚ୍ଛ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ,ପରିମଳ, ୱାଟକୋ ଉପଖଣ୍ଡ ବିଭାଗ ପକ୍ଷରୁ ସହରବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ନକରିବା, ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ଯାତ୍ରା ୩ଦିନ ସହରର ସମସ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ଉପରେ ଆଲୋଚନା ହୋଇଥିଲା । ହିଞ୍ଜିଳିକାଟୁ ସହରର ଇଷ୍ଟଦେବ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ଯାତ୍ରାସୋବ ବାଣ ଯାତ୍ରା ସକାଶେ ପ୍ରସିଦ୍ଧ ଲାଭ କରିଥିବା ବେଳେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଧିକାରୀ କିମ୍ବା କୌଣସି କର୍ମଚାରୀ ଉପସ୍ଥିତ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡ଼ାକ୍ତର ସ୍ୱୟଂଭୁ ରାୟ ,ବିଦ୍ୟୁତ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ ସାମଲ, ଅବକାରୀ ବିଭାଗ ପକ୍ଷରୁ ଏଏସଆଇ ସୁଶାନ୍ତ କୁମାର ବେହେରା, କାଉନସିଲର ଗୋପବନ୍ଧୁ ବେହେରା, ବସନ୍ତ ବେହେରା , ଗୋପବନ୍ଧୁ ବେହେରା, ଅମୁଲ୍ୟ ସାହୁ ଭିକା ବେହେରା, କେଉଟ ସାହି ଯାତ୍ରା କମିଟି ପକ୍ଷରୁ ପ୍ରମୋଦ ବେହେରା, ବିକ୍ରମ ବେହେରା, ହିମାଂଶୁ ବେହେରା, ସୁଶାନ୍ତ ବେହେରା, ଘନଶ୍ୟାମ ବେହେରା, ବିକ୍ରମ ବେହେରା, ରଙ୍ଗୁଣୀ ସାହି ପକ୍ଷରୁ ଅଧିକାରୀ ବଂଶୀଧର ସାହୁ, ପର୍ଶୁରାମ ସାହୁ, ଶରତ ଚନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ଦିଲ୍ଲିପ ବୈଠାରୁ, ପାଟଣା ସାହି ପକ୍ଷରୁ ବିଶ୍ୱମ୍ୱର ସାହୁଙ୍କ ସମେତ ବହୁ ଯାତ୍ରାପ୍ରେମୀ ଉପସ୍ଥିତ ଥିଲେ।

## ଗୁଣପୁର ଶିକ୍ଷକ ସଂଘ ତରଫରୁ ସହାୟତା



ଗୁଣପୁର ୭/୫(ନି.ପ୍ର):ଆଜି ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ହିସାବ ରକ୍ଷକ ତଥା ସହାୟକ ଭାବେ କାର୍ଯ୍ୟରତ ଠିକା କର୍ମଚାରୀ ଶ୍ରୀ କେ. କିଶୋର ରାଓଙ୍କ ଦେହାନ୍ତ ଗତ ତା ୨୫-୦୪-୨୦୨୫ ରିଖରେ ଘଟିଥିଲା । ସେ ନିଜ ପରିବାରକୁ ସ୍ୱଳ୍ପ ବେତନରେ ଚଳାଇ ଆସୁଥିଲେ । ଏହି ଦୁଃଖଦ ଅବସରରେ, ଗୁଣପୁର ଶିକ୍ଷକ ସଂଘ ପକ୍ଷରୁ ?୧,୨୨,୦୦୦/- (ଏକ ଲକ୍ଷ ବାଇଶି ହଜାର) ଅର୍ଥ ସହାୟତା ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାମଚନ୍ଦ୍ର ନାହାକ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭଜନଲାଲ ମାଝୀଙ୍କ ଦ୍ୱାରା ଶ୍ରୀ କିଶୋର ରାଓଙ୍କ ଦ୍ୱାଦଶ କର୍ମ ଅବସରରେ ତାଙ୍କ ପରିବାରକୁ ପ୍ରଦାନ କରାଯାଇଛି । ଏହା ସହିତ, ଗୁଣପୁର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀମତୀ ଲକ୍ଷ୍ମୀ ବେହେରା ମଧ୍ୟ ୧୦୦୦୦ (ଦଶ ହଜାର) ଅର୍ଥ ସହାୟତା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗୁଣପୁର ଶିକ୍ଷକ ସଂଘ ସଭାପତି ଶ୍ରୀ ଶିବ ପ୍ରସାଦ ମହାପାତ୍ର, ଶ୍ରୀ ସଂଜୀବ ପଟ୍ଟନାୟକ, ଶ୍ରୀ ଆର୍ତ୍ତତ୍ରାଣ ରଥ ଓ ରାୟଗଡ଼ା ଶିକ୍ଷକ ନେତା ଶ୍ରୀ ସୁରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ

ପୋଲସରା/ବୁଗୁଡା ୭/୫(ନି.ପ୍ର): ପୋଲସରା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବୁଗୁଡା ବ୍ଲକ ଓ ପୋଲସରା ବ୍ଲକର ତିନି ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଜନସାଧାରଣଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିବା ଜଣାପଡିଛି। ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ଗ୍ରାମର ରୁନା ପାତ୍ର(୪୫)ଙ୍କ ଆକସ୍ମିକ ମୃତ୍ୟୁ ବରଣ ଖବର ପାଇ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମଇ ୧ ତାରିଖ ଦିନ ମୃତକଙ୍କ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସେହିପରି ପୋଲସରା ବ୍ଲକ ଅନ୍ତର୍ଗତ ଖଣ୍ଡୁରୁ ଗ୍ରାମର କାହ୍ନୁ ବେହେରା(୩୫) ସୁରଥରେ ଶ୍ରମିକ ଭାବେ କାଯ୍ୟ କରୁଥିବା ସମୟରେ ଆକସ୍ମିକ ମୃତ୍ୟୁ ବରଣ କରିଥିବା ଖବର ପାଇ ପୂର୍ବତନ ମନ୍ତ୍ରୀ ଶ୍ରୀସାହୁ ମୃତକଙ୍କ ବାସଭବନକୁ ମଇ ୨ ତାରିଖ ଦିନ ଯାଇ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମଇ ୬ ତାରିଖ ଦିନ ପୋଲସରା ବ୍ଲକର ମନ୍ଦାର ଗ୍ରାମର ସିଙ୍କୁଲା ମଳିକ ଆକସ୍ମିକ ମୃତ୍ୟୁ ବରଣ କରିଥିବା ଖବର ପାଇ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୃତକଙ୍କ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀ ସାହୁ ଗ୍ରାମର ଜନସାଧାରଣଙ୍କୁ ଭେଟି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରି ଜନସମ୍ପର୍କ ଜାରୀରଖିଛନ୍ତି।

# ହିନ୍ଦୋଳରେ ମେଗାଜଳ ପ୍ରକଳ୍ପରେ ଅନିୟମିତତା

## ରାସ୍ତାପାର୍ଶ୍ୱ ଖୋଳି ଠିକାଦାର ଛୁ ଦୁର୍ଘଟଣା ଘଟିବା ଆଶଙ୍କା

ଓଡ଼ପଡ଼ା/ହିନ୍ଦୋଳ ୭/୫(ନି.ପ୍ର): ବ୍ରାହ୍ମଣିନଦୀରୁ ପ୍ରତ୍ୟେକ ପଂଚାୟତକୁ ହାତପାହାନ୍ତାରେ ପାନୀୟଜଳ ପାଇବାପାଇଁ ଗତ୨୦୨୨ମସିହାରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳନିର୍ବାଚନ ମଣ୍ଡଳୀ(ହିନ୍ଦୋଳ ଓ ଓଡାପଡା ବ୍ଲକ)ପାଇଁ ତତ୍କାଳୀନ ରାଜ୍ୟସରକାର କରିଥିବା ଛ'ଶହ କୋଟିଟଙ୍କାର ମେଗାପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସେହିଦିନଠାରୁ ଚାଲୁରହିଛି ।ବ୍ରହ୍ମଣି ନଦୀର ମେନ ଷ୍ଟ୍ରଟରରୁ ଭାୟା ଗୌଡ଼କାଟେଣୀ ଦେଇ ଗୁଡ଼ିଆକାଟେଣୀ-ହିନ୍ଦୋଳସଦର ମୁଖ୍ୟରାସ୍ତା ଦେଇ ରାସ୍ତାପାର୍ଶ୍ୱ ଖୋଳାଯାଇ ଏହି ପାଇପଲାଇନ ଆସୁଅଛି ଏବଂ ସାତମାଇଲ ଛକ ନିକଟରେ ପାଣି ଷ୍ଟୋରେଜପାଇଁ ଏକଲକ୍ଷନିୟୁତ ମିଲିଲିଟରର ଏକ ପାଣି ଟାଙ୍କି ନିର୍ମାଣାଧୀନ ଅଛି ।ତେବେ ପିଡ଼ବ୍ଲୁଡ଼ି ରାସ୍ତାର ପାର୍ଶ୍ୱ ଖୋଳିଦେଇ ସଠିକଭାବରେ ଏହା ମାଟିଫିଲପ ନକରି କଂକ୍ରିଟରେ ମରାମତି କରାଯାଉନାହିଁ, କେତେକାଂଶ ସ୍ଥାନରେ ଉପରେଉପରେ ମଧ ପାଇପ ବିଛାଇ ଦିଆଯାଉଛି ଏବଂ ଏସବୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେବାସହ ବିପଦପୂର୍ଣ୍ଣ ଭାବରେ ଛାଡିଦେଇ ଠିକାଦାର ଛୁ ମାରୁଛନ୍ତି ଏବଂ ସାତମାଇଲ ନିକଟରେ ହେଉଥିବା ପାଣିଟାଙ୍କି କାର୍ଯ୍ୟ ମଧ ନିମ୍ନମାନର ଏଥିରେ ଉପଯୁକ୍ତ ପରିମାଣରେ ବାଲି, ସିମେଣ୍ଟ, ଚିପ୍ସ, ରଡ଼ ଇତ୍ୟାଦି ବ୍ୟବହୃତ ହେଉନଥିବା ଜଣାପଡୁଛି ।ନିକଟରେ ହିନ୍ଦୋଳ-ଗୁଡ଼ିଆ ରାସ୍ତା ୩୯କୋଟି ବ୍ୟୟବରାଦରେ ମରାମତି ହୋଇଥିବାରୁ ରାସ୍ତାପାର୍ଶ୍ୱ ସବୁ ଖରାପ ହୋଇଯାଇ ପଥଚାରି, ଛୋଟବଡ଼ ଗାଡି ଓ ଗୃହପାଳିତ ପଶୁଙ୍କ ପାଇଁ ବିପଦ ସୃଷ୍ଟି କରିବାସହ ଛୋଟବଡ଼ ଦୁର୍ଘଟଣାର ଆଶଙ୍କା ମଧ ରହିଅଛି।ତେବେ ସମ୍ପୃକ୍ତ ଠିକାଦାରଙ୍କ ମୁଣ୍ଡରେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ହାତ ରହିଥିବା ଓ ମୋଟାଅଙ୍କରେ ତାଙ୍କ ପକେଟ ଗରମ ହେଉଥିବାରୁ ଆଗକୁ ଏହି ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ମେଗାପାନୀୟଜଳ ପ୍ରକଳ୍ପ ବିଭାଗୀୟ ଏକଜ୍ୟୁକେଟିଭ ଇଞ୍ଜିନିଅର,ଏସଡ଼ିଓ,ଜେଇ ମାନେ ଏସବୁ ଦେଖି ନଜାଣିଲା ପରି ଆଖିବୁଜିଦେବା ଜନସାଧାରଣଙ୍କ ମନରେ ଆହୁରି ସନ୍ଦେହ ଦ୍ୱିଗୁଣିତ କରିବାସହ ତୁରନ୍ତ ଖୋଳାଯାଇଥିବା ରାସ୍ତା ପାର୍ଶ୍ୱ ଉଚିତମାନରେ ମରାମତି କରାଯିବା ନିମନ୍ତେ ଅଞ୍ଚଳବାସି ଦାବି କରିଛନ୍ତି।



# ସାଲେପୁର- ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ପାଇଁ ଦାବି



ମାହାଙ୍ଗା ୭/୫(ନି.ପ୍ର):ସାଲେପର- ଛତିଆ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ସମୟରେ ସାଲେପୁରଠାରୁ ଖନ୍ଦୋଳ ଓସ୍ତମୂଳ ଛକ ପର୍ଯ୍ୟନ୍ତ ମୋଟ ୨୩୧ ଗୋଟି ଗଛ ରାସ୍ତାକଡରେ ରହିଥିଲା । ୨୩୧ ଟି ଗଛଗୁଡିକୁ କାଟିବା ପାଇଁ ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ୨୨୧ ଟି ଗଛ କଟାଯାଇଛି ଓ ୧୦ ଟି ଗଛକଟାଯାଇ ନାହିଁ । ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଗଛ କାଟିବା ପାଇଁ ଡି.ଏମ୍. ଓଡିଶା ବନ ଉନ୍ନୟନ ନିଗମ ଖପୁରିଆଙ୍କୁ ଅଧିକୃତ କରାଯାଇଥିଲା । ଗଛ କାଟିବା ପାଇଁ ପୂର୍ତ୍ତ ବିଭାଗ ତରଫରୁ ସାଲେପୁର ତହସିଲ ପକ୍ଷରୁ ଜ୍ଞାପକ ସଂଖ୍ୟା ୨୮୫, ତା. ୯.୧.୨୦୨୪ ରିଖରେ ଅବଗତ କରାଯାଇଥିବା ବନା□ଳ ଅଧିକାରୀ କଟକ ଜ୍ଞାପକ ସଂଖ୍ୟା ୧୨୪୩, ତା.୨୧.୦୯.୨୦୨୪ ରିଖରେ ପ୍ରଦାନ ସୂଚନା ତଥ୍ୟରୁ ଜଣାପଡିଥିଲା । ସେହିପରି ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କାର୍ଯ୍ୟାଳୟ କଟକ ବନଖଣ୍ଡ ମେମୋ ନଂ ୮୧୭୪, ତା.୨.୯.୨୦୨୪ ରିଖରେ ପ୍ରଦାନ ସୂଚନା ତଥ୍ୟରେ ମାହାଙ୍ଗା ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା ଖନ୍ଦୋଳ-ଓସ୍ତମୂଳ ଛକଠାରୁ କଇଥା ଚମ୍ପାପୁର ପର୍ଯ୍ୟନ୍ତ ପର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତକରଣ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମୋଟ ୧୨୩୪ ଟି ଗଛ ରହିଥିଲା । ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୨୩୪ ଟି ଗଛ କଟାଯିବା ପାଇଁ ଚିହ୍ନଟ ହୋଇଥିଲା । ସେଥି ମଧ୍ୟରୁ ୧୨୧୫ ଟି ଗଛ କଟାଯାଇଥିଲା ବେଳେ ୧୯ ଟି ଗଛ କଟାଯାଇ ନାହିଁ । ଏଠାରେ ପ୍ରଶ୍ନ ଉଠୁଛି ଯେ ରାସ୍ତା ପ୍ରଶସ୍ତୀକରଣ ନାମରେ ବ୍ୟାପକ ଗଛ କଟାଯାଇଥିଲା । ଏହି ଗଛ ଗୁଡିକ ନିଲାମ କରାଯାଇଛି କି ନାହିଁ ସେ ନେଇ ସୂଚନା ତଥ୍ୟ ମିଳିନଥିଲା ବେଳେ ବର୍ଷାଦିନ ପୂର୍ବରୁ ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରାଯିବା ନିମନ୍ତେ ମାହାଙ୍ଗା ଅଂଚଳର ପତ୍ରକାର ତଥା ବୃକ୍ଷପ୍ରେମୀ ବିବେକାନନ୍ଦ ଦାସ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।

## ନବ ନିଯୁକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଚିକିଟୀ ଙ୍କୁ ସମ୍ବର୍ଧନା

ଚିକିଟୀ ୭/୫(ନି.ପ୍ର):: ଏହି ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ସଂଘ (ଏନ ପି ଏସ ) ତରଫରୁ ନବ ନିଯୁକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ପନାଗ ଭୂଷଣ ମାଝୀ ମହୋଦୟ ଙ୍କୁ ଚିକିଟୀ ଗୋଷ୍ଠୀ କାର୍ଯ୍ୟାଳୟ, ଠାରେ ସ୍ୱାଗତ ସମ୍ବୋର୍ଦ୍ଧନା ଜ୍ଞାପନ କରାଯାଇଛି ।ଉକ୍ତ ଉତ୍ସବ ରେ ସଙ୍ଘ ସଭାପତି ଶ୍ରୀ ତ୍ରିଲୋଚନ ପ୍ରଧାନ,ଉପ ସଭାପତି ଜଗନ୍ନାଥ ରାଓ ସମ୍ପାଦକ ରଞ୍ଜନ ବ୍ରହ୍ମା, କୋଷାଧକ୍ଷ ରାଜ କିଶୋର ପଣ୍ଡା, ଶିକ୍ଷକ ଗଙ୍ଗାଧର ସାହୁ ଅର୍ଜୁନ ପାତ୍ର ଙ୍କ ସମେତ ଏକ୍ସ କାଡର ଶିକ୍ଷକ ସଂଘ ସଭାପତି ଶ୍ରୀ ଅଭିମନ୍ୟୁ ପ୍ରଧାନ, ଉପଦେଷ୍ଟା ଏସ. ଲୋକନାଥ, ଜି.ବାଇଲୁଡୁ, ନିରଞ୍ଜନ ସେଠୀ, ପୁଷ୍ପମଞ୍ଜରୀ ପଣ୍ଡା, ସି ଆର ସିସି ଅମର ସାହୁ, ଏନ. ଆପନା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ସମ୍ବୋର୍ଦ୍ଧନା ଉତ୍ସବ କୁ ରୁଦ୍ଧିମନ୍ତ କରିଥିଲେ ।

## ଆକାଶବାଣୀ କଟକର ପୂର୍ବତନ ନିର୍ଦ୍ଦେଶକ ରମାପଦ ନନ୍ଦଙ୍କ ବିୟୋଗ

ମାହାଙ୍ଗା ୭/୫(ନି.ପ୍ର):ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ରମାପଦ ନନ୍ଦଙ୍କ ପରଲୋକ ହୋଇଛି । ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡୀତ ଥାଇ ଚିକିତ୍ସିତ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ନନ୍ଦ ୭୦ ଦଶକରେ ଆକାଶବାଣୀ କଟକର ଲୋକପ୍ରିୟ ଯୁବବାଣୀ କାର୍ଯ୍ୟକ୍ରମ ଉପସ୍ଥାପନା ଓ ପରିଚାଳନା କରି ଲୋକପ୍ରିୟତା ଅର୍ଜନ କରିଥିଲେ । ପରେ ସେ ଆକାଶବାଣୀର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ବେତାର ନାଟକ ଓ ଅନ୍ୟାନ୍ୟ ରେଡିଓ କାର୍ଯ୍ୟକ୍ରମ ପରିଚାଳନା, ସଂଯୋଜନା କରିବା ସହ ପ୍ରସ୍ତୁତ କରୁଥିଲେ । ପୁରୀ ସ୍ୱର୍ଗ ଦ୍ୱାରରେ ସ୍ୱର୍ଗତ ନନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ବିୟୋଗରେ ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ପଂଚାୟତ ମାରଡା ଗ୍ରାମ ତଥା ଓଡିଶା କୋଣ ଅନୁକୋଣରେ ଥିବା ଆକାବାଣୀ ସ୍ରୋତ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ଅଭୟ ଜେନା, ରତ୍ନାକର ବାରିକ, ପ୍ରଫୁଲ୍ଲ ମହାପାତ୍ର, ଅକ୍ଷୟ ଦାଶ, ଶିକ୍ଷାବିତ୍ ବିଷ୍ଣୁ ଚରଣ ମିଶ୍ର, ପୁତୁରା ରୋମିଓକାନ୍ତ ନନ୍ଦ, ରଶ୍ମିକାନ୍ତ ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ଜଳଛତ୍ର ଖୋଲିବା ପାଇଁ ହୋଇଥିବା ଅଭିଯୋଗ ପରେ ବିଡିଓଙ୍କ କାର୍ଯ୍ୟାନୁଷ୍ଠାନ

ମାହାଙ୍ଗା ୭.୫: ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମାହାଙ୍ଗା ଅଂଚଳରେ ଜଳଛତ୍ର ଖୋଲାଯାଉନଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମାହାଙ୍ଗା ଅଂଚଳର ବିକ୍ରମ କେଶରୀ ନାଥ ଜନଶୁଣାଣୀ ପୋର୍ଟାଲର କ୍ରମିକ ସଂଖ୍ୟା ସିଏସ୍ ୨୦୨୫୧୧୬୧୯୬୧ ରେ, ତା. ୧୬.୦୪.୨୦୨୫ ରିଖରେ ଅଭିଯୋଗ କରିଥିଲେ । ଏସଂପର୍କରେ ମାହାଙ୍ଗା ବ୍ଲକ ବିଡିଓଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପଂଚାୟତ ସମିତି କାର୍ଯ୍ୟାଳୟ ମାହାଙ୍ଗା ପତ୍ର ସଂଖ୍ୟା ୪୩୩୫, ତା. ୨୮.୦୪.୨୦୨୫ ରିଖରେ ଅଭିଯୋଗର ତଦନ୍ତ କରି ସମସ୍ତ ପଂଚାୟତ ନିର୍ବାହୀ ଅଧିକାରୀ ଓ ମାହାଙ୍ଗା ସିଡିପିଓଙ୍କୁ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏହାର ଏକକିତା ନକଲ ମଧ ପରିପତ୍ର ସଂଖ୍ୟା ୪୩୩୬, ତା.୨୮.୦୪.୨୦୨୫ ରିଖରେ ଜିଲ୍ଲାପାଳ କଟକଙ୍କୁ ବ୍ଲକ ବିଡିଓଙ୍କ ତରଫରୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଅପରପକ୍ଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବା ସମୟରେ ମାହାଙ୍ଗା ବ୍ଲକର ୩୭ ଗୋଟି ପଂଚାୟତର ବିଭିନ୍ନ ରାଜସ୍ୱ ଗ୍ରାମରେ ଥିବା ଗାଁ କଲ୍ୟାଣ ସମିତି ତରଫରୁ ଏପର୍ଯ୍ୟନ୍ତ କୌଣସିଠାରେ ଏହାର ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀମାନେ ଜଳଛତ୍ର ଖୋଲିନଥିବା ସାଧାରଣରେ ଅଭିଯୋଗ ହେଉଛି ।

# ବିଏସଏନଏଲ ନେଟୱାର୍କ ସେବା ବ୍ୟାହତ

ହିଞ୍ଜିଳିକାଟୁ, ୭/୫(ନି.ପ୍ର): ବର୍ତ୍ତମାନ ବିଭିନ୍ନ ମୋବାଇଲ କମ୍ପାନୀକୁ ନେଇ ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦିତା ଲାଗି ରହିଥିବା ବେଳେ ବିଏସଏନଏଲ ବ୍ରଡବ୍ୟାଣ୍ଡ ଓ ୩ ଜି ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଏହାର ତୃଟି ସୁଧାରିବା ପାଇଁ କର୍ତ୍ତୃପକ୍ଷ କୌଣସି ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁନଥିବାରୁ ବହୁ ଉପଭୋକ୍ତା ବିଏସଏନଏଲ ସେବାରୁ ମୁହଁ ଫେରାଇ ନେଉଛନ୍ତି । କିଛି ମାସ ଧରି ହିଞ୍ଜିଳିକାଟୁ ଅଞ୍ଚଳରେ ନେଟୱାର୍କ ନଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ଜରୁରୀକାଳୀନ ସେବା କ୍ଷେତ୍ରରେ ଯୋଗାଯୋଗ ପାଇଁ ନାହିଁନଥିବା ସମସ୍ୟା ଉପୁଜୁଛି । ରୋଗୀଙ୍କ ସକାଶେ ଆବଶ୍ୟକ ପଡୁଥିବା ଆମ୍ବୁଲାନ୍ସ ସେବା ସକାଶେ ନିଶୁଳ୍କ ନଂ- ୧୦୮, ଗର୍ଭବତୀ ମହିଳା ଓ ୧ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇବା ପାଇଁ ୧୦୨, ନିଆଁ ଲିଭା କିମ୍ବା ଜରୁରୀକାଳୀନ ସେବାର ଆବଶ୍ୟକତା ପଡିଲେ ଅଗ୍ନିଶମ ବାହୀନି ସକାଶେ ୧୦୧ ଏବଂ ଗଣ୍ଡୋଗୋଳ, ଅପ୍ରିତିକାର ପରିସ୍ଥିତର ମୁକାବିଲା ସକାଶେ ପୋଲିସ ବାହୀନିର ସହାୟତା ସକାଶେ ନଂ- ୧୦୦ ସହ ଯୋଗାଯୋଗ କରିବା ପାଇଁ ବାରମ୍ବାର ଚେଷ୍ଟା କରାଯାଉଥିଲେ ମଧ ସମ୍ଭବପର ହୋଇ ପାରୁନାହିଁ । କିଛି ବ୍ୟକ୍ତି ବିଏସଏନଏଲ ସେବା ଉପରେ କ୍ଷୁବ୍ଧ ହୋଇ ଡିଜିଟାଲ ସେବା ବିଫଳ ବୋଲି କହିଛନ୍ତି । ବିଶେଷତଃ ବ୍ଲକ କାର୍ଯ୍ୟାଳୟ ଜରିଆରେ ଚାଲିଥିବା ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମୀଣ ଉନ୍ନୟନ ଯୋଜନା ଏକ ପ୍ରକାର ଅଚଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମାଷ୍ଟର ରୁଲ କାର୍ଯ୍ୟାବଳୀ ଓ ଜବ୍ କାର୍ଡ ସଂଯୋଜନା ହୋଇପାରୁନଥିବାରୁ କାମର ନିୟମିତ ସୂଚୀ ଦାଖଲ ସହ ଶ୍ରମଜୀବିଙ୍କ ବ୍ୟାଙ୍କ ଏକାଉଣ୍ଟକୁ ଟଙ୍କା ପଠାଇବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ପ୍ରତ୍ୟେକ ସପ୍ତାହରେ ଶ୍ରମଜୀବିଙ୍କୁ ସେମାନଙ୍କ ଜବ୍ କାର୍ଡ ଅନୁଯାୟୀ ଅର୍ଥ ପୈଠ କରିବାର ବିଧିବଦ୍ଧ ବ୍ୟବସ୍ଥା ଥିବା ବେଳେ ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ସ୍ଥାନୀୟ ବ୍ଲକର ବହୁ ଗ୍ରାମାଞ୍ଚଳରେ ବିଏସଏନଏଲ୍ ସେବା ବାରମ୍ବାର ବିଫଳ ଯୋଗୁଁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର କମ୍ପ୍ୟୁଟର ଏକ ପ୍ରକାର ଠପ୍ ହୋଇଯାଇଛି । ଯଦ୍ୱାରା ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ଘଟିଛି । ଶ୍ରମଜୀବିଙ୍କ ତେଲ ଲୁଣ ସଂସାର ବର୍ତ୍ତମାନ ଯନ୍ତ୍ରଣାଦାୟକ ମନେହେଉଛି । ବର୍ତ୍ତମାନ ପରିସ୍ଥିତିରେ ସରକାର କାଗଜ କଲମ ବର୍ଜନ କରି ଅନଲାଇନ ମାଧ୍ୟମରେ ସମସ୍ତ କାମର ଭାର ଲଦି ଦେଇଥିବାରୁ ପ୍ରାୟ ସମସ୍ତ ନେଟୱାର୍କ ବିଫଳ ଯୋଗୁଁ ଏବେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇପଡିଛି । ଜରୁରୀକାଳୀନ ଭିତ୍ତିରେ ଚାକିରି ପାଇଁ ଆବେଦନ କରି ଆସୁଥିବା ପ୍ରାର୍ଥୀଙ୍କ ଅବସ୍ଥା କହିଲେ ନସରେ । ଘଣ୍ଟା ଘଣ୍ଟା ଧରି

## ଜରୁରୀକାଳୀନ ସେବା ବାଧାପ୍ରାପ୍ତ

ନେଟୱାର୍କ ନରହିବା ଯୋଗୁଁ ଆଶାୟୀ ପ୍ରାର୍ଥୀ ମାନେ ଆବେଦନ କରିପାରୁନଥିବା ଜଣାପଡୁଛି । ଏହି ପରିପ୍ରେକ୍ଷୀରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ଶିକ୍ଷାର୍ଥୀ ମାନଙ୍କ ଏଡମିଶନ ଚାଲିଥିବା ବେଳେ ଶିକ୍ଷାର୍ଥୀ ମାନଙ୍କ ପାଇଁ ସ୍ଥାୟୀ ବାସିନ୍ଦା, ଜାତିଗତ ଓ ଆୟ ପ୍ରମାଣ ପତ୍ର ଆବଶ୍ୟକ ରହିଥିବା ଜଣାପଡିଛି । ଏଥି ସକାଶେ ଶିକ୍ଷାର୍ଥୀ ଓ ସେମାନଙ୍କର ଅଭିଭାବକ ମାନେ ବିଭିନ୍ନ ଜନସେବା କେନ୍ଦ୍ର ଓ ସହରର ବହୁ କମ୍ପ୍ୟୁଟର ସେଣ୍ଟର ଗୁଡିକରେ ଶିକ୍ଷାର୍ଥୀଙ୍କ ସମେତ ଅଭିଭାବକ ମାନେ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଥିବାର ଦେଖିବାକୁ ମିଳୁଛି । ଦିନତମାମ ନେଟୱାର୍କ ନରହିବା ଯୋଗୁଁ ଶେଷରେ ନିରାଶ ହୋଇ ଘରକୁ ଫେରୁଥିବାର ଦେଖିବାକୁ ମିଳୁଛି । ସମସ୍ତ କାମ ନେଟୱାର୍କ ଉପରେ ନିର୍ଭର କରୁଥିବା ଯୋଗୁଁ ଗତ କିଛି ଦିନ ଧରି ବିଏସଏନଏଲ୍ ନେଟୱାର୍କର ଯେପରି ଲୁଚକାଳି ଖେଳ ଚାଲୁ ରହିଛି ସେଥିରେ ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟ ଠପ୍ ହେବା ସହ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବରୁ ହିଞ୍ଜିଳିକାଟୁ ସହରରେ ବିଏସଏନଏଲର ଏକ କାର୍ଯ୍ୟାଳୟ ଥିବା ବେଳେ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରୁ ସଂପୃକ୍ତ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଛି । ଏନେଇ ବ୍ରହ୍ମପୁର ବିଏସଏନଏଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବପର ହୋଇ ପାରିନାହିଁ । ଏବେ ନେଟୱାର୍କର ଅନ୍ଧାର ଗଳି ଭିତରେ ସାଧାରଣ ଜନତା ଛନ୍ଦି ହୋଇ କେତେଯେ ଜୀବିକା ହରାଇବେ, ତାହା ନିସନ୍ଦେହ । ଭାରତବର୍ଷରେ ଡ଼ିଜିଟାଲ ସେବା ସ୍ୱପ୍ନ କେତେଦୁର ସଫଳ ହେବ, ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେନ୍ଦ୍ର ସରକାର ହଜାର ହଜାର ଟଙ୍କା ବ୍ୟୟରେ ଭାରତବର୍ଷର ବିଭିନ୍ନ ଗ୍ରାମ ଓ ପଞ୍ଚାୟତ ସହ ଜିଲ୍ଲା , ରାଜ୍ୟ ଓ କେନ୍ଦ୍ରର ମୁଖ୍ୟ ଦପ୍ତର ସହ ଯୋଗଯୋଗ ପାଇଁ ଜୋରଦାର ଭାବେ ଯନ୍ତ୍ର ସହାୟତାରେ ମାଟି ତଳେ ପାଇପ ବିଛା କାର୍ଯ୍ୟ ଚାଲିଥିଲେ ହେଁ ଏହା ଭବିଷ୍ୟତରେ କେତେଦୂର କାର୍ଯ୍ୟକାରୀ ହେବ, ତାହା ସମୟ କହିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । କିଛି ଦିନ ଧରି ବିଏସଏନଏଲ ନେଟୱାର୍କର ଏଭଳି ପରିସ୍ଥିତ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଏସଏନଏଲ୍ ନେଟୱାର୍କ ପ୍ରତି ବିତୃଷ୍ଣା ମନୋଭାବ ହେବା ସହ ଅନ୍ୟ ନେଟୱାର୍କକୁ ଏମଏନପି(ମୋବାଇଲ ନମ୍ବର ପୋର୍ଟେବିଲିଟି) କରୁଥିବାର ଦେଖିବାକୁ ମିଳୁଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବି ମହଲରେ ଦାବୀ ହେଉଛି ।

## ସମ୍ବର ମାଂସ ଜବତ, ଦୁଇ ଶିକାରୀ ଗିରଫ

ବାଲିଗୁଡ଼ା ୭/୫(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ରାଇକିଆ ବ୍ଲକର କରଡା ବନାଞ୍ଚଳ ଅଧିକାରିଣୀ ସବନମ୍ ସାହୁଙ୍କ ନିର୍ଦ୍ଦେଶ ଅନୁସାରେ ବନପାଳ ଅଜିତ କୁମାର ପ୍ରଧାନଙ୍କ ନେତ୍ୱତରେ ଏକ ଟିମ୍ ବନାଞ୍ଚଳ ଏରିଆରେ ପେଟ୍ରୋଲିଙ୍ଗ କରୁଥିଲେ। ଏହି ସମୟରେ ରଣବା ସେକ୍ସନ୍ ଅନ୍ତର୍ଗତ ପାତ୍ରପୁର ଗ୍ରାମରେ ଗୋଟିଏ ସମ୍ବର ଶିକାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଦିନ ପ୍ରାୟ ଏକ ଘଣ୍ଟିକା ସମୟରେ ସେହି ଗ୍ରାମକୁ ବନବିଭାଗ ଟିମ୍ ଅଚାନକ ଚଢ଼ାଉ କରି ଛାନଭିନ୍ କରିଥିଲେ। ରାଇକିଆ ଥାନା ଅଧୀନ କାଳୁ ମଲିକ (୬୨) ଦାରିଙ୍ଗବାଡି ଥାନା ଅଧୀନ ଏସିଆନ୍ ପ୍ରଧାନ(୩୭) ଶଶୁର ଜ୍ୱାଇଁଙ୍କୁ କାବୁ କରିଥିଲେ। ଚଢ଼ାଉ ବେଳେ ସମ୍ବର ମାଂସ ୫ କିଲୋ ,ମୁଣ୍ଡ,ଦୁଇ କାନ, ଚମଡ଼ା, ସହ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଚଢ଼ାଉରେ ବନପାଳ ଅଜିତ କୁମାର ପ୍ରଧାନ, ରବିଶଙ୍କର ଦିଗାଳ, ଅକ୍ଷୟ କହଁର, ବନରକ୍ଷୀ ବିକାଶ ମଲ୍ଲିକ, ସ୍ୱାଗତିକା ଗୈଡ଼ ପ୍ରମୁଖ ସାମିଲ ହୋଇଥିଲେ। ଶିକାରୀ ଦୁଇଜଣଙ୍କୁ ଗିରଫ କରି ମାମଲା ରୁଜୁ କରି ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ୍, ସହକାରୀ ବନ ସଂରକ୍ଷଣ ଶ୍ୱେତାଲିନା ସାହୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନପାଳ ଶ୍ରୀ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି।

## ଅବକାରୀ ବିଭାଗ ଚଢ଼ାଉରେ ଦୁଇ ଗିରଫ

ତେନ୍ତୁଲିଖୁଣ୍ଟି ୭/୫(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ପ୍ରତାପ କୁମାର ଦାସ ଙ୍କ ନିର୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଙ୍କ ନେତୃତ୍ୱ ରେ ବିଭାଗୀୟ କର୍ମଚାରୀ ମାନଙ୍କ ସହ, ତଥା ପାପଡାହାଣ୍ଡି ଅବକାରୀ ଥାନା କର୍ମଚାରୀ ମାନଙ୍କ ସହ ତଥା ନବରଙ୍ଗପୁର ଅବକାରୀ ଥାନା କର୍ମଚାରି ମାନଙ୍କ ସହ ତେନ୍ତୁଳୀଖୁଣ୍ଟି ଥାନା ଅନ୍ତର୍ଗତ ଚିତ୍ରକୋଟ ଗ୍ରାମ ରେ ଜଣେ ମହିଳା ଙ୍କ ନିକଟରୁ ୧୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ୫୦ ଲିଟର ପୋଚ ଜବତ କରା ଗଲା ଏବଂ ବାଗନାଗୁଡ଼ା ଗ୍ରାମ ର ଜଣେ ଙ୍କ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଗଲା କ୍ଷ ଆସାମୀ ଦୁଇ ଜଣ ଙ୍କୁ ମାନ୍ୟବର SDJM ଙ୍କ ଅଦାଲତ ରେ ହାଜର କରାଗଲା, ଏହି ଚଢ଼ାଉ ରେ ରେଶମା ସୁନା, ସୁଧାଂଶୁ ଶେଖର ବାଗ, ଆକ୍ରମ ଖାନ ଏବଂ ଉମେଶ ହରିଜନ ସହ ଯୋଗ କରିଥିଲେ।

## ବୈଶାଖ ଖରାରେ ପ୍ରେମ ବାଣ୍ଟୁଛି କୃଷ୍ଣଚୂଡ଼ା



ଝରିଗାଁ ୭/୫(ନି.ପ୍ର): ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଖରାରେ ପ୍ରକୃତି କୋଳରେ ତା'ର ଜନ୍ମ, ବୈଶାଖର ତପ୍ତରେ ଜଳି ପାରସୀ ଦିଏ ସୋନ୍ଦର୍ଯ୍ୟ ।ସେ ପ୍ରେମ କରେ ନିଦାଘକୁ। ପ୍ରଚଣ୍ଡ ରୌଦ୍ରତାପକୁ ଗର୍ଭସ୍ଥ କରି ନିଜେ ଜଳି ଜଳି ଅନ୍ୟ ପାଇଁ ହସେ । ଏହାରି ଭିତରେ ଏକ ବାର୍ତ୍ତା ରହିଛି,ନାରୀ ଜାତି ଏହି କୃଷ୍ଣଚୂଡ଼ା ପରି ଅନେକ ଯନ୍ତ୍ରଣାକୁ ଛାତିରେ ଚାପି ରାଖି ନିଜ ପରିବାର ପାଇଁ ହସି ହସି ସବୁ କାମ କରି ଯାଇଥାନ୍ତି। ଜୀବନ ଜୀଇଁବା କଳା ସିଖାଇଥାଏ କୃଷ୍ଣଚୂଡ଼ା। ପ୍ରକୃତିକୁ ଆସି ବୈଶାଖ ଖରାରେ ସୋନ୍ଦର୍ଯ୍ୟରେ ବିମୋହିତ କରି ସମସ୍ତଙ୍କ ପ୍ରିୟ ହେବା ସହ ଲୋକଙ୍କ ମନରେ ପ୍ରେମ ବାଣ୍ଟୁଛି କୃଷ୍ଣଚୂଡ଼ା । ଏହି ବାସହୀନ କୃଷ୍ଣଚୂଡ଼ା ଫୁଲ ଏବେ ଓଡ଼ିଶାର ଗାଁ ଗଣ୍ଡା ଠୁ ଆରମ୍ଭ କରି ସହର ବଜାର ସବୁଠି ଶୋଭା ପାଉଛି । ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ପ୍ରାୟ ପ୍ରତ୍ୟେକ ଗାଁର ରାସ୍ତା କଡ଼ ଜମି ହିଡ ଏମିତି ଅନେକ ସ୍ଥାନରେ ପସରା ମେଲିଛି କୃଷ୍ଣଚୂଡ଼ା। କୃଷ୍ଣଚୂଡ଼ାକୁ ଦେଖି କର୍ମକ୍ଲାନ୍ତ ଶରୀର ବି କ୍ଷଣକ ପାଇଁ ଭୁଲିଯାଏ ଶାରୀରିକ ବେଦନା । ଏହି ଗଛ ଏବେ ରାସ୍ତା କଡ଼ରେ ବହୁ ମାତ୍ରରେ ଲାଗିଥିବା ଦେଖା ଦେଉଛି । ଗଛ ଓ ଫୁଲରେ ରହିଛି ଅନେକ ଔଷଧୀୟ ଗୁଣ । ତେବେ ଏହି ପ୍ରଜାତିର ରାଧାଚୁଡ଼ା(ହଳଦିଆ ଫୁଲ) ଝଡ଼ ବାତ୍ୟା କୁ ସହ୍ୟ କରିପାରୁଥିବା ବେଳେ କୃଷ୍ଣଚୁଡ଼ା ସହ୍ୟ କରିପାରିନାହିଁ । କୃଷ୍ଣଚୂଡ଼ା ଦେବ ଯୋଗ୍ୟ ନ ହେଲେ ମଧ ପ୍ରଭୁ ଶ୍ରୀ କୃଷ୍ଣ ଭଗ୍ୱାନ ଙ୍କ ନାମ ସହିତ ଯୋଡ଼ି ହୋଇଯାଉଛି । ଗ୍ରୀଷ୍ମ ଋତୁର ଏହି ଫୁଲ କୁ ଦେଖି ଭାବୁକ ହୋଇ ଉଠୁଛି କବିର ମନ ।କୃଷ୍ଣଚୂଡ଼ା ସୂର୍ଯ୍ୟଙ୍କ ପ୍ରଖର କିରଣରେ ଚମକି ଉଠୁଛି। ଏହାର ରଙ୍ଗରେ ରଙ୍ଗୀନ ହୋଇଛି ଗାଁ ଠୁ ସହର । ଯାହା ଅନେକଙ୍କୁ ବିମୋହିତ କରୁଛି ।

# ହିନ୍ଦୋଳରେ ଭୂମିହୀନଙ୍କୁ ସରକାର ଦେଲେ ମାତ୍ର ପ୍ରଶାସନ ଧରାଇଲେ ଲଲିପପ

## ପ୍ରମାଣପତ୍ର ଧରି ବାରଦୁଆର ଶୁଣ୍ଢୀପିଣ୍ଡା ହେଉଛନ୍ତି ଭୂମିହୀନ ହିତାଧିକାରୀ

ଓଡ଼ପଡ଼ା/ହିନ୍ଦୋଳ ୭/୫(ନି.ପ୍ର):ଗତ ୨୦୧୮ରେ ରାଜ୍ୟ। ସରକାରଙ୍କ ଘୋଷଣା ଥିଲା ରାଜ୍ୟରେ ରହିବେନି ଭୂମିହୀନ ସମସ୍ତଙ୍କୁ ଯୋଗାଇଦିଆଯିବ ଭୂମି ଓ ପଟ୍ଟା। ସେହି ପରିପେକ୍ଷୀରେ ସାରା ରାଜ୍ୟ ପରି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ରେ ବସବାସ କରୁଥିବା ଭୂମିହୀନ ମାନଙ୍କୁ ଦିଆଗଲା ଜାଗା,ପଟ୍ଟା ଓ ଭୂମିହୀନ ପ୍ରମାଣପତ୍ର ଅଧିନିୟମ ୨୦୧୭ଧାରା ୦୩ ଅନୁଯାଇ ଏବଂ ୭ଟି ବସ୍ତିବାସିନ୍ଦା ମହାସଂଘ ମଧ୍ୟ ଗଠନ ହେଲା। ସେହିବସ୍ତି ବାସିନ୍ଦା ମଧ୍ୟରୁ ରାଜମୋହନପୁର ବସ୍ତିବାସିନ୍ଦା(ୱାର୍ଡନଂ ୧୨,୧୩) ଭୂମିହୀନଙ୍କୁ ଏନଏସି ଚିଠିନଂ ୧୨୮୬/ତା ୧୫/୧୦/୨୦୨୦ରେ ହିନ୍ଦୋଳ ତହସିଲଦାରଙ୍କ ଚିଠିନଂ ୪୫୫୯/୭-୧୧-୨୦୨୦ ଅନୁଯାଇ ଆଦର୍ଶ ସ୍କୁଲ ସାମ୍ନା ତାରିଣୀବିହାର ଠାରେ ରାଜମୋହନପୁର ମୌଜା ଖାତାନଂ ୧୩୪(ରକ୍ଷିତ) ପ୍ଲଟନଂ ୧୦୯୮ ଓ ପ୍ଲଟନଂ ୧୧୪୦(ଗୋଚର) ରୁ ୩୨୩ବର୍ଗଫୁଟର ଜାଗାର ପ୍ରମାଣପତ୍ର(LRC) ୩୨ଜଣ ଭୂମିହୀନଙ୍କୁ ମିଳିଅଛି ହିନ୍ଦୋଳ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଚିଠି କରାଯାଇ। ସେହିପରି ହିନ୍ଦୋଳ ତହସିଲଦାର ଚିଠିନଂ ୪୭୭୧/୧୭-୯-୨୦୨୪ଅନୁଯାଇ ହିନ୍ଦୋଳ ରାଜସ୍ୱନିରୀକ୍ଷକ, ରାଜସ୍ୱ ସୁପରଭାଇଜର, ଅମିନ ଦାଶରଥି ସାହୁ ଓ ମିତ୍ରପ୍ରକାଶ ମହାନ୍ତିଙ୍କୁ ସେହିଜାଗା ଚିନ୍ହଟପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ହିନ୍ଦୋଳ ବନବିଭାଗକୁ ହିନ୍ଦୋଳ ଏନଏସି ଚିଠିନଂ ୧୯୧୬/୨୬-୧୨-୨୦୨୪ ଉକ୍ତଜାଗାରେ ଥିବା ଗଛ କଟା ପାଇଁ ଜଣାଯାଇଛି ।ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କାର୍ଯ୍ୟାଦେଶ ସହ ସମସ୍ତ ପ୍ରମାଣପତ୍ର ସହ ଜାଗା ଦିଆସରିଥିଲେ ମଧ ଆଜି ପର୍ଯ୍ୟନ୍ତ ହିନ୍ଦୋଳ ଏନଏସି



କର୍ତ୍ତୃପକ୍ଷ ସମ୍ପୃକ୍ତ ଭୂମିହୀନ ମାନଙ୍କୁ ନା ଜାଗା ଦେଉଛନ୍ତି ନା ଘର କରିବାକୁ ଅନୁମତି ।ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନିମିଳିବାରୁ ଗତ ୫/୫/୨୫ରେ ରାଜମୋହନପୁର ଏସଡ଼ିଏ ର ସମସ୍ତ ସଦସ୍ୟ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର ଓ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଜଣାଇବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ,ରାଜସ୍ୱମନ୍ତ୍ରୀ, ମୁଖ୍ୟଶାସନ ସଚିବ ଓ ଜିଲ୍ଲାପାଳଙ୍କୁ ମଧ ଅଭିଯୋଗ କରିଛନ୍ତି। ବସ୍ତିବାସିନ୍ଦା ମହାସଙ୍ଘର ସଭାନେତ୍ରୀ ମାଳତୀ ନାଏକ,ସମ୍ପାଦିକା ସୁଜାତା ସାହୁ,ସଭ୍ୟା ଅନିତା ସାମଲ,ଝିଲି ସାହୁ, ପମି ସାହୁ, ସବିତା ନାଏକ, ପ୍ରେମମୟୀ ପ୍ରଧାନ, ତାରା ବିଶ୍ୱାଳ, ହାର ସାହୁ, ସରସ୍ୱତୀ ସାହୁ, ପାର୍ବତୀ ସାହୁ, ଚିନ୍ମୟୀ ସାହୁ, ବାସନ୍ତୀ ପ୍ରଧାନ, ଶଶୀ ପ୍ରଧାନ,ସୁଜାତା ସାହୁ, ବନତି ବାରିକ, ବିଜୟ ସାହୁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ରାଜ୍ୟସରକାର ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି ଏବଂ କହିଛନ୍ତି ଆମ୍ଭ ହକ ପାଇଁ ଆମେ ଦରକାର ପଡିଲେ ବିଧାନସଭା ସାମ୍ନାରେ ଧାରଣା ଦେବୁ ।ତେବେ ଦେଖିବାକୁ ବାକିରହିଲା କେବେ ରାଜ୍ୟସରକାର ଓ ସ୍ଥାନୀୟ ପ୍ରଶାସନ ଗରିବ ଭୂମିହୀନଙ୍କ ଦୁଃଖ ଦୂର କରୁଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର

ହିଞ୍ଜିଳିକାଟୁ୭/୫(ନି.ପ୍ର): ମଙ୍ଗଳବାର ରାତ୍ର ପ୍ରାୟ ସାଢେ ୮ ଘଣ୍ଟା ସମୟରେ ହିଞ୍ଜିଳି ଓ ବେଲଗାଁ ଥାନା ଅଞ୍ଚଳର ୨ଟି ପୃଥକ ସ୍ଥାନରେ ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି।? ଆହତ ମାନେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚଣିଆ ଅଞ୍ଚଳର ଲକ୍ଷ୍ମୀ ଦେବୀ ବିଷୋୟୀ (୬୨), ଆସିକା ଥାନା ପାକିଡି ଗ୍ରାମର ସୁରେନ୍ଦ୍ର ଜେନା (୩୦), ପୁରୁଷୋତ୍ତମପୁର ଥାନା ଦିଗାପଡା ଗ୍ରାମର ଶିବ ନାଇକ (୨୮) ଓ କୃଷ୍ଣ ନାଇକ (୨୬) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ମଙ୍ଗଳବାର ରାତିରେ ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚଣିଆ ଛକରେ ଲକ୍ଷ୍ମୀ



ଦେବୀ ବିଷୋୟୀ ରାସ୍ତା ଅତିକ୍ରମ କରୁଥିବା ବେଳେ ଆସିକା ଥାନା ପାକିଡି ଗ୍ରାମର ସୁରେନ୍ଦ୍ର ଜେନା ବାଇକ୍ (ଓଡି୦୭ ଏକ୍ୟୁ ୧୩୮୬) ଯୋଗେ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚଣିଆ ଛକ ନିକଟରେ ମହିଳାଙ୍କୁ ଧକ୍କା ଦେବା ସହ ରାସ୍ତା ପାର୍ଶ୍ୱରେ ଥିବା ଏକ ମାଲ୍ ବୋଝେଇ ଟ୍ରକ (ଓଡି୦୫ ବିଏକ୍ସ ୧୦୯୫) ପଛକୁ ଧକ୍କା ଦେଇଥିଲେ । ଦୁର୍ଘଟଣାରେ ଉଭୟ ମହିଳା ଓ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଅନୁରୂପ ଭାବେ ପୁରୁଷୋତ୍ତମପୁର ଥାନା ଦିଗାପଡା ଗ୍ରାମର ଶିବ ନାଇକ ଓ କୃଷ୍ଣ ନାଇକ ବାଇକ୍ ଯୋଗେ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ବେଳେ ବେଲଗାଁ ଥାନା ପୁଟିଆପଦର ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲେ । ଦୁର୍ଘଟଣାରେ ଉଭୟ ବାଇକ୍ ଚାଳକ ଓ ସାଥି ଗୁରୁତର ଆହତ ହୋଇଥିଲେ।? ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ବେଲଗାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ପଠାଣିସାମନ୍ତ ବୃତ୍ତି ଚତୁର୍ଥ ସ୍ଥାନ ପାଇଲେ ରାଜଦୀପ

ଚିକିଟୀ ୭/୫(ନି.ପ୍ର): ଏହି ବ୍ଲକ ପଠାଣି ସାମନ୍ତ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି ।ଏଥିରେ କରବାଲୁଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ ରାଜଦୀପ ମଲିକ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ବାପା ପ୍ରସାଦ ମଲିକ ଓ ମା ଭାରତୀ ମଲିକ ଙ୍କ ଏକ ମାତ୍ର ପୁଅ ପାଠ ପଢା ପ୍ରତି ସବୁବେଳେ ପ୍ରାଧାନ୍ୟ ଦେଇ ଏହି ଗୌରବ ଆଣିଛନ୍ତି । ସ୍କୁଲ ର ପ୍ରଧାନ ଶିକ୍ଷକ ନରସିଂହ ପାଢ଼ୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସମସ୍ତ ଶିକ୍ଷକ ଙ୍କ ଆଶ୍ରିବାଦ କୁ ଶ୍ରେୟ ଦେଇ କୃତଜ୍ଞତା ଜ୍ଞାପନ କରିଛନ୍ତି ପରିବାର ଲୋକ ।ତାଙ୍କ ଏ ସଫଳତା ପାଇଁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ର ସୁଅ ଛୁଟି ଥିବା ବେଳେ ଜେଜେ ମା ରମା ମଲିକ,ପିଉସୀ ଶିକ୍ଷୟିତ୍ରୀ ମମତା ମଲିକ ତଥା ପରିବାର ର ଆଶ୍ରିବାଦ ଫଳରେ ସଫଳତା ମିଳିଥିବା ରାଜଦୀପ କହିଛନ୍ତି ।

# ପୋଲସରା ବସଷ୍ଟାଣ୍ଡର ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ପୋଲସରା ୭/୫(ନି.ପ୍ର): ପୋଲସରା ନୂତନ ବସଷ୍ଟାଣ୍ଡ ନିର୍ମାଣର ଅଗ୍ରଗତି ଓ ସ୍ଥିତ ଅନୁଧ୍ୟାନ କରିବା ପାଇଁ ମଇ ୫ ତାରିଖ ଅପରାହ୍ନରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ପରିଦର୍ଶନ କରିଥିଲେ। ୨୦୨୪ ମାର୍ଚ୍ଚ ୧୨ ତାରିଖରେ ଆମ ବସଷ୍ଟାଣ୍ଡ ନିର୍ମାଣ ସକାଶେ ୫,୮୯,୪୬,୫୩୭ (ପାଞ୍ଚ କୋଟି,ଅଣାନବେ ଲକ୍ଷ,ଛୟାଳିଶି ହଜାର, ପାଞ୍ଚ ଶହ ଶତତିରିଶି ଟଙ୍କା) ବ୍ୟୟରେ ଓଡ଼ିଶା ଷ୍ଟେଟ ପୋଲିସ ହାଉସିଙ୍ଗ ୱେଲଫେର କର୍ପୋରେସନ ଲିମିଟେଡ ସଂସ୍ଥା ନେଇଥିବା ବେଳେ ଜବର ଦଖଲ ଯୋଗୁଁ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇନଥିଲା। ନୂତନ ଭାବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କୈଳାଶ ଚନ୍ଦ୍ର ଜେନା କାର୍ଯ୍ୟଭାର ଗ୍ରହଣ ପରେ ବାରମ୍ବାର ପାରିଷଦ ବୈଠକ ଡାକି ଆଲୋଚନା କରିବା ସହ ମନ୍ତ୍ରୀ ଓ ବ୍ୟବସାୟୀ ସଙ୍ଗଠନ ସହ ଆଲୋଚନା କରି ଜବର ଦଖଲ ଉଚ୍ଛେଦ କରି ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ପାଇଁ ପଥ ପରିଷ୍କାର କରିଥିଲେ। ସୋମବାର ଅପରାହ୍ନରେ ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ନିର୍ମାଣାଧୀନ ନୂତନ ବସଷ୍ଟାଣ୍ଡକୁ ପରିଦର୍ଶନରେ ଯାଇଥିବା ବେଳେ ପୋଲସରା ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜେନା, ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ବେଳଭୂମି ଉଚ୍ଚ ବିଦ୍ୟାଳୟର ବୋର୍ଡ ପରୀକ୍ଷାର ଶ୍ରେଷ୍ଠ ଛାତ୍ରଛାତ୍ରୀମାନେ ଏ ଆର ଫାଉଣ୍ଡେ ସନ ଙ୍କ ଦ୍ୱାରା ସମ୍ମାନିତ

ନିମାପଡା ୭/୫(ନି.ପ୍ର): ଆଜି ଏ ଆର ଫାଉଣ୍ଡେସନ , ଭୁବନେଶ୍ୱର ର ପ୍ରଧାନ ପରାମର୍ଶଦାତା ଓ ବେଳଭୂମି ଉଚ୍ଚ ବିଦ୍ୟାଳୟ (ଚୁରିଆନା, ଅସ୍ତାରଙ୍ଗ, ଓଡ଼ିଶା) ପୂର୍ବତନ ମୁଖ୍ୟଶିକ୍ଷକଙ୍କ ପକ୍ଷରୁ ବୋର୍ଡ ପରୀକ୍ଷାର ଶ୍ରେଷ୍ଠ ୩ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ଏହି ବିଶେଷ ଅବସରରେ ଫାଉଣ୍ଡେସନର ଅଧକ୍ଷ ଶ୍ରୀ ଇଫ୍‌ତେଖାର ଅଲି ଖାନ ନିଜେ ଉପସ୍ଥିତ ଥିଲେ। ଶ୍ରୀ ଖାନ ବିଭିନ୍ନ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀମାନେ ମଧ୍ୟରେ ପ୍ରେରଣା ଦେବାକୁ ଜଣାଶୁଣା, ତାଙ୍କର ଏହି ଉଦ୍ୟମ ପାଇଁ ବିଦ୍ୟାଳୟ କମିଟି, ଶିକ୍ଷକ ଓ ପୂର୍ବ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ପ୍ରେରଣାଦାୟକ ଭାଷଣରେ ଶ୍ରୀ ଇଫ୍‌ତେଖାର ଖାନ ପାସ୍ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ଯେ ସେମାନେ ତାଙ୍କ ଛୋଟ ଭାଇବୋନମାନେଙ୍କୁ ପଢ଼ାରେ ସାହାଯ୍ୟ କରନ୍ତୁ। ଏହିପରି ଉଦ୍ୟମ ଦ୍ୱାରା ବିଦ୍ୟାଳୟରେ ଏକ ଉତ୍ତମ ପାଠପଢ଼ିବା ପରିବେଶ ତିଆରି ହେବା ସହିତ ଆସନ୍ତା ପିଢ଼ି ବି ଭଲ ଫଳାଫଳ ଆଣି ପ୍ରାନ୍ତ, ଅଞ୍ଚଳ ଓ ଦେଶର ଗୌରବ ବଢ଼ାଇପାରିବ। ଶ୍ରେଷ୍ଠ ତିନିଜଣ ଛାତ୍ରଛାତ୍ରୀଙ୍କୁ ନଗଦ ପୁରସ୍କାର, ଫୁଲ, ଉତ୍ତରୀୟ ଓ ଡାୟାରୀ ଦେଇ ଏ ଆର ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ବଡ଼ ବଡ଼ ବ୍ୟକ୍ତିବର୍ଗ, କମିଟି ସଦସ୍ୟ ଓ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶ୍ରୀ ଇଫ୍‌ତେଖାର ଅଲି ଖାନ ଓ ଶ୍ରୀ ପ୍ରମୋଦ ଙ୍କ ଉଦ୍ୟମକୁ ସମସ୍ତେ ଖୁବ୍ ଖୁସି ହୋଇ ପ୍ରଶଂସା କରିଥିଲେ। ଶ୍ରୀ ଖାନ ଶ୍ରେଷ୍ଠ ଛାତ୍ରଛାତ୍ରୀମାନେ ସାମାଜିକ କାର୍ଯ୍ୟରେ ମଧ ଅଗ୍ରଗାମୀ ହେବାକୁ ପରାମର୍ଶ ଦେଲେ। ସଭା ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରି, କାର୍ଯ୍ୟକ୍ରମର ଶେଷ କରାଯାଇଛି।

# ଓଡ଼ିଆ ଅସ୍ମିତାରେ ଚାଙ୍ଗୁ ନାଚର ଗୁରୁତ୍ୱ ଆରୋପ କରିଲେ ଶମ୍ଭୁନାଥ



ପାଟଣା ୭/୫(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମ ପଞ୍ଚାୟତ ର ପାଟଣା ସାହି ଠାରେ ଓଡ଼ିଆ ଅସ୍ମିତାର ଚାଙ୍ଗୁ ନାଚ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ଘସିପୁରା ବିଧାୟକ ପ୍ରାର୍ଥୀ ଡକ୍ଟର ଶମ୍ଭୁନାଥ ରାଉତ । ପାରମ୍ପରିକ ଓଡ଼ିଆ ସଂସ୍କୃତିକୁ ଜନଜାତିର ମହିଳା ମାନେ ବଞ୍ଚାଇ ରଖିବାର ସ୍ୱତନ୍ତ୍ରତାକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ସାହିର ମହିଳା ମାନେ ଏକତ୍ରିତ ହୋଇ ଆଗାମୀ ଦିନରେ ସରକାରଙ୍କ ତରଫରୁ ସହଯୋଗ ମିଳିଲେ ଏହି ନୃତ୍ୟକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କରେ ପରିବେଶଣ କରିପାରିବେ ବୋଲି ମତ ପ୍ରକାଶ କରିଥିଲେ। ଆସନ୍ତା ସପ୍ତାହରେ ହେବାକୁ ଥିବା ଚାଙ୍ଗୁ ନାଚରେ ଯୋଗ ଦେବା ପାଇଁ ଉପସ୍ଥିତ ଅନ୍ୟାନ ଅତିଥି ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଭବିଷ୍ୟତରେ ଜିଲ୍ଲା ପ୍ରଶାସନର ସଂସ୍କୃତି ବିଭାଗକୁ ଅବଗତ କରାଇବା ପାଇଁ ଶ୍ରୀ ରାଉତ ପ୍ରତିଶୃତି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖାଳିଆମେଣ୍ଟା ମଣ୍ଡଳ ସଭାପତି ଯୋଗେନ୍ଦ୍ର ବାବୁ ଦାସ, ବୈତରଣୀ ମଣ୍ଡଳ ସଭାପତି ମନମୋହନ ପାତ୍ର,ଦେଓଗାଁ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ମାନସ ଆଚାର୍ଯ୍ୟ, ସମାଜ ସେବି ଜିମୁତ ବାହାନ ରାଉତ, ସମାଜସେବୀ ଜୀବନ ଜ୍ୟୋତି ଜେନା ପ୍ରମୁଖ ଯୋଗ ଦେଇ ଉପସ୍ଥିତ କଳାକାର ମାନଙ୍କର ଉତ୍ତରୋତ୍ତର ଉର୍ନତି କାମନା କରିଥିଲେ।

# କୃଷକଙ୍କ ମୁକ୍ତି ପାଇଁ ମଧୁସୂଦନଙ୍କ ପୀଠରୁ ସଂଗ୍ରାମ ଆରମ୍ଭ : ଅକ୍ଷୟ କୁମାର



ସାଲେପୁର : ନବ ଓଡ଼ିଶାର ନିର୍ମାତା କୁଳବୃଦ୍ଧ ମଧୁସୂଦନଙ୍କ ୧୭୭ତମ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ପାଗା ହାଟରେ ଏକ "କୃଷକ ସ୍ୱାଭିମାନ ସମାବେଶ ନବନିର୍ମାଣ କୃଷକ ସଂଗଠନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ଅନ୍ୟ କର୍ମକର୍ତ୍ତାମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସେଠାରୁ ଏକ ପଦଯାତ୍ରାରେ ବାହାରି ପାଗା ହାଟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚାଷୀମାନଙ୍କୁ ସମ୍ବୋଧିତ କରି ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ସାକାର କରିବାରେ ରାଜନେତା, ଅମଲାତନ୍ତ୍ର ଯେଉଁ ବିଫଳ ହୋଇଛନ୍ତି ତାକୁ ସାକାର କରିବାକୁ ସଂଗ୍ରାମ କରିବା ପାଇଁ ମଧୁବାବୁଙ୍କ ମାଟିରୁ ହିଁ ସଂକଳ୍ପ ନେଇଥିଲେ। ଏଣିକି ଚାଷୀ ଆଉ ୫ ହଜାର ନୁହେଁ, ମାସକୁ ୧୦ ହଜାର ଟଙ୍କା ପେନସନ୍ ମାଗିବ ବୋଲି ସେ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଇଂ. ଅକ୍ଷୟ ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର, ତାପସ ରାଉତରାୟ ପ୍ରମୁଖ ଚାଷୀଙ୍କ ଦାବୀକୁ ଚାଷୀଙ୍କ ବାହାରେ କିଭଳି ଓକିଲ, ବୁଦ୍ଧିଜୀବୀ ଓ ଅନ୍ୟାନ ବର୍ଗର ଲୋକେ ସମର୍ଥନ କରିବେ ସେଥିପାଇଁ ଉଦ୍ୟମ କରିବାକୁ କହିଥିଲେ। ଯୁବଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ, ରାଜ୍ୟ ସହ ସଂଯୋଜକ ରଶ୍ମି ରଂଜନ ସ୍ୱାଇଁ, ଉମାକାନ୍ତ ଭାରତ, ଶୁଭେନ୍ଦୁ ସାମଲ, କାଶୀନାଥ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖି ଚାଷୀ ଅବହେଳା ଉପେକ୍ଷା ଏବେ ବି ରାଜ୍ୟରେ ବଢୁଛି ଓ ନୂଆ ସରକାର ଚାଷୀଙ୍କ ସମସ୍ୟା ସମାଧାନରେ ଆନ୍ତରିକତା ପ୍ରକାଶ କରୁନାହାଁନ୍ତି ବୋଲି ଅଭିଯୋଗ କରିଥିଲେ। ସରକାର ଚାଷୀ ବିରୋଧି ନୀତି ପ୍ରତ୍ୟାହାର ନକଲେ ଏମାନଙ୍କୁ ବି କ୍ଷମତାରୁ ପ୍ରସ୍ଥାନ କରି ଦିଆଯିବାର ରାସ୍ତ ଦେଖାଇଦିଆଯିବ ବୋଲି ନେତୃମଣ୍ଡଳୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ଡା. କୁଳମଣୀ, ରାଜ୍ୟ କମିଟି ସଭ୍ୟ ଅମୀର ପଟ୍ଟନାୟକ, ମୟୁରଭଞ୍ଜ ପ୍ରଭାରୀ ଦିନେଶ ଦାସ, ଢେଙ୍କାନାଳ ପ୍ରଭାରୀ ଅଶ୍ୱନୀ ଜେନା, ଗଜପତି ପ୍ରଭାରୀ ରଣଜିତ ପଟ୍ଟନାୟକ, ବିଳାସୀନ ମାହନ୍ତ, ରାଇମଣୀ ବିଶ୍ୱାଳ, ଖଗେଶ୍ୱର ମାହନ୍ତ, ସୁଧାକର ପରିଡ଼ା, ଦୋଳଗୋବିନ୍ଦ, ନିରଞ୍ଜନ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସତ୍ୟ ନାୟକ, ପୂର୍ଣ୍ଣ ଚନ୍ଦ୍ର ବେହେରା, ରୂପେଶ ପ୍ରଧାନ, ରଘୁନାଥ ନାୟକ, ଭାବଗ୍ରାହି ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଆଇଏମ୍‌ସି ଢେଙ୍କାନାଳରେ ୨୫ ବର୍ଷରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ଆବେଦନର ଶେଷ ତାରିଖ ମେ' ୧୦କୁ ଘୁଞ୍ଚିଲା

ଭୁବନେଶ୍ୱର, : ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳରେ 'ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ' ପାଇଁ ଚାଲିଥିବା ନାମଲେଖା ପ୍ରକ୍ରିୟାର ଆବେଦନ ମେ' ମାସ ୧୦ ତାରିଖ ଯାଏ ଘୁଞ୍ଚାଯାଇଛି। ଇଚ୍ଛୁକ ଛାତ୍ରଛାତ୍ରୀ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ ବୋଲି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ଡ. ପ୍ରଧାନ କହିଛନ୍ତି, ୨୦୨୫ ମାର୍ଚ୍ଚ ୩ ତାରିଖଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆବେଦନ ଫର୍ମ ପହଞ୍ଚିବାର ଶେଷ ତାରିଖ ଥିଲା ଏପ୍ରିଲ ୩୦ ତାରିଖ। ହେଲେ ଏହି ତାରିଖକୁ ମେ' ମାସ ୧୦ ତାରିଖ ଯାଏ ଘୁଞ୍ଚାଇ ଦିଆଯାଇଛି। ପ୍ରବେଶିକା ପରୀକ୍ଷା ମେ' ୧୯ ତାରିଖରେ ଅନୁଷ୍ଠିତ ହେବାର ଅଛି। ପ୍ରବେଶିକା ପରୀକ୍ଷାରେ ଶିକ୍ଷାର୍ଥୀଙ୍କ ଓଡ଼ିଆ ଭାଷା ବ୍ୟବହାର କରିବାର ପାରଦର୍ଶିତା, ଲିଖନ ଦକ୍ଷତା, ସାଧାରଣ ଜ୍ଞାନ ଓ ସାମ୍ବାଦିକତା ପ୍ରତି ଆଗ୍ରହ ଆଦିର ମୂଲ୍ୟାୟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବର୍ଷକିଆ ପାଠ୍ୟକ୍ରମରେ ଓଡ଼ିଆ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯିବା ସହିତ ଛାତ୍ରଛାତ୍ରୀଙ୍କୁ ସାମ୍ବାଦିକତା, ଗଣମାଧ୍ୟମ ଲିଖନ, ରିପୋର୍ଟିଂ, ସମ୍ପାଦନା, ଡିଜିଟାଲ ଯୋଗାଯୋଗ ଓ ଲୋକସମ୍ପର୍କ ଆଦି ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରାଯିବ। ଡ. ପ୍ରଧାନ ଆହୁରି କହିଛନ୍ତି, ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ୨୫ ବର୍ଷରେ ପହଞ୍ଚିଛି। ଯା' ଭିତରେ ସଂସ୍ଥାନରୁ ଶତାଧିକ ଶିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ତଥା ଦେଶ ବିଦେଶର ବିଭିନ୍ନ ଗଣମାଧ୍ୟମ ସଂସ୍ଥା, କର୍ପୋରେଟ୍ ସଂସ୍ଥା ଏବଂ ସରକାରୀ ସଂସ୍ଥାଗୁଡ଼ିକରେ ବିଭିନ୍ନ ପଦପଦବିରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଆଗାମୀ ଦିନରେ ମଧ୍ୟ ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରରେ ଅନେକ ନିଯୁକ୍ତି ସୁଯୋଗ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ପାଠ୍ୟକ୍ରମ ପାଇଁ ମୋଟ ୩୦ଟି ଆସନ ରହିଛି। ଏଥିମଧ୍ୟରୁ ଭାରତ ସରକାରଙ୍କ ନିୟମାନୁସାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଆର୍ଥିକ ଅନଗ୍ରସର ବର୍ଗ, ଦିବ୍ୟାଙ୍ଗ ବର୍ଗ ପାଇଁ ଆସନ ସଂରକ୍ଷିତ ରହିଛି। ଯେଉଁ ଇଚ୍ଛୁକ ଛାତ୍ରଛାତ୍ରୀ ସ୍ନାତକ ସମାପ୍ତ କରିସାରିଥିବେ କିମ୍ବା ସ୍ନାତକ ଶେଷ ବର୍ଷରେ ଅଧ୍ୟୟନରତ, ସେମାନେ ଏହି ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ। ଆବେଦନକାରୀ ଆଇଆଇଏମ୍‌ସିର ୱେବ୍‌ସାଇଟ୍ ଷଗ୍ଧଗ୍ଧକ୍ଟଗ୍ଧ://ସସଜ୍ଞମ.ଶକ୍ଟଙ୍ଗ.ସଭ/କ୍ଷବଭଶଙ୍କବଶର-ମକ୍ଟଙ୍କଗ୍ଧଗ୍ଧରଗ୍ଧ-୨୫-୨୬ରୁ ନାମଲେଖା ଫର୍ମ ଡାଉନ୍‌ଲୋଡ୍ କରିପାରିବେ କିମ୍ବା ୱେବ୍‌ସାଇଟ୍‌ରେ ଦିଆଯାଇଥିବା ଗୁଗୁଲ୍ ଲିଙ୍କ୍ ମାଧ୍ୟମରେ ବି ଅନ୍‌ଲାଇନ୍ ଆବେଦନ କରିପାରିବେ। ଏହାସହ ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସି ଢେଙ୍କାନାଳ କ୍ୟାମ୍ପସ୍‌ର ପ୍ରଶାସନିକ କାର୍ଯ୍ୟାଳୟ, ଭୁବନେଶ୍ୱରସ୍ଥିତ ରେଳ ସଦନ ପଛ ପଟେ ଥିବା ପ୍ରେସ୍ ଇନ୍‌ଫରମେସନ୍ ବ୍ୟୁରୋ କାର୍ଯ୍ୟାଳୟ ଏବଂ କଟକସ୍ଥିତ ଚଳଚ୍ଚିତ୍ର ଭବନରେ ଥିବା ସିବିଏଫ୍‌ସି ଆଞ୍ଚଳିକ କାର୍ଯ୍ୟାଳୟରେ ଫର୍ମ ମଧ୍ୟ ଉପଲବ୍ଧ ହେଉଛି। ଶିକ୍ଷାର୍ଥୀମାନେ ସିଧାସଳଖ ଉପରୋକ୍ତ ସ୍ଥାନକୁ ଆସି ଫର୍ମ ନେଇପାରିବେ। ପାଠ୍ୟକ୍ରମ ସମ୍ପର୍କରେ ଯଦି କିଛି ଦ୍ୱନ୍ଦ୍ୱ ବା ପ୍ରଶ୍ନ ଥାଏ, ତେବେ ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତିଙ୍କୁ ୯୪୩୭୪୪୪୨୦୦ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି।

# ୱାକ୍ ଆଣ୍ଡ ରନ୍ ଫିଜିଓ ଥେରାପି ସେଟର ଉଦ୍‌ଘାଟିତ



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚଳତ୍‌କ୍ଷମ ରହିତ ବ୍ୟକ୍ତିମାନଙ୍କୁ ଚାଲିବା ଓ ଦୌଡ଼ିବା ପାଇଁ ସକ୍ଷମ କରାଇବା ଲକ୍ଷ୍ୟ ରଖି ଡା. ସମ୍ବିତ ଦାସ (ପିଟି) ଗୌତମ ପେଟ୍ରୋଲ ପମ୍ପ ନିକଟରେ, ବିଜେବି ନଗର, ଲୁଇସ ରୋଡ଼ଠାରେ ୱାକ୍ ଆଣ୍ଡ ରନ୍ ଫିଜିଓ ଥେରାପି ସେ□ର ଆରମ୍ଭ କରିଛନ୍ତି। ଏହି ପ୍ରତିଷ୍ଠାନକୁ ସମ୍ମାନନୀୟ ଆଇନ୍ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ମହୋଦୟ ନିଜର ଶୁଭ ହସ୍ତରେ ଉଦ୍‌ଘାଟନ କରିଛନ୍ତି।ଏହି ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଅନୁଷ୍ଠାନର ସଫଳତା କାମନା କରିଥିଲେ। ଆଇନମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ମହାଶୟଙ୍କ ଉପସ୍ଥିତି ଯୁବ ଡାକ୍ତରଙ୍କୁ ଉତ୍ସାହିତ କରିବା ସହିତ ନିଜ କ□ବ୍ୟ ପ୍ରତି ସଚେତନ ହେବାକୁ ପ୍ରେରଣା ଯୋଗାଇଅଛି।

# ନିଖିଳ ଓଡ଼ିଶା ଅନ୍ୟାନ୍ୟ ପଛୁଆବର୍ଗ ମହାସଂଘ ତରଫରୁ ଭାରତ ସରକାରଙ୍କ ଜାତିଗତ ଜନଗଣନା ନିଷ୍ପତିକୁ ସ୍ୱାଗତ

ଭୁବନେଶ୍ୱର, : ଗତ ୩୦ ତାରିଖ ବୁଧବାର ଦିନ ଭାରତ ସରକାର ତାଙ୍କର କ୍ୟାବିନେଟ୍‌ରେ ଜାତିଗତ ଜନଗଣନା କରିବାକୁ ମୋହର ମାରିଥିବାରୁ ନିଖିଳ ଓଡ଼ିଶା ଅନ୍ୟାନ୍ୟ ପଛୁଆବର୍ଗ ମହାସଂଘର ସାଧାରଣ ସମ୍ପାଦକ ଶ୍ରୀ ପ୍ରତାପ କିଶୋର ବାରିକ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କୁ ସାଧୁବାଦ ଜଣାଇବା ସଂଗେସଂଗେ ଉକ୍ତ ନିଷ୍ପ□କୁ ସ୍ୱାଗତ କରିଛନ୍ତି । ଜାତିଗତ ଜନଗଣନା ପାଇଁ ଥିବା ବହୁ ଦିନର ଦାବି ପୂରଣ ହୋଇଥିବାରୁ ଦଳିତ ଓ ପଛୁଆବର୍ଗ ମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉକ୍ତ ଜାତିଗତ ଜନଗଣନା ନିଷ୍ପ□କୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଧିବଦ୍ଧ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ଶ୍ରୀ ବାରିକ ଅନୁରୋଧ କରିଛି ।

# ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ର ଥିଲା ମୁଖ୍ୟ ଭୂମିକା ବରିଷ୍ଠ ଅଧିବକ୍ତା ମନୋଜ ମିଶ୍ରଙ୍କ ସମ୍ବର୍ଦ୍ଧନା ସମାରୋହ



ଭୁବନେଶ୍ୱର,: 'ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି' ସହ ସହବନ୍ଧିତ କର୍ମଚାରୀ ସଂଗଠନ ଓ 'ମିଡ଼ିଆ ଫେଡେରେସନ୍ ଅଫ୍ ଓଡ଼ିଶା', ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀକ ଶ୍ରମିକ ଦିବସ ଓ ବରିଷ୍ଠ ଅଧିବକ୍ତା ତଥା ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ର ନବ ନିର୍ବାଚିତ ସଭାପତି ମନୋଜ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯିବା ଅବକାଶରେ ଏକ ସମ୍ବର୍ଦ୍ଧନା ସଭା ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନ, ୟୁନିଟ୍-୫, ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ କହିଥିଲେ ଯେ, ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ମନୋଜ ମିଶ୍ର ବହୁ ଭୋଟ୍ ବ୍ୟବଧାନରେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଥିବାରୁ ଓ ଓଡ଼ିଶାର ବିଭିନ୍ନ କର୍ମଚାରୀ ସଂଗଠନ ତରଫରୁ ଏହି ମହାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବାରୁ ଏହା ଏକ ଐତିହାସିକ ପରମ୍ପରାର ଏକ ମାର୍ଗଦର୍ଶନ ମାତ୍ର । ଅନ୍ୟତମ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ସର୍ବଶ୍ରୀ ଜଗନ୍ନାଥ ପ୍ରଧାନ, ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ପତ୍ରକାର ସତ୍ୟପ୍ରକାଶ ନାୟକ, ଆଇନ୍‌ଜୀବୀ ଲଳିତ ମୋହନ ନନ୍ଦ ଓ ନଗେନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରୀଯୁକ୍ତ ମିଶ୍ରଙ୍କର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ସେମାନେ ବକ୍ତବ୍ୟ ରଖିଥିଲେ ଯେ ମନୋଜ ମିଶ୍ର ଖୁବ୍ କମ୍ ବ୍ୟବଧାନରେ ବିଶେଷକରି ଗରିବ କର୍ମଚାରୀମାନଙ୍କୁ ସେବାଦାନ କରିବା ପରିପ୍ରେକ୍ଷୀରେ ସେମାନଙ୍କୁ ଥଇଥାନ କରିବା ଓ ନିଜସ୍ୱ ଆଇନ୍‌ଜୀବୀ ଶୈଳୀରେ କୋର୍ଟରେ ବହୁ ଯୁକ୍ତିଯୁକ୍ତ ଆଇନ୍ ପରିବେଷଣ କରିବା ସେ ଥିଲା ତାଙ୍କର ଏକ ଆଇନ୍‌ଜୀବୀ ଦକ୍ଷତାର ପରିପ୍ରକାଶ । ଯେଉଁଥିପାଇଁ ଆଜି ଓଡ଼ିଶାର ବିଭିନ୍ନ ସଙ୍ଗଠନ ତରଫରୁ ଶ୍ରୀଯୁକ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଗେଇ ଆସିଛନ୍ତି । ଶ୍ରୀ ମିଶ୍ରଙ୍କୁ ଓଡ଼ିଶାର ବିଭିନ୍ନ କର୍ମଚାରୀ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯିବା ଏହା ବହୁଗୁଣିତ ଭାବର ସୁଚିନ୍ତିତ ପଦକ୍ଷେପକୁ ସାଙ୍ଗଠନିକ ବ୍ୟବସ୍ଥାର ଏକ ଉତ୍ତମ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ । ସମ୍ବର୍ଦ୍ଧନା ସଭାରେ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଅଭିଭାଷଣ ରଖିଥିଲେ ଯେ ମନୋଜ ବାବୁ ଜଣେ ସୁଦକ୍ଷ ସନ୍ତାନ । ଅସହାୟ, ନିରାଶୟ, ଅକ୍ଷମ ବ୍ୟକ୍ତିବିଶେଷଙ୍କୁ ତଥା ସର୍ବୋପରି ସରକାରଙ୍କ ଦ୍ୱାରା ଲାଞ୍ଛିତ ହେଉଥିବା ଦୀନ ଦରିଦ୍ର ଅସ୍ଥାୟୀ କର୍ମଚାରୀମାନଙ୍କୁ ଶ୍ରୀ ମିଶ୍ର କୋର୍ଟରେ ଅକାଟ୍ୟ ଯୁକ୍ତିକରି ସେମାନଙ୍କୁ ଦାନା ଦେଇ ବ□ାଇଥିବା ଏହା ହେଉଛି ତାଙ୍କର ଅନ୍ୟତମ ଚିନ୍ତାଧାରା ବିକଳ୍ପ ବ୍ୟବସ୍ଥାର ଆଇନ୍ ଅଭିଜ୍ଞତାର ପରିଚୟ । ସମ୍ବର୍ଦ୍ଧିତ ସେହି ମହାନ୍ ବରିଷ୍ଠ ଅଧିବକ୍ତା ତାଙ୍କ ସମ୍ଭାଷଣରେ କହିଥିଲେ ଯେ, ସରକାର ଯେଉଁ ଦୀନ, ଦରିଦ୍ର, ଅସ୍ଥାୟୀ କର୍ମଚାରୀମାନଙ୍କୁ ଅଣଦେଖା କରି ଛଟେଇର ଶିକାର କରୁଥିଲେ ସେମାନେ ଆଜି ସ୍ଥାୟୀ ନିଯୁକ୍ତିରେ ଅବସ୍ଥାପିତ ଓ ସେମାନଙ୍କୁ ସରକାର ଅବସରକାଳୀନ ଭତା ଓ ପେନ୍‌ସନ୍ ଦେବାରେ ଅସମର୍ଥ ହୋଇଥିବାରୁ ସେମାନେ କିପରି ନ୍ୟାୟ ପାଇବେ, ସେଥିପାଇଁ ମୁଁ ସଦା ତତ୍ପର । ଉକ୍ତ ସମ୍ବର୍ଦ୍ଧନା ସଭାରେ ବହୁ ବିଶିଷ୍ଟ ଶିକ୍ଷାବିତ୍, କର୍ମଚାରୀ ନେତା ମତବ୍ୟକ୍ତ କରିଥିବା ବେଳେ ଅନ୍ୟତମ କର୍ମଚାରୀ ନେତା ଗଗନ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ । ଆଶିଷ ନନ୍ଦ ବିବରଣୀ ପାଠ କରିଥିଲେ, ଗଙ୍ଗାଧର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ମିଶ୍ରଙ୍କୁ ଓଡ଼ିଶାର ବିଭିନ୍ନ କର୍ମଚାରୀ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯିବା ଏହା ବହୁଗୁଣିତ ଭାବର ସୁଚିନ୍ତିତ ପଦକ୍ଷେପକୁ ସାଙ୍ଗଠନିକ ବ୍ୟବସ୍ଥାର ଏକ ଉତ୍ତମ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ ।

# ରାଜ୍ୟପାଳଙ୍କୁ ଭେଟିଲେ ମହା ଡାକପାଳ

ଭୁବନେଶ୍ୱର : ଓଡ଼ିଶା ମଣ୍ଡଳର ମୁଖ୍ୟ ମହା ଡାକପାଳ ଶ୍ରୀ ନିର୍ମଳଜିତ ସିଂହ, ଏବଂ ଡାକ ସେବା ନିର୍ଦ୍ଦେଶକ ଶ୍ରୀ ଅମିତ କୁମାର ଝା, ଆଜି ରାଜଭବନ ଠାରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟ ମାନ୍ୟବର ରାଜ୍ୟପାଳଙ୍କୁ ରାଜ୍ୟର ନାଗରିକମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଡାକ ସେବା ଏବଂ ଭାରତୀୟ ଡାକର ଆଗାମୀ ଆଇଟି ଆଧୁନିକୀକରଣ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ ଯାହା ଅତ୍ୟନ୍ତ ଗ୍ରାହକ ଅନୁକୂଳ ହେବ। ଓଡ଼ିଶା ମଣ୍ଡଳ ମୁଖ୍ୟ ମହା ଡାକପାଳ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କୁ ଗୋଟିଏ "ମାଇଁ ଷ୍ଟାମ୍ପ" ପ୍ରଦାନ କରିଥିଲେ।

# ଜାତି ଜନଗଣନା ନିଷ୍ପତି ସ୍ୱାଗତଯୋଗ୍ୟ : ସମାଜବାଦୀ ପାର୍ଟି



ଭୁବନେଶ୍ୱର, : ଆଗାମୀ ୨୦୨୬ ମସିହାରେ ହେବାକୁ ଥିବା ଜନଗଣନା ସହ ଜାତିଭିତିକ ଜନଗଣନା ପାଇଁ ଭାରତ ସରକାରଙ୍କ କ୍ୟାବିନେଟ ଅନୁମୋଦନ ପରେ ପଛୁଆବର୍ଗଙ୍କ ସାମାଜିକ ନ୍ୟାୟର ଦ୍ୱାର ଉନ୍ମୁକ୍ତ ହୋଇଛି। ସରକାରଙ୍କ ଏହି ନିଷ୍ପତିକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ସ୍ୱାଗତ କରୁଛି। ପାର୍ଟିର ରାଜ୍ୟ ସଭାପତି ଶ୍ରୀ ଶିବହାତୀ ଯାଦବ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, ପାର୍ଟିର ରାଷ୍ଟ୍ରୀୟ ସଭାପତି ଶ୍ରୀ ଅଖିଲେଶ ଯାଦବଙ୍କ ଦୀର୍ଘଦିନର ଦାବିକୁ ସରକାର ସ୍ୱୀକୃତି ଦେଇଥିବାରୁ ସେ ସାଧୁବାଦ ଜଣାଇଛନ୍ତି। ଶ୍ରୀ ହାତୀ କହିଛନ୍ତି ଯେ, ଜାତିଭିତିକ ଜନଗଣନା କରିବା ଦ୍ୱାରା ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଓ ଉଚାନ କ୍ଷେତ୍ରରେ ବିଶେଷ ସହାୟକ ହେବା ସଙ୍ଗେ ସଙ୍ଗେ ଦଳିତ ଓ ପଛୁଆବର୍ଗଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବାରେ ସରକାରଙ୍କୁ ସହାୟକ ହେବ।କେନ୍ଦ୍ର ସରକାରଙ୍କ ନିଷ୍ପତି ପରେ ତଦନୁଯାୟୀ ଓଡ଼ିଶା ସରକାର ମଣ୍ଡଳ କମିଶନ ରିପୋର୍ଟ ଆଧାରରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ସହିତ ପଚାୟତିରାଜ ବ୍ୟବସ୍ଥାରେ ପଛୁଆବର୍ଗଙ୍କୁ ଅଗ୍ରାଧିକାର ସହ ସାମାଜିକ ଓ ଅର୍ଥନୈତିକ ପଛୁଆ ଶ୍ରେଣୀକୁ ଉଚ୍ଛେଦ କରି ଇଡବ୍ଲୁଏସ୍ ସଂରକ୍ଷଣ ମଧ୍ୟବି□ ବର୍ଗଙ୍କ ପାଇଁ ଲାଗୁ କରିବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି।

# କାମରେ ଆସୁନି ପାଣି ମିଟର



ଭୁବନେଶ୍ୱର : ରାଜ୍ୟର ସହରାଞ୍ଚଳରେ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସ୍ମାର୍ଟ କରିବାପାଇଁ ଲଗାଯାଇଥିବା ସ୍ମାର୍ଟ ପାଣିମିଟର କାମରେ ଆସୁନି । ପାଣି ମିଟରର ରିଡିଂ ନେବାକୁ କେହି ଆସୁନଥିବାବେଳେ କେତେକ ସ୍ଥାନରେ ଏହା ଚୋରିହୋଇ ଗଲାଣି ।ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ପ୍ରାୟ ୭୦ଲକ୍ଷ ଲୋକଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବସୁଧା, ଅମୃତ ୨.୦ ଏବଂ ୨୪ଘଣ୍ଟିଆ ଜଳଯୋଗାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୧୧୫ଟି ପୌରସଂସ୍ଥା ମଧ୍ୟରୁ ୧୧ଟି ପୌରାଞ୍ଚଳରେ ଡ୍ରିଙ୍କ୍? ଫ୍ରମ ଟ୍ୟାପ୍? ଯୋଜନା କାର୍ଯ୍ୟକାରୀ ହେଉଛି । ଅର୍ଥାତ୍? ଲୋକେ ସିଧାସଳଖ ଟ୍ୟାପରୁ ପାଣି ନେଇ ପିଇପାରିବେ । ଏହି ଜଳ ଆକ୍ୱାଗାର୍ଡ ମାନର ବୋଲି କୁହାଯାଉଛି । ତେବେ ୧୧୪ଟି ପୌରସଂସ୍ଥାରେ ଶତ ପ୍ରତିଶତ ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି ।ତେବେ ରାଜଧାନୀରେ ପାନୀୟଜଳ ଯୋଗାଣ ଉପରେ ନଜର ରଖିବାପାଇଁ ହିତାଧିକାରୀଙ୍କ ଘରେ କର୍ତ୍ତୃପକ୍ଷ ପାଣି ମିଟର ଲଗାଇଥିଲେ । ପ୍ରତିମାସରେ ଏହାର ଜଳ ବ୍ୟବହାରର ହିସାବ କରାଯିବା ସହିତ ସେହି ଅନୁଯାୟୀ ଅର୍ଥ ଆଦାୟର ବ୍ୟବସ୍ଥା ହୋଇଥିଲା । ଏଥି ସହିତ ଲୋକେ କେଉଁ ମାନର ଜଳ ପାଉଛନ୍ତି ତାହାର ମାନ ପରୀକ୍ଷାପାଇଁ ମଧ୍ୟ ତାଲିମ ଦିଆଯାଇଥିଲା । ଏହିସବୁ କାର୍ଯ୍ୟପାଇଁ ଜଳ ସାଥୀମାନେ ନିଯୁକ୍ତ ହୋଇଥିଲେ । ସହରାଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠି ଓ୍ୱିନ୍ନରମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା ।ତେବେ ଇତି ମଧ୍ୟରେ ଜଳସାଥୀମାନେ କାମରୁ ଅନ୍ତର ହୋଇଛନ୍ତି । ଫଳରେ ପାଣି ମିଟରର ହିସାବ ନେବାକୁ କେହି ଆସୁନାହାନ୍ତି କି ପାଣି ପରୀକ୍ଷା ବି ହେଉନାହିଁ । ଜଳକର ଆଦାୟ ପାଇଁ ବିଭିନ୍ନ ବ୍ୟାଙ୍କ୍? ସହିତ ରାଜିନାମା କରି ଯେଉଁ ପୋସ୍? ମେସିନ୍?ଗୁଡିକ ଆଣି ଯୋଗାଇଥିଲେ ତାହାର ସ୍ଥିତି ଏବେ କ'ଣ ତାହାର ସଠିକ୍? ସୂଚନା ମିଳୁନାହିଁ ।ତେବେ ବହୁ ସ୍ଥାନରେ ପାଣି ମିଟରକୁ ଚୋର ଓ ନିଶାଡିମାନେ ନେଇ ଯାଉଛନ୍ତି । ଯେହେତୁ ଏହା କୌଣସି କାମରେ ଆସୁନାହିଁ, ତେଣୁ ନୂଆ ମିଟର ଲଗାଇବା ଉପରେ ଆଉ ସେଭଳି କେହି ଗୁରୁତ୍ୱ ଦେଉନାହାନ୍ତି । ଅନ୍ୟ ପକ୍ଷରେ ସରକାର ଯୋଗାଉଥିବା ଆକ୍ୱାଗାର୍ଡ ମାନର ଜଳ ଯେତିକି ବ୍ୟବହାର ହେଉଛି ତାହାର ବହୁଗୁଣା ଅପଚୟ ହେବାରେ ଲାଗିଛି । ଆକ୍ୱାଗାର୍ଡ ମାନର ଜଳ ପ୍ରସ୍ତୁତ ପାଇଁ ଲିଟର ପିଛା ୧୦ ରୁ ୨୦ ପଇସା ଖର୍ଚ୍ଚ ହେଉଥିବାବେଳେ ଏହି ଜଳର ସିଂହଭାଗ ଲୁଗାସଫା, ଶୌଚାଳୟ, ଗାଡିଧୁଆ, ବଗିଚାରେ ଅପଚୟ ହେଉଛି । ଅନ୍ୟ ବଡ ବଡ ସହର ଭଳି ଏହିସବୁ କାର୍ଯ୍ୟ ପାଇଁ ପୃଥକ ଜଳ ଯୋଗାଣ ବ୍ୟବସ୍ଥା ନଥିବାରୁ ଗୁଣାତ୍ମକ ଜଳ ପାଇଁ ସରକାର ଖର୍ଚ୍ଚ କରୁଥିବା କୋଟି କୋଟି ଟଙ୍କା ପାଣିରେ ପଡିବାରେ ଲାଗିଛି ।

# ବଢୁଛି ଜଳକଷ୍ଟ, ଅସ୍ତିତ୍ୱ ହରାଉଛି ଜଳାଶୟ

ବରଗଡ : ବରଗଡ଼ ପୌର ପରିଷଦ ୧୯ୱାର୍ଡକୁ ନେଇ ଗଠିତ। ଏକଦା ପ୍ରତି ୱାର୍ଡରେ ଏକାଧିକ ଜଳାଶୟ(ବନ୍ଧ,କଟା) ରହିଥିଲା। ପୂର୍ବପୁରୁଷମାନେ ଶ୍ରମଦାନ କରି ଏଠାରେ ଅନେକ ଜଳାଶୟ ଖୋଳିଥିଲେ ଏବଂ ସେଗୁଡ଼ିକର ପୃଥକ୍ ନାମକରଣ କରିଥିଲେ। ବରଗଡ଼ ସହରରେ ପୂର୍ଣ୍ଣିବନ୍ଧ, ମଝଲି ବନ୍ଧ, ବାହାବଲ ବନ୍ଧ, ସୁନାରୀ ବନ୍ଧ, ରାଣୀବନ୍ଧ, ଭୁର୍ଷୁନ ବନ୍ଧ, ଦୋରାବନ୍ଧ, ନିଲିବନ୍ଧ, ମନାବନ୍ଧ, ଦାନୀକଟା, ଖଜୁରକଟା, ନାମବନ୍ଧ, ରୁହୁନିଆ ବନ୍ଧ, ବିଂଶି ବନ୍ଧ, ଫକୀରା ବନ୍ଧ ନାମକ ପାଖାପାଖି ୨୫ବନ୍ଧ, କଟା ରହିଥିଲା। ସେହି ଜଳାଶୟ ପାଣିକୁ ସ୍ଥାନୀୟ ଲୋକେ ପିଇବାଠାରୁ ଆରମ୍ଭ କରି ରୋଷେଇ ଏବଂ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିଲେ। କିନ୍ତୁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଜଳାଶୟଗୁଡ଼ିକ ଅସ୍ତିତ୍ୱ ହରାଇବାରେ ଲାଗିଛି। ଏପରି କି ଅନେକ ଲୋପ ପାଇ ଗଲାଣି। ପାଣି ବଦଳରେ କେଉଁଠି ଅନାବନା ଘାସ, ଲଟା ପରିପୂର୍ଣ୍ଣ ଅଛି ତ ଆଉ କେଉଁଠାରେ ଜଳାଶୟ ଶୁଖିଲା ପଡ଼ିଛି। ସେହିପରି ମଇଳା, ଆବର୍ଜନା ପକାଇବା ଯୋଗୁ କିଛି ଜଳାଶୟ ପୋତି ହୋଇଯାଉଥିବା ବେଳେ ଶୁଖିଲା ପଡ଼ିଥିବା କେତେକ ବନ୍ଧକଟା ଏବେ ପିଲାଙ୍କ କ୍ରିକେଟ୍ ପିଚ୍ ପାଲଟିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ